

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୭ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 DECEMBER 2023

Vol.No. 34 ■ No. 330■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡିଶାରେ କାଶ୍ମୀର ଆତଙ୍କବାଦୀ

## ଯାଜପୁର ଧର୍ମଶାଳାରୁ ଗିରଫ କଲା କ୍ରାଇମବ୍ରାଂଚ ଏସଟିଏଫ୍



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଓଡିଶାରୁ ଧରାପଡିଛି ସନ୍ଦିଗ୍ଧ କାଶ୍ମୀର ଯୁବକ। ଦେଶ ବିରୋଧୀ ତତ୍ୱ, ଠକେଇ, ଜାଲିଆତି ଅଭିଯୋଗରେ କାଶ୍ମୀରରେ ମୋଷ୍ଟ ୱାଂଟେଡ୍ ଥିବା ଜଣେ ଯୁବକକୁ ଯାଜପୁର ଧର୍ମଶାଳାରୁ ଧରିଛି କ୍ରାଇମବ୍ରାଂଚ ଏସଟିଫ୍ । ଯୁବକର ନାଁ ସୟଦ ଇଶାନ ବୁଖାରୀ ଓରଫ୍ ଡା. ଇଶାନ ବୁଖାରୀ। ତାକୁ କ୍ରାଇମବ୍ରାଂଚ ମୁଖ୍ୟ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଛି। ଶନିବାର ଅପରାହ୍ନରେ ଚଣ୍ଡିଖୋଲ କୋର୍ଟରେ ଇଶାନକୁ ହାଜର କରାଯିବା ପରେ ଜେଲ୍ କୁ ପଠାଇ ଦିଆଯାଇଥିବା ଜଣାପଡିଛି। ଶନିବାର କ୍ରାଇମବ୍ରାଂଚ ଆଇଜି ଜୟନାରାୟଣ ପଙ୍କଜ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କାଶ୍ମୀର ପୁଲିସର ୱାଂଟେଡ ତାଲିକାରେ ଥିବା ସୟଦ ଇସାନ ବୁଖାରୀକୁ ଯାଜପୁର ଜିଲ୍ଲା ନେଉଳପୁର କ୍ରାଇମବ୍ରାଂଚ ଏସଟିଏଫ୍ ଗିରଫ କରିଛି। ତା ନିକଟରୁ ଅନେକଗୁଡ଼ିଏ ବିଦେଶୀ ନକଲି କାଜଗପତ୍ର ଜବତ କରାଯାଇଛି। ଗିରଫ ଯୁବକର ନାଁ ସଇଦ ଇଶାନ ବୁଖାରୀ ଓ ତା'ଘର କୁପୱାଡାରେ। ଛଦ୍ମ ପରିଚୟରେ ସେ ୨୦୧୮ରୁ ଓଡ଼ିଶାରେ ରହୁଥିଲା। ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତର ଯୁବତୀଙ୍କୁ ନିଜ ପ୍ରେମ ଜାଲରେ ଫସାଇ ବିବାହ କରିଥିଲା। ତା'ର ପତ୍ନୀଙ୍କ ସଂଖ୍ୟା ୭ରୁ ଅଧିକ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଓଡିଶା , କାଶ୍ମୀର, ୟୁପି, ମହାରାଷ୍ଟ୍ର, ପଞ୍ଜାବ ସମେତ ବିଭିନ୍ନ ରାଜ୍ୟର ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲେ। ଏହାବାଦ ବିଭିନ୍ନ ୱେବସାଇଟ୍ ଓ ଆପ୍ ରେ ମଧ୍ୟ ସେ ଯୁବତୀଙ୍କ ସହ ସଂପର୍କ ରଖିଥିଲା । ଆଇଜି କହିଛନ୍ତି ବୁଖାରୀର ଆତଙ୍କୀ ଲିଙ୍କ୍ ନେଇ ଯାଂଚ ଚାଲିଛି। ୭ ଦିନ ପାଇଁ ରିମାଣ୍ଡରେ ନେଇ ପଚରାଉଚରା କରିବୁ। 'କଶ୍ମୀର ଓ ପଞ୍ଜାବ ପୁଲିସ ସହ ବି ଯୋଗାଯୋଗରେ ଅଛୁ। ନିଜକୁ ଡାକ୍ତର ▶▶ପୃଷ୍ଠା ୭

# ରାଜ୍ୟରେ ବଢୁଛି ଶୀତ: ୧୦ ଡିଗ୍ରୀ ତଳକୁ ଖସିଲା ପାରଦ



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ବଢୁଛି ଶୀତ। ସକାଳେ କୁହୁଡିର ଚାଦର ଢାଙ୍କି ହୋଇଯାଉଛି। ସନ୍ଧ୍ୟା ହେବା ମାତ୍ରେ ମାଡ଼ି ଆସୁଛି ଜାଡ଼। ଦେହ ଥରାଇ ଦେଉଛି କୋହଲା ପବନ। ବିଶେଷକରି ଉପାନ୍ତ ଓ ପାହାଡିଆ ଅଞ୍ଚଳମାନଙ୍କରେ ଅଧିକ ଶୀତ ଅନୁଭୂତ ହେଉଛି । ଶୀତର ପ୍ରକୋପ ଯୋଗୁ ରାଜ୍ୟରେ ୧୦ ଡିଗ୍ରୀ ତଳକୁ ଖସିଛି ପାରଦ। ରାଜ୍ୟରେ ୬ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ତେବେ ୮.୩ ଡିଗ୍ରୀ ରାତ୍ରୀ ତାପମାତ୍ରା ସହ ସୁନ୍ଦରଗଡ଼ ଜିଲ୍ଲାର କିରେଇ ସବୁଠୁ ଥଣ୍ଡା ସହର ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜି. ଉଦୟଗିରିରେ ୮.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ଫୁଲବାଣୀରେ ୮.୫ ଡିଗ୍ରୀ, କୋରାପୁଟରେ ୯.୫ ଡିଗ୍ରୀ, ଭଦ୍ରକର ରାଣୀତାଲ ୯.୬ ଡିଗ୍ରୀ, ରାଉରକେଲା ୯.୮ ଡିଗ୍ରୀ, ▶▶ପୃଷ୍ଠା ୭

## କାଙ୍କେର ଆଇଇଡି ବିସ୍ଫୋରଣରେ ସାମିଲ ୪ ନକ୍ସଲ ଗିରଫ

କାଙ୍କେର, ୧୬/୧୨ (ନି.ପ୍ର): କାଙ୍କେର ଜିଲ୍ଲାରେ ଦୁଇଦିନ ପୂର୍ବରୁ ହୋଇଥିବା ଆଇଇଡି ବିସ୍ଫୋରଣରେ ସାମିଲ ୪ଜଣ ସକ୍ରିୟ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁକୁନ୍ଦ ନରଭାସ, ଜଗ୍ଗୁ ରାମ ଆଞ୍ଚଲ, ଅର୍ଜୁନ ପୋଟାଇ, ଦଶରଥ ଦୁଗ୍ଗା। ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା ଚଳାଇଛି ପୋଲିସ । ଏହାପରେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ଦୁଇଦିନ ତଳେ ପରତାପୁର ସଡକଟୋଲା ନିକଟରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିଦ ହୋଇଥିଲେ ।

# ୨୦୨୪ ପାଇଁ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଘୋଷଣା କଲେ ମନ୍ତ୍ରୀ ଅଶୋକ ପଣ୍ଡା



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନକୁ ଆହୁରି ଅନେକ ସମୟ ବାକି ରହିଛି। କିଏ ଟିକେଟ ପାଇବେ, କାହା ଟିକେଟ କଟିବ ସେନେଇ ସେମିତି କିଛି ଆଲୋଚନା ସାଧାରଣରେ ଆରମ୍ଭ ହୋଇନାହିଁ। ଏସବୁ ପାଇଁ ଆହୁରି ଢେର ସମୟ ଥିବା ବେଳେ ଅଦିନରେ ଭୁବନେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଭୁବନେଶ୍ୱରର ୫୬ ନମ୍ବର ୱାର୍ଡର ଲେବର କଲୋନୀରେ ବିଜେଡିର ଜନ ସଂପର୍କ ଯାତ୍ରା ଅବସରରେ ସେ ଏହି ଘୋଷଣା କରିଥିଲେ। ସେ କହିଥିଲେ ଯେ ଆସନ୍ତା ଦିନରେ ଶ୍ରୀମୟୀ ମିଶ୍ରଙ୍କୁ ବିଜେଡିରୁ ଭୁବନେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ମୁଖ୍ୟମନ୍ତ୍ରୀଙ୍କ ସମ୍ମାନର ପ୍ରଶ୍ନ। ▶▶ପୃଷ୍ଠା ୭

## ଅଶୋକଙ୍କ ଘୋଷଣାରେ ପାଟ୍ଟଶାଣୀ ନିରାଶ: କହିଲେ- ଦଳ ଆଉ ସେ ଭୁଲ୍ କରିବନି



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ଏକାମ୍ର ନିର୍ବାଚନମଣ୍ଡଳୀର ବିଜେବି ନଗର ଅଂଚଳର ୫୬ନମ୍ବର ୱାର୍ଡରେ ବିଜେଡି ପଦଯାତ୍ରାବେଳେ ଦଳର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଭୁବନେଶ୍ୱର ସଂସଦୀୟ ଆସନର ବିଜେଡି ପ୍ରାର୍ଥୀ ଭାବେ ମନ୍ତ୍ରୀ ଶ୍ରୀ ପଣ୍ଡା ଘୋଷଣା କରିଥିବା ବେଳେ ଦଳର ଉପସଭାପତି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏହି ଆସନରୁ ୫ ଥର ବିଜୟୀ ହୋଇ ଗତଥର ଟିକେଟ୍ ପାଇ ନଥିବା ଶ୍ରୀ ପାଟ୍ଟଶାଣୀ କହିଛନ୍ତି, କେତେ ଏମିତି ଆସିବେ ଆଉ ଯିବେ। ଆମେ ଲୋକଙ୍କ ସହ ଅଛୁ। ଲୋକଙ୍କ ସହ ଯିଏ ଥାଏ ତାର ପରାଜୟ ହୁଏନି। ମୁଁ କେବେ ହାରିନି। ମୋତେ ଟିକେଟ ଦେଇଥିଲେ ମୁଁ ବହୁ ଭୋଟ୍‌ରେ ଜିତିଥା'ନ୍ତି। ଯଦି ତାଙ୍କୁ ଟିକେଟ ଦେଲେ, ତେବେ ଭଲକଥା। କିନ୍ତୁ ମୋର ବିଶ୍ୱାସ ଅଛି, ଦଳ ଏ ଭୁଲ୍ କେବେ କରିବନି। ▶▶ପୃଷ୍ଠା ୭

# ୭ ଦିନିଆ ରିମାଣ୍ଡରେ ଗଲା ମହେଶ କୁମାୱତ



ନୂଆଦିଲ୍ଲୀ, ୧୬/୧୨ : ସଂସଦ ସୁରକ୍ଷାରେ ତ୍ରୁଟି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ମହେଶ କୁମାୱତକୁ ରିମାଣ୍ଡରେ ନେଇଛି ପୁଲିସ। ମାଷ୍ଟରମାଇଣ୍ଡ ଲଳିତ ଝା'ର ସମ୍ପର୍କୀୟ ଭାଇ କୁହାଯାଉଥିବା ମହେଶକୁ ଦିଲ୍ଲୀ ସ୍ପେଶାଲ ସେଲ୍ ପୁଲିସ ୭ ଦିନିଆ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବ। ସୂଚନା ମୁତାବକ, ଗିରଫ ପରେ ଆଜି ମହେଶକୁ ପୁଲିସ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ହାଜର କରିଥିଲା। ଏଠାରେ ପୁଲିସ ତାକୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ଶୁଣାଣି ପରେ କୋର୍ଟ ପୁଲିସକୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ମଞ୍ଜୁରୀ ଦେଇଛନ୍ତି। ପାର୍ଲାମେଣ୍ଟ ସୁରକ୍ଷାରେ ତ୍ରୁଟି ମାମଲର ମାଷ୍ଟରମାଇଣ୍ଡ ଥିବା ଲଳିତକୁ ମହେଶ ସାହାଯ୍ୟ କରିଥିବା ଅଭିଯୋଗ ରହିଛି। ଘଟଣା ପରେ ମହେଶକୁ ପୁଲିସ ଖୋଜିଥିଲା। ଅନେକ ସମ୍ଭାବ୍ୟ ସ୍ଥାନ ଉପରେ ପୁଲିସ ଟିମ୍ ଚଢ଼ାଉ ମଧ୍ୟ କରିଥିଲା। କିନ୍ତୁ ଗୁରୁବାର ମହେଶ ନିଜେ ଆସି ପୁଲିସ ଷ୍ଟେସନରେ ଆତ୍ମସମର୍ପଣ କରିଥିଲା। ▶▶ପୃଷ୍ଠା ୭

# ସଂସଦରେ ସୁରକ୍ଷା ତ୍ରୁଟି ପାଇଁ ବେକାରୀ ସମସ୍ୟା ଦାୟୀ: ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୧୬/୧୨ : ସଂସଦରେ ସୁରକ୍ଷା ତ୍ରୁଟି, କିଛି ଯୁବକ ଗୃହକୁ ପଶି ହଙ୍ଗାମା କରିବା ଘଟଣାରେ ମୁହଁ ଖୋଲିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ବେରୋଜଗାରୀ କାରଣରୁ ଏପରି ଏକ ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି ରାହୁଲ। ସେ କହିଛନ୍ତି, ସଂସଦ ସୁରକ୍ଷା ବ୍ୟବସ୍ଥାରେ ଏପରି ଏକ ବଡ ବିଭ୍ରାଟ ଘଟିବା ପାଇଁ ବେକାରୀ ସମସ୍ୟା ଦାୟୀ। ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାହୁଲ ଗାନ୍ଧି କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଲିସି(ନୀତି) ଯୋଗୁଁ ଦେଶର ଯୁବପିଢି ରୋଜଗାର ପାଇପାରୁ ନାହାଁନ୍ତି। ବେରୋଜଗାର ହେଉଛି ସୁରକ୍ଷା ଭଙ୍ଗ ହେବାର ମୁଖ୍ୟ କାରଣ।' ରାହୁଲ ଗାନ୍ଧି ଆହୁରି କହିଛନ୍ତି ଯେ, ବର୍ତ୍ତମାନ ଭାରତରେ ଲୋକମାନେ ସମ୍ମୁଖୀନ ହେଉଥିବା ସବୁଠାରୁ ବଡ ସମସ୍ୟା ହେଉଛି ବେକାରୀ। ପ୍ରକୃତରେ ସୁରକ୍ଷାରେ ଉଲ୍ଲଂଘନ ଘଟିଛି। କିନ୍ତୁ କଥା ହେଉଛି ଏହା କାହିଁକି ଘଟିଲା ? ମୁଖ୍ୟ ପ୍ରସଙ୍ଗ ହେଉଛି ବେକାରୀ। ମୋଦିଜୀଙ୍କ ପଲିସି ଯୋଗୁଁ ଭାରତବାସୀ ଚାକିରି ପାଇପାରୁ ନାହାଁନ୍ତି। ବେକାରୀ ଏବଂ ମୁଦ୍ରାସ୍ଫୀତି ସଂସଦର ସୁରକ୍ଷା ଉଲ୍ଲଂଘନ ପଛର କାରଣ ବୋଲି ରାହୁଲ ଗାନ୍ଧି କହିଛନ୍ତି। ପ୍ରକାଶ ଥାଉ କି, ଲୋକସଭାକୁ ପଶି ଗ୍ୟାସ୍ ସ୍ପ୍ରେ କରିଥିବା ଅଭିଯୁକ୍ତମାନେ ମଧ୍ୟ ଏପରି କିଛି କାରଣ ଦର୍ଶାଇଥିଲେ। ସେମାନେ ବିଭିନ୍ନ ବେକାରୀ, କୃଷକ ସମସ୍ୟା ଏବଂ ମଣିପୁର ହିଂସା ଭଳି ପ୍ରସଙ୍ଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିୟମ ଉଲ୍ଲଂଘନ କରି ଗୃହକୁ ପ୍ରବେଶ କରିଥିବା କଥା କହିଥିଲେ।

# ଓଡ଼ିଶାର ମଦଭାଟିରୁ ଜବତ ସବୁଟଙ୍କା ଆମ ପରିବାରର: ଧୀରଜ ସାହୁ



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଆୟକର ବିଭାଗ ଚଢ଼ଉ କରି ୩୫୧କୋଟି ଟଙ୍କା ନଗଦ ଜବତ କରିବାପରେ ଆଜି ମୁହଁ ଖୋଲିଛନ୍ତି କଂଗ୍ରେସ ସାଂସଦ ଧୀରଜ ପ୍ରସାଦ ସାହୁ । ଓଡ଼ିଶାର ମଦଭାଟିରୁ ଆୟକର ବିଭାଗ ଯେଉଁ ଟଙ୍କା ପାଇଛି ତାହା ତାଙ୍କ ପରିବାର ସଦସ୍ୟଙ୍କର। ଏସବୁ ଟଙ୍କାର ଟିକିନିଖି ହିସାବ ଆୟକର ବିଭାଗକୁ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏହାସହିତ ଗତ ଡିସେମ୍ବର ୬ତାରିଖରୁ ସାହୁ ବ୍ରଦର୍ସଙ୍କ ବ୍ୟବସାୟିକ ଫାର୍ମ ଉପରେ ଚାଲିଥିବା ଆୟକର ଚଢ଼ଉ ଆଜି ଭୋରରୁ ସମାପ୍ତ ହୋଇଥିବା ଜଣାପଡ଼ିଛି । ଆୟକର ବିଭାଗ ମଧ୍ୟ ମୋଟ ୩୫୧କୋଟି ଟଙ୍କା ନଗଦ ଜବତ କରିଥିବା ନେଇ ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ(ସିବିଡିଟି)କୁ ଅନ୍ତରୀଣ ରିପୋର୍ଟ ଦେଇଛି ବୋଲି ଚର୍ଚ୍ଚା ହେଉଛି । ଆଜି ଝାଡ଼ଖଣ୍ଡରୁ କଂଗ୍ରେସର ରାଜ୍ୟସଭା ସାଂସଦ ଧୀରଜ ପ୍ରସାଦ ସାହୁ ଏହି ଆୟକର ଚଢ଼ଉ ପରେ ଗଣମାଧ୍ୟମକୁ ପ୍ରଥମଥର ପାଇଁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏବେ ଯାହା ସବୁ ଚାଲିଛି ତାହା ତାଙ୍କୁ କଷ୍ଟ ଦେଇଛି। ଯେଉଁ ଟଙ୍କା ମିଳିଛି ସେସବୁ ତାଙ୍କ ଫାର୍ମର ▶▶ପୃଷ୍ଠା ୭

## ଗାନ୍ଧି ପରିବାରର ଏଟିଏମ ଥିଲେ ଧୀରଜ ସାହୁ



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ଗାନ୍ଧି ପରିବାରର ଏଟିଏମ ଥିଲେ ଝାଡ଼ଖଣ୍ଡର କଂଗ୍ରେସ ସାଂସଦ ଧୀରଜ ସାହୁ। ନିଜ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ଧୀରଜଙ୍କୁ ବ୍ୟବହାର କରୁଥିଲେ ଗାନ୍ଧି ପରିବାର। ଆଜି କିଛି ଏଭଳି ଢଙ୍ଗରେ କଂଗ୍ରେସ ସାଂସଦ ଧୀରଜ ସାହୁଙ୍କୁ କଡ଼ା ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଜବତ ହୋଇଥିବା ୩୫୧କୋଟି ଟଙ୍କା କୁଆଡୁ ଆସିଲା ବୋଲି ପ୍ରଶ୍ନ କରିଛନ୍ତି ଧର୍ମେନ୍ଦ୍ର। ସେ କହିଛନ୍ତି, ଅନେକ ରାଜ୍ୟର ଅବକାରୀ ନିୟମକୁ ନିଜ ଢଙ୍ଗରେ ଚଳାଉଥିଲେ ଧୀରଜ। ଗାନ୍ଧି ପରିବାର ସହ ଫଟୋ ଉଠାଇ ବେପାର କରୁଥିଲେ । ଏମିତିକି ଗାନ୍ଧି ପରିବାରର ▶▶ପୃଷ୍ଠା ୭

# କେରଳରୁ କୋଭିଡ ନୂଆ ସବଭ୍ୟାରିଆଂଟ ରୋଗୀ ଚିହ୍ନଟ

କେରଳ, ୧୬/୧୨: ଚୀନରେ କୋଭିଡର ନୂଆ ସବ ଭ୍ୟାରିଆଂଟକୁ ନେଇ ଆତଙ୍କ । ଜେଏନଡଟ ୱାନ ଭାରିଆଂଟରେ ୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେପଟେ ଡିସେମ୍ବର ୧୩ରେ କେରଳରେ ଏହି ଭୁତାଣୁରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ସଂକ୍ରମିତ ଜଣକ ମହିଳା ଓ ତାମିଲନାଡୁର କିନ୍ତୁ ସେ କେରଳରେ ରହୁଛନ୍ତି । ଅକ୍ଟୋବର ମାସରେ ସିଙ୍ଗାପୁର ଯାଇଥିଲେ । ସହେନ୍ଦ ଭିତରେ ନଭେମ୍ବର ୧୮ରେ ନମୁନା ପରୀକ୍ଷା କରାଯାଇଥିଲା । ଇନସାକଗ ମୁଖ୍ୟ ଡିଏନକେ ଆରୋରା କହିଛନ୍ତି ଗୋଟେ ମାତ୍ର ଚିହ୍ନଟ ହୋଇଛି । ଏବେ ସୁଦ୍ଧା ଡାକ୍ତରଖାନାରେ କେହି ଭର୍ତି ହୋଇନାହାଁନ୍ତି । ରୟଟର୍ସ ସୂଚନା ମୁତାବକ ଏହି ସବଭ୍ୟାରିଆଂଟ ପୂର୍ବରୁ ଆମେରିକା, ଇଟଲୀ ଓ ଫ୍ରାନ୍ସରେ ଦେଖିବାକୁ ମିଳିଥିଲେ ବି ସଂକ୍ରମଣ କମ ଥିଲ େ ଚୀନର ଏହା ସଂକ୍ରମଣ ବୃଦ୍ଧି ଆଶଙ୍କାଙ୍କୁ ଏଡାଇ ଦିଆଯାଇପାରିବନି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ତେବେ ନୂଆ ଭାରିଆଂଟରେ ସଂକ୍ରମିତ ହେଉଥିବା ବ୍ୟକ୍ତିଙ୍କ ନିକଟରେ ଦେଖାଯାଉଥିବା ଲକ୍ଷଣ ସାମାନ୍ୟଭାବେ କୋଭିଡ ଲକ୍ଷଣ ପରି ଥଣ୍ଡା,କାଶ ଓ ଜର ରହିଛି । ତେବେ ଏହି ସବଭ୍ୟାରିଆଂଟର ପ୍ରକୋପ ଓ ଅନ୍ୟାନ୍ୟ ଲକ୍ଷଣ ଉପରେ ଅଧ୍ୟୟନ ଜାରି ରହିଛି ।

## ଜଗାର ସ୍ୱାସ୍ଥ୍ୟ ପରୀକ୍ଷା କଲେ ଦିଲ୍ଲୀ ଏମସ ଡାକ୍ତର

ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ଆଜି ସକାଳେ ନ୍ୟୁରୋସର୍ଜନ୍ ପ୍ରଫେସର ଦୀପକ ଗୁପ୍ତା କନ୍ଧମାଳ ଜିଲ୍ଲା ଫୁଲବାଣୀ ଆସି ଜଗା ରହୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଜଗା ସହିତ ଦୀର୍ଘ ସମୟ ଧରି କଥା ହୋଇଥିଲେ। ତା'ପରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯୋଡ଼ା ମୁଣ୍ଡ ଶିଶୁ ଜଗାର ଆଜି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି ଦିଲ୍ଲୀ ଏମସର ନ୍ୟୁରୋସର୍ଜନ୍ ପ୍ରଫେସର ଦୀପକ ଗୁପ୍ତା। ୨୦୧୭ ମସିହାରେ ସେ ଦିଲ୍ଲୀ ଇଓଓଗଝରେ ଯୋଡ଼ା ମୁଣ୍ଡ ଶିଶୁ ଜଗା-କାଳିଆର ସଫଳ ଅସ୍ତ୍ରୋପ୍ରଚାର କରିଥିଲେ। ଆଜି ସକାଳେ ନ୍ୟୁରୋସର୍ଜନ୍ ପ୍ରଫେସର ଦୀପକ ଗୁପ୍ତା କନ୍ଧମାଳ ଜିଲ୍ଲା ଫୁଲବାଣୀ ଆସି ଜଗା ରହୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ▶▶ପୃଷ୍ଠା ୭

# ସହଜ ହେବ ସରକାରୀ କ୍ୱାର୍ଟର୍ସ ଆବଂଟନ: ଡିସେମ୍ବର ୧୫ରୁ କାର୍ଯ୍ୟକ୍ଷମ ହେବ କ୍ୱାର୍ଟର ମ୍ୟାନେଜମେଂଟ ସିଷ୍ଟମ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଭୁବନେଶ୍ୱର ଓ କଟକରେ ଥିବା ଟାଇପ୍-୧ରୁ ଟାଇପ୍-୬ ବର୍ଗକୁ ଅନ୍ତର୍ଭୁକ୍ତ କରି ଜିଏ ପୁଲ୍ କ୍ୱାର୍ଟର୍ସଗୁଡିକର ଅନଲାଇନ୍ ଆବେଦନ,ଆବଂଟନ ଓ ପରିଚାଳନା ପାଇଁ ଏଚ୍ଆରଏମ୍ଏସ୍ ପ୍ଲାଟଫର୍ମରେ ଥିବା ଇ-କ୍ୱାର୍ଟର୍ସ ଦରଖାସ୍ତ ବ୍ୟବସ୍ଥାକୁ କ୍ୱାର୍ଟର ମ୍ୟାନେଜମେଂଟ ସିଷ୍ଟମ-୨.୦ (କ୍ୟୁଏମ୍ଏସ୍ ୨.୦)କୁ ଉପଯୁକ୍ତ ଭାବେ ବିକଶିତ କରାଯାଇଛି । ଆବେଦନ, ଆବଂଟନ, ଛୁଟି ଏବଂ ଅନଲାଇନ୍ ପ୍ଲାଟଫର୍ମରେ ଏନଓସି/ ଏନଡିସି ଜାରି କରିବା ଠାରୁ ଆରମ୍ଭ କରି କ୍ୱାର୍ଟର ମ୍ୟାନେଜମେଂଟ ସହ ଜଡିତ ସମସ୍ତ କାର୍ଯ୍ୟକଳାପକୁ ଏହି ନୂଆ ଆପ୍ଲିକେସନରେ ସୁବିଧାରେ ପରିଚାଳିତ ହେବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ "ସିଏମଜିଆଇ" ଦ୍ୱାରା ନୂତନ ଭାବେ ବିକଶିତ କ୍ୟୁଏମଏସ -୨.୦ ମଡ୍ୟୁଲ ଡିସେମ୍ବର ୧୫ ତାରିଖରୁ ଏଚଆରଏମଏସ ପ୍ଲାଟଫର୍ମ ତଥା ଅନଲାଇନ୍ ରେ କାର୍ଯ୍ୟକ୍ଷମ ହେବ।

କ୍ୟୁଏମଏସ ୨.୦ ଅନୁସାରେ ଏକ କ୍ୱାର୍ଟର ପାଇଁ ଆବେଦନ କରିବା ନିମନ୍ତେ ଜିଏ ଇଷ୍ଟେଟ୍ ର ସୁବିଧା କେନ୍ଦ୍ରରେ ସରକାରୀ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଯେପରି ଆସିବାକୁ ପଡିବ ନାହିଁ, ତାହାକୁ ଦୃଷ୍ଟି ଦିଆଯାଇ ତଦନୁସାରେ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏହା ସାହାଯ୍ୟରେ ସମ୍ପୂର୍ଣ୍ଣ ଭାବରେ ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ନୋ ଡ୍ୟୁଜ୍ ( କୌଣସି ଦେୟ ବକେୟା ନଥିବା ) ପ୍ରମାଣପତ୍ର ସଂଗ୍ରହ କରାଯାଇପାରିବ।

ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଜିଏ ସୁବିଧା କେନ୍ଦ୍ରକୁ ଯାଇ ଏକ କ୍ୱାର୍ଟର ପାଇଁ ଆବେଦନ କରିବାକୁ ପଡୁଥିଲା କିମ୍ବା କ୍ୱାର୍ଟର ଛାଡିବା ସମୟରେ ନୋ ଡ୍ୟୁ ସାର୍ଟିଫିକେଟ୍ ହାସଲ କରିବାରେ ସମୟ ସାପେକ୍ଷ ମାନୁଆଲ ପ୍ରକ୍ରିୟା ଦେଇ ଯିବାକୁ ପଡୁଥିଲା।

ଭୁବନେଶ୍ୱର ଓ କଟକରେ ଥିବା ବିଭିନ୍ନ ଟ୍ରେଜେରୀ ଜରିଆରେ ଦରମା ପାଉଥିବା ସମସ୍ତ ଯୋଗ୍ୟ ନିୟମିତ ସରକାରୀ କର୍ମଚାରୀଙ୍କ କ୍ୱାର୍ଟର୍ସ ପାଇଁ ଆବେଦନ କରିବାକୁ ଥିବା ଆକାଉଂଟକୁ ଅଟୋ ଆକ୍ଟିଭେଟ୍ କରାଯିବ। ଭୁବନେଶ୍ୱର ଓ କଟକରେ ଜିଏ ପୁଲ୍ କ୍ୱାର୍ଟର୍ସ ନିମନ୍ତେ ଆବେଦନ ପାଇଁ କୌଣସି ହାର୍ଡକପିର ଆବଶ୍ୟକତା ପଡ଼ିବ ନାହିଁ । ଏହି ପ୍ରକ୍ରିୟାକୁ ସହଜ କରିବା, ସମୟ ହ୍ରାସ କରିବା ଏବଂ ବ୍ୟକ୍ତିଗତ ଭାବେ ଉପସ୍ଥିତିର ଆବଶ୍ୟକତା ନଥାଇ କ୍ୱାର୍ଟର ପରିଚାଳନାକୁ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ପୂର୍ବରୁ ଥିବା କାର୍ଯ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ସହିତ ନୂତନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ। ସରକାରୀ କର୍ମଚାରୀମାନେ କ୍ୟୁଏମଏସ ୨.୦ ଆପ୍ଲିକେସନ୍ ଉଭୟ ଏଚଆରଏମସ୍ ପ୍ଲାଟଫର୍ମ ରେ ସେମାନଙ୍କର ଥିବା ବର୍ତ୍ତମାନର ଆବଶ୍ୟକ ପ୍ରମାଣପତ୍ର ବ୍ୟବହାର କରି ଏହାର ଉପଯୋଗ କରିପାରିବେ।ଏଚଆରଏମଏସ୍ ନଥିବା ଉପଭୋକ୍ତାମାନେ କେବଳ ଅନଲାଇନ୍ ମାଧ୍ୟମରେ କ୍ୟୁଏମଏସ ୨.୦ ବ୍ୟବହାର କରିପାରିବେ ଏବଂ ସେମାନଙ୍କୁ ସିଷ୍ଟମ ଆକସେସ୍ କରିବା ପାଇଁ ଏକକାଳୀନ ପଞ୍ଜୀକରଣ କରିବାକୁ ପଡିବ ।

ଭୁବନେଶ୍ୱର ଓ କଟକସ୍ଥିତ ଟ୍ରେଜେରୀ ଜରିଆରେ ଦରମା ନେଉଥିବା ସମସ୍ତ ସରକାରୀ କର୍ମଚାରୀ କ୍ୟୁଏମ୍ଏସ୍ ୨.୦ ରେ ନିଜ ପସନ୍ଦର କ୍ୱାର୍ଟର ଚୟନ କରିବାକୁ ଯୋଗ୍ୟ ବିବେଚିତ ହେବେ, ଯାହା ପ୍ରତି ମାସ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅର୍ଥାତ୍ ଆବଂଟନ ପାଇଁ ଉପଲବ୍ଧ ଖାଲି କ୍ୱାର୍ଟର ତାଲିକା ଏବଂ ୱେଟିଂ ଲିଷ୍ଟ ମାସ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଫ୍ରିଜ୍ ରହିବ। କ୍ୟୁଏମଏସ୍-୨.୦ ଦ୍ୱାରା , ସରକାର ପୂର୍ବରୁ ଥିବା ସମୟ ସାପେକ୍ଷ ଏବଂ ଜଟିଳ ପ୍ରକ୍ରିୟାଗୁଡ଼ିକୁ ସରଳ କରି ସରକାରୀ କର୍ମଚାରୀଙ୍କ ସାମଗ୍ରିକ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଏହି ମର୍ମରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଗତ ଡିସେମ୍ବର ୬ ତାରିଖରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଭୁବନେଶ୍ୱର ଓ କଟକସ୍ଥିତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ସରକାରୀ କାର୍ଯ୍ୟାଳୟକୁ କର୍ମଚାରୀମାନଙ୍କ ଅବଗତି ନିମନ୍ତେ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୨୦୨୩ ଡିସେମ୍ବର ୬ ତାରିଖରେ ଲୋକସେବା ଭବନର କନଭେନସନ ସେଂଟରରେ କ୍ୱାର୍ଟର ମ୍ୟାନେଜମେଂଟ ସିଷ୍ଟମ ୨.୦ର ଶୁଭାରମ୍ଭ କରିଥିଲେ ।

# ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ଅମଲା

ଜୟପୁର, ୧୬/୧୨ (ନି.ପ୍ର): ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସହିତ ସାମ୍ବାଦିକ ସମ୍ମିଳନୀ ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ବୋରିଗୁମ୍ମା ଓ କୋଟପାଡ଼ ବ୍ଲକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ଯୋଗଦାନ କରିଥିଲେ। ଅମଲା ମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ କରିବା ନିମନ୍ତେ ପ୍ରତିଶୃତି ଦେବାର ୬ ମାସ ଅତିକ୍ରମ କରିଯାଇଥିଲେ ମଧ୍ୟ ସରକାର ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଯୋଗୁଁ ୩ ଡିସେମ୍ବରରେ ଭୁବନେଶ୍ୱର ସ୍ଥିତ ଗୋବିନ୍ଦ ସଦନ ଠାରେ ଏକ ରାଜ୍ୟ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘଙ୍କ ନିଷ୍ପତି ଓ ନିର୍ଦ୍ଧାରଣକୁ ଆଧାର କରି ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ଆସନ୍ତା ୨୦ ତାରିଖ ଠାରୁ ସମୁହ ଛୁଟିରେ ରହିବା ସହ ଆନ୍ଦୋଳନକୁ ଓହ୍ଲାଇବା ନେଇ ଚୂଡାନ୍ତ ହୋଇଛି। ପ୍ରକାଶ ଥାଉକି, ଦିର୍ଘ ୬ ବର୍ଷ ଧରି ରାଜ୍ୟ ସଂଘ ଓ ଜିଲ୍ଲା ସଂଘ ଅମଲା ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ନେଇ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ, ସମାବେଶ କରିଥିଲେ, ସ୍ମାରକ ପତ୍ର ପ୍ରଦାନ କରିଥିଲେ, ଚରମ ପତ୍ର ପ୍ରଦାନ କରିଥିଲେ, କଳାବ୍ୟାଚ ପରିଧାନ କରିଥିଲେ, ଓ ପରି ଶେଷରେ ତା ୦୧.୦୬.୨୦୨୩ ରିଖ ଠାରୁ ସମୁହ ଛୁଟିରେ ରହିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ତରଫରୁ ସେହି ସମୟର ଫାଇଭ-ଟି ସଚିବ ଅମଲା ମାନଙ୍କ ଦାବି ଖୁବ୍ ଶୀଘ୍ର ପୂରଣ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାଜ୍ୟ ସଂଘ ଧାରଣାକୁ ସ୍ଥଗିତ ରଖିଥିଲେ, ଯେହେତୁ ଦାବି ପୂରଣ ରେ ବହୁ ବିଳମ୍ବ ହୋଇଯାଇ ଥିବା ଯୋଗୁ ପୁଣିଥରେ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ମାନେ ଆନ୍ଦୋଳନକୁ ଓହ୍ଲାଇବା ନେଇ ସାମ୍ବାଦିକ ସମ୍ମିଳନୀ କରିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ ମୁଖ୍ୟତଃ କାକୁଳି ଭଟ୍ଟାଚାର୍ଯ୍ୟ, ଗଣେଶ ହତା, ପ୍ରଶାନ୍ତ ଭଟ୍ଟ, ସନ୍ଦୀପ ପଟ୍ଟନାୟକ, କିଶୋର ଚନ୍ଦ୍ର ଦାଶ୍, ବାସନ୍ତି ପଟ୍ଟନାୟକ, ଲଳିତା ପଟ୍ଟନାୟକ, ବୃନ୍ଦାବନ ପଣ୍ଡା, ସତ୍ୟ ରଞ୍ଜନ ତ୍ରିପାଠୀ, ସେଖର ଗାଦବା, ଅନନ୍ତ ଖୁରାମି, ବଜେନ୍ଦ୍ର ନାଗ, ବି ଶ୍ରୀନିବାସ ଦୋରା, ଅନିତା ନାୟକ, ନିହାରିକା ଖସଲା, ସସ୍ମିତା ସାହୁ ଓ ରବିନାରାୟଣ ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ। ଶଶୀଭୂଷଣ ଦାଶ ସଭାପତି ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିବା ସହିତ ସମସ୍ତ ମିଡିଆ ବନ୍ଧୁଙ୍କୁ ଧନ୍ୟବାଦ ଦେବା ସହିତ ସମସ୍ତ ଉପସ୍ଥିତ ଅମଲା ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ନୂଆ ବଜାର ବଣିକ ସଂଘର ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ

ଭୁବନ, ୧୬/୧୨ (ନି.ପ୍ର): ଭୁବନର ସର୍ବ ପୁରାତନ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ, ନୂଆ ବଜାର ତରଫରୁ କଣପାଳ ହାଟ ପଡ଼ିଆ ଠାରେ (୫୮ ତମ ବାର୍ଷିକ ଉତ୍ସବ) ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବସନ୍ତ କୁମାର ପୋଥାଳ ଗତ ବର୍ଷ (୨୦୨୨-୨୩) ଲକ୍ଷ୍ମୀପୂଜା, ମାଣ ବସା ଗୁରୁବାର ଆୟ, ବ୍ୟୟ ଉପସ୍ଥାପନ କରିଥିଲେ । ପରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା । ଶତାଧିକ ବ୍ୟବସାୟୀ ଭାଇ ମାନଙ୍କ ଉପସ୍ଥିତିରେ ଚଳିତ ବର୍ଷ ସକାଶେ ଦୁଷ୍ମନ୍ତ କୁମାର ପୃଷ୍ଟି ( ସଭାପତି), ବସନ୍ତ କୁମାର ପୋଥାଳ (ସମ୍ପାଦକ), ସରୋଜ କୁମାର ବିହାରୀ, ମନ ମୋହନ ସାହୁ ( ଉପ ସଭାପତି), ସୁରେଶ ଚନ୍ଦ୍ର ପୃଷ୍ଟି, ଦିଲୀପ କୁମାର ବେହେରା (ଯୁଗ୍ମ ସମ୍ପାଦକ) ଓ ନରେନ୍ଦ୍ର କୁମାର ବେହେରା ( ନୁରୀ) ଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ନୂତନ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା । ଦୁଷ୍ମନ୍ତ କୁମାର ପୃଷ୍ଟି ଦଶମ ଥର ପାଇଁ ସଭାପତି ହୋଇଥିବାରୁ ଶ୍ରୀ ପୃଷ୍ଟି ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଜୟପୁର, ୧୬/୧୨ (ନି.ପ୍ର): ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିବା ଅଭିଯୋଗରେ ଜେଲରେ ଥିବା ବିଚାରାଧିନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତ ବିଚାରାଧୀନ କଏଦୀ ହେଲେ ସୁବ୍ରତ ତୁଷାର ରଞ୍ଜନ ମଲ୍ଲିକ । ତାଙ୍କ ଘର ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରତ୍ନଗିରି ଗ୍ରାମରେ। ସେ ଜୟପୁର ଜେଲ ରେ ବିଚାରାଧୀନ କଏଦୀ ରହୁଥିବା ବେଳେ ଗତ ୧୨ ତାରିଖରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡି ଥିଲା। ତାଙ୍କୁ ଜେଲ କର୍ତୃପକ୍ଷ ପ୍ରଥମେ ଜୟପୁର ସ୍ଥିତ ଜିଲା ମେଡ଼ିକାଲ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ଭର୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରିବା ସମୟରେ ଲକ୍ଷ୍ମୀପୁର ପାଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଲକ୍ଷ୍ମୀପୁର ମେଡ଼ିକାଲରେ ଡକ୍ଟର ଦେଖି ମୃତ୍ୟୁ ଘୋଷଣା କରିଛନ୍ତି। ଯେହେତୁ ସେ ଜଣେ ବିଚାରଧୀନ କଏଦୀ ଏଣୁ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ଶବ ବ୍ୟବଚ୍ଛେଦ ହେବା ସହ ସମସ୍ତ ଭିଡିଓ କ୍ଲିପ୍ସ ବି କରାଯିବ ବୋଲି ଲକ୍ଷ୍ମୀପୁର ଏସଡିପିଓ ସୂଚନା ଦେଇଛନ୍ତି। ମୃତ ଶିକ୍ଷକ ଜଣକ ବୋରିଗୁମ୍ମା ବ୍ଲକ ଚମ୍ପାପଦର ହାଇସ୍କୁଲରେ ଶିକ୍ଷକ ଥିଲେ। ବିସିଂହପୁର ଗତ ୨୦ ମାର୍ଚ୍ଚ ୨୦୨୩ ରେ ଚମ୍ପାପଦର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ କାଠରଗଡା ହାଇସ୍କୁଲରେ ପରୀକ୍ଷା ସାରି ଫେରୁଥିବା ବେଳେ ତାଙ୍କୁ ଧରି ଚାଲି ଯାଇଥିଲେ ଏହି ଶିକ୍ଷକ। ଝିଅ ଘରଲୋକ ବି ସିଂହପୁର ଥାନାରେ ଏତଲା ଦେଇଥିଲେ । ଏତଲା ପରେ ପୋଲିସ ଦଶମ ଶ୍ରେଣୀ ଝିଅକୁ ଉଦ୍ଧାର କରିଥିଲା। ମାମଲାରେ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ସର୍ବଭାରତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବଡବିଲ, ୧୬/୧୨ (ନି.ପ୍ର): ଭାରତୀୟ ପେଲେଟ୍ ଉତ୍ପାଦକ ସଂଘ ପକ୍ଷରୁ ଦୁଇ ଦିନିଆ ପଂଚମ ସର୍ବଭାରତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବଡବିଲ ମାଟକାମବେଡା ସ୍ଥିତ ଆରିୟା ଷ୍ଟିଲ ଲିଃ ପରିସରରେ ୧୫ ତାରିଖ ଦିନ ଉଦ୍ଘାଟିତ ହୋଇଯାଇଛି । ପିଏମଏଆଇ ଦ୍ୱାରା ଆୟୋଜିତ ଏହି ପଂଚମ ସର୍ବଭାରତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରିୟା ଷ୍ଟିଲ ଏବଂ ଆରଡେଂଟ ଷ୍ଟିଲ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳା ପ୍ରାରମ୍ଭରେ ପିଏମଏଆଇ ଉପସଭାପତି ତଥା ଆରିୟା ଷ୍ଟିଲ ଲିଃ ର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ପୁନୀତ ଆରିୟା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପିଲେଟ ଉତ୍ପାଦକ ସଂଘ ର ସଭାପତି ତଥା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ ଗ୍ରୁପ ଆଡଭାଇଜର ମନୀଷ ଖରବାନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇସ୍ପାତ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ଶ୍ରୀମତୀ ସ୍ୱପ୍ନା ଭଟ୍ଟାଚାର୍ଯ୍ୟ ଯୋଗଦେଇ ତାଙ୍କ ଭାଷଣରେ ତୃଣମୂଳ ସ୍ତରରେ କାମ କରୁଥିବା କୁଶଳୀ ବୈଷୟିକ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରାଯାଇ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଜଡିତ କରାଯାଉଛି ବୋଲି କହିଥିଲେ । ଫଳରେ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସହଜରେ କାମ କରିପାରିବେ । ଏଥିସହ ସେମାନଙ୍କୁ ଡିଜିଟାଇଜେସନ ଏବଂ ଇଣ୍ଡଷ୍ଟ୍ରିଜ ୪.୦ ସମ୍ବନ୍ଧରେ ଜ୍ଞାନ ଆହରଣ କରିବାକୁ ତାଲିମ ପ୍ରଦାନ କରାଯାଉଛି । ପେଲେଟ କାରଖାନରେ କାର୍ବନ ଫୁଟ ପ୍ରିଂଟ କୁ ହ୍ରାସ କରିବା ଏବଂ ସିଓପି ୨୬ ରେ ଭାରତ ଦ୍ୱାରା ୨୦୫୦ ମସିହା ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଶୂନ ଅଙ୍ଗାରକ୍ଲାମ ନିର୍ଗମ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ ଦେଇଥିଲେ । ଏହି ପ୍ରୟାସ ପଛରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପେଲେଟ ଶିଳ୍ପ ସହିତ ଜଡିତ ଅପରେଟର ଏବଂ ବୈଷୟିକ ଜ୍ଞାନ ସମ୍ପନ୍ନ କୁଶଳୀ କାରିଗର ଙ୍କ ଦକ୍ଷତାକୁ ବୃଦ୍ଧି କରିବା ଏବଂ ଡିଜିଟାଇଜେସନ ଦିଗରେ ସେମାନଙ୍କୁ ଅତ୍ୟାଧୁନିକ କରିବା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳରେ ଲୋକଙ୍କୁ ରକ୍ଷଣାବେକ୍ଷଣ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଅପରେଟର ଏବଂ ଯୁବ ଇଞ୍ଜିନିୟର ମାନେ ସମଗ୍ର ଭାରତରେ କର୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି । ପେଲେଟ ପ୍ଲାଂଟ ଚଳାଇବାରେ ଦୀର୍ଘଦିନର ବୃତିଗତ ଅଭିଜ୍ଞତା ଥିବା ଶିଳ୍ପ ବିଶେଷଜ୍ଞମାନଙ୍କ ଠାରୁ ଅଭିଜ୍ଞତା ଅଣାଯାଇ କାର୍ଯ୍ୟ କରାଯାଉଛି । ଜାତୀୟ ସିଏସଆଇଆର ଲ୍ୟାବ ର ବୈଜ୍ଞାନିକ ଯଥା ନେସନାଲ ମେଟାଲର୍ଜିକାଲ ଲାବରୋଟୋରୀ (ଏନଏମ୍ଏଲ) ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ ଆଣ୍ଡ ମେଟାଲ ଟେକ୍ନୋଲୋଜି (ଆଇଆଇଏମଟି), ଭୁବନେଶ୍ୱରର ବୈଜ୍ଞାନିକମାନେ ପିଲେଟ ଶିଳ୍ପର ଗବେଷଣା ଓ ବିକାଶର ଫଳାଫଳ ଉପରେ ଆଲୋଚନା କରିଛନ୍ତି । ପେଲେଟ କାରଖାନାର ୧୬ ଜଣ ବିଶେଷଜ୍ଞ, ସିଏସଆଇଆର ଲ୍ୟାବ ଏବଂ ସରଞ୍ଜାମ ଯୋଗାଣକାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଇନସମାର୍ଟ କମ୍ପାନୀ ତାର ସିଷ୍ଟମ କୁ ମେକ ଇନ ଇଣ୍ଡିଆର ଲକ୍ଷ୍ୟକୁ ଅନୁକରଣ କରିଛି ଏବଂ ନମୂନାର ସଂଗ୍ରହ, ପରୀକ୍ଷଣ ଏବଂ ବିଶ୍ଳେଷଣ ପାଇଁ ହ୍ରାଇଦ୍ରାବାଦରୁ ରବଟିକ୍ ସାମ୍ପଲିଂ, ଯନ୍ତ୍ରପାତି ପ୍ରଦର୍ଶନୀ କରାଯାଇଛି । ଅନ୍ୟ ଏକ କମ୍ପାନୀ ବୁମ ଇଞ୍ଜିନିୟରିଂ ହାର୍ଡ ବଲ ଉତ୍ପାଦନ ପାଇଁ ସବୁଜ ପେଲେଟ କୁ ପରିବର୍ତ୍ତନ ପାଇଁ ଅତ୍ୟାଧୁନିକ ଶକ୍ତି ଦକ୍ଷ ବର୍ଣ୍ଣର ପ୍ରଦର୍ଶନ କରିବ ଯାହା ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ସ୍ପଞ୍ଜ ଲୁହା କିଲିନରେ ବ୍ୟବହାର କରାଯାଇପାରିବ । ପିଏମ୍ଏଆଇ କର୍ମଶାଳା ପାଇଁ ଆମର ମିଡିଆ ପାର୍ଟନର ସହିତ ମିଳିତ ଭାବେ 'ଷ୍ଟିଲ ମିଂଟ' ଅଂଶଗ୍ରହଣ କାରୀଙ୍କ ପାଇଁ ଦେଶର ଏକ ରିପୋର୍ଟ ପ୍ରସ୍ତୁତ କରିଛି, ଯାହା ପେଲେଟ ଇଣ୍ଡଷ୍ଟ୍ରିଜ ଏବଂ ଭବିଷ୍ୟତର ଧାରା ବିଷୟରେ ବେଶ ଉପଯୋଗୀ ସାବ୍ୟସ୍ତ ହେବ । ପିଏମଏଆଇ ହେଉଛି ଏକ ଶିଳ୍ପ ସଂଗଠନ ଯାହା ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ଭାରତର ୭ଟି ରାଜ୍ୟର ୨୭ଟି ପେଲେଟ ପ୍ଲାଣ୍ଟକୁ ପ୍ରତିନିଧିତ୍ୱ କରେ । ଭାରତ ବର୍ଷକୁ ପ୍ରାୟ ୧୩୫ ମିଲିୟନ ଟନ୍ ଆଇରନ ଓର ପେଲେଟ ଉତ୍ପାଦନ କରେ ଏବଂ ୧ଲକ୍ଷ ରୁ ଅଧିକ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରନ୍ତି । ପିଏମ୍ଏଆଇ ର ମୁଖ୍ୟ ଭୂମିକା ହେଉଛି ପିଲେଟ୍ ଇଣ୍ଡଷ୍ଟ୍ରିଜର ବୈଷୟିକ ପ୍ରଗତି, ଭାରତ ସରକାରଙ୍କ ନୂତନ ଶିଳ୍ପ ନୀତିର ପ୍ରଚାର ଏବଂ ଭାରତରେ ପେଲେଟ ଓ ଇସ୍ପାତ ଶିଳ୍ପର ବିକାଶ ପାଇଁ ନୀତି ପ୍ରସ୍ତୁତ କରି ସରକାରଙ୍କୁ ସାହାଯ୍ୟ କରିବା । ଉକ୍ତ କର୍ମଶାଳାରେ ବିଶେଷଜ୍ଞମାନେ ସେମାନଙ୍କ ମଧ୍ୟରେ "ନିଜର ସର୍ବତୋମ ବୈଷୟିକ କୌଶଳ" ଆଦାନ ପ୍ରଦାନ କରିବା ସହିତ ପେଲେଟ ପ୍ଲାଂଟର ତୃଣମୂଳସ୍ତରରେ କାମ କରୁଥିବା କୁଶଳୀ ଶ୍ରମିକ, ଟେକନିସିଆନ ଏବଂ ଯୁବ ଇଞ୍ଜିନିୟରମାନେ ଏହି କର୍ମଶାଳା ଦ୍ୱାରା ବେଶ୍ ଉପକୃତ ହେବେ ବୋଲି ମତପ୍ରକାଶ ପାଇଥିଲା । ଦେଶର ପ୍ରାୟ ୫୦ ପ୍ରତିଶତ ଲୁହାପଥର ଏବଂ ପେଲେଟ୍ ଉତ୍ପାଦନ କରୁଥିବା ଓଡିଶା-ହେଉଛି ଦେଶର ମୁଖ୍ୟ ପେଣ୍ଡସ୍ଥଳୀ । ଜାତୀୟ ଏବଂ ରାଜ୍ୟ ଅର୍ଥନୀତିକୁ ରୟାଲଟି, ଜିଏସଟି ଓ ଟ୍ୟାକ୍ସ ଆକାରରେ ପିଲେଟ ଶିଳ୍ପ ଉଲ୍ଲେଖନୀୟ ରାଜସ୍ୱ ପ୍ରଦାନ କରୁଛି । ଏହି କର୍ମଶାଳା ଅନ୍ୟ ରାଜ୍ୟର ପିଲେଟ ଶିଳ୍ପ ସହିତ ବ୍ୟବସାୟିକ ଓ ବୌଦ୍ଧିକ ଭାବର ଆଦାନ ପ୍ରଦାନ ପାଇଁ ଏହା ଏକ ଉପଯୁକ୍ତ ମାଧ୍ୟମ ଅଟେ ବୋଲି ମତପ୍ରକାଶ ପାଇଥିଲା । ଆରଡେଂଟ ଷ୍ଟିଲ ଡାଇରେକ୍ଟର ତଥା ପିଏମଏଆଇ ଉପ ସଭାପତି ଡକ୍ଟର ସୁବାଶିଷ ଦାସ ଏବଂ ଭାରତୀୟ ପିଲେଟ ଉତ୍ପାଦନ ସଂଘର ସାଧାରଣ ସମ୍ପାଦକ ଦୀପକ ଭଟ୍ଟନାଗର ପିଲେଟ ବ୍ୟବସାୟ, କର୍ମଚାରୀଙ୍କ ଦକ୍ଷତା ବିକାଶ ଏବଂ ଏହାର ଭବିଷ୍ୟତ ପାଇଁ ନୂତନ ଜ୍ଞାନକୌଶଳ ଆବଶ୍ୟକତା ଉପରେ ନିଜ ମତ ରଖିଥିଲେ ।

# କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ସମ୍ପର୍କିତ ପ୍ରଶିକ୍ଷଣ

ଝାରସୁଗୁଡ଼ା, ୧୬/୧୨ (ନି.ପ୍ର): କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୨୦୧୩ରେ ପାରିତ ଅଧିନିୟମ ଅନୁଯାୟୀ ଯୌନ ଉତ୍ପୀଡ଼ନ ରୋକିବା ପାଇଁ ଆଇନ କଡ଼ାକଡ଼ି ଭାବରେ ପାଳନର ଆବଶ୍ୟକତା ରହିଛି ବୋଲି ମତ ଦେଇ ଏ ଦିଗରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପବ୍ଲିକ ପ୍ରସିକ୍ୟୁଟର ପ୍ରକାଶ ଚନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ଅଧିନିୟମ, ଏହାର ପୃଷ୍ଠଭୂମି, ବିଭିନ୍ନ ବ୍ୟବସ୍ଥା, ଅଭିଯୋଗର ସମାଧାନ ପ୍ରଣାଳୀ, ଆଇସିସି, ଏଲସିସିର ଭୂମିକା ଏବଂ ସୁପ୍ରିମକୋର୍ଟଙ୍କ କିଛି ଗୁରୁତ୍ୱପୂର୍ଣ୍ଣ ବିଚାର ଉପରେ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ) ପୀତବାସ ବେହେରା ଶିଶୁ ବିବାହ ରୋକିବା ଦିଗରେ ରାଜ୍ୟ ତଥା ଜାତୀୟ ସ୍ତରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ତଥା ଅଧିନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ଆଇନର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ନିଜ ନିଜ କର୍ମକ୍ଷେତ୍ରରେ ଆବଶ୍ୟକ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡାକ୍ତର ନିମାଇ ଚରଣ ନାୟକ,ଡ଼ିଏସପି ଲଳିତା ଲାକ୍ରା,ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଆଇନଜୀବୀ ସାଜେଦା ବେଗମ ପ୍ରମୁଖ ଏହି ଆଇନ କିପରି ସଠିକ ଭାବରେ କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡିସିପିଓ ସୁନନ୍ଦ ମହାରଣାଙ୍କ ସମେତସମ୍ପୃକ୍ତ ବିଭିନ୍ନ ବିଭାଗୀୟ ମୁଖ୍ୟ, ଜିଲ୍ଲାର ସମସ୍ତ ପୋଲିସ୍ ଷ୍ଟେସନର ମହିଳା ଓ ଶିଶୁ ଡେସ୍କର ଅଧିକାରୀ, କର୍ପୋରେଟ୍ ଅଫିସ୍, ଏନଜିଓ, ଏଲସିସିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା : ଆସାମୀକୁ ଆଜୀବନ କାରାଦଣ୍ଡ

ଜୟପୁର, ୧୬/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପୋକ୍ସୋ କୋର୍ଟ ଆଜି ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି। ଆଜି ପୋକ୍ସୋ କୋର୍ଟ ୨୦୨୦ ମସିହାରେ ମାଛକୁଣ୍ଡ ଥାନା ଅନ୍ତର୍ଗତ ୮ ବର୍ଷୀୟା ତହସିଲ ଭୁକ୍ତ ଜାତିର ବିଚାର କରି ୧୭ ଜଣ ସାକ୍ଷୀ ପ୍ରମାଣ ଓ ୨୮ ଟି ଦସ୍ତାବିଜକୁ ଭିତି କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜୟପୁର ଦେଉଳ ଗଡ ଗ୍ରାମର ଅଭିଯୁକ୍ତ ରମେଶ ଡଙ୍ଗାୟତ (୨୬)କୁ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ର ଧାରା ୩୭୬ ଏବି,୩୦୨, ପୋକ୍ସୋ ଆଇନ୍ ର ଧାରା ୬ ଏବଂ ଏସି/ ଏସଟି (ପ୍ରିଭେନସନ୍ ଆଥ୍ରସିଟି) ଆକ୍ଟର ଧାରା ୩(୨)(ଭି)ରେ ଦୋଷୀ ସାବ୍ୟସ୍ତ କରି ଆଇପିସି ଧାରା ୩୦୨ ଓ (ଏସି/ଏସଟି) (ପିଓଏ) ଆକ୍ଟର ଧାରା ୩(୨) (ଭି) ରେ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଏବଂ ପୋସ୍କୋ ଆକ୍ଟର ଧାରା ୬ ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମୃତ ନାବାଳିକାର ପରିବାର ବର୍ଗଙ୍କୁ ବଳକା ୮ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।୨୧/୩/୨୦୨୦ ସନ୍ଧ୍ୟା ସମୟରେ ବିଦ୍ୟୁତ ସରବରାହ ବନ୍ଦ ଥିବା ସମୟରେ ମୃତ ନାବାଳିକା ଜଣକ ତାର ସାଙ୍ଗ ସହିତ ବାରଣ୍ଡାରେ ଖେଳୁଥିବା ସମୟରେ ଦୋଷୀ ରମେଶ ଘରକୁ ମିସ୍ତ୍ରୀ କାମ କରିବାକୁ ଆସିଥିଲା। ମୃତ ନାବାଳିକା ଓ ତା ସାଙ୍ଗକୁ ଘର ବାହାରେ ଥିବା ପରିତ୍ୟକ୍ତ କାର୍ ରେ ନେଇ ଡରେଇ ଧମକାଇ ନାବାଳିକାଟିକୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିଲା। ଆଜି ଜୟପୁର ପୋକ୍ସୋ କୋର୍ଟ ଐତିହାସିକ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡଃ. ଗାୟତ୍ରୀ ଦେବୀ ଏହି ମାମଲାର ପରିଚାଳନା କରିଥିଲେ।

# ଶ୍ରୀମନ୍ଦିର ପରିଚାଳନା କମିଟିକୁ ଆପ୍ ତରଫରୁ ଖୋଲା ଚିଠି

ପୁରୀ, ୧୬/୧୨ (ନି.ପ୍ର): ଆମ୍ ଆଦ୍ମୀ ପାର୍ଟି (ଆପ୍) ତରଫରୁ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଜନତାଙ୍କର ବିଭିନ୍ନ ଅସନ୍ତୋଷକୁ ଖୋଲା ଚିଠି ମାଧ୍ୟମରେ ଜଣାଇଛନ୍ତି । ମହାପ୍ରଭୁଙ୍କ ବିଭିନ୍ନ ନୀତିକୁ ବିଭିନ୍ନ ଆଳରେ ବନ୍ଦ କରିଦିଆଯାଇଛି । ବ୍ୟବସ୍ଥିତ ଭାବେ ନୀତି ସମ୍ପନ୍ନ କରିବା ବା ଭକ୍ତଙ୍କୁ ବ୍ୟବସ୍ଥିତ ଭାବେ ଦର୍ଶନ କରିବା ପାଇଁ ଦାବୀ କରିଛନ୍ତି । ମହାପ୍ରଭୁଙ୍କୁ କାଠ କଣ୍ଢେଇ ଭାବି କେବଳ କୋଉ ବାଟରେ ଅର୍ଥ ସଂଗ୍ରହ କରିବ ସେଥିପାଇଁ ପ୍ରଶାସନ ପ୍ରୟାସ ଚଳେଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କୁ ବିନା ପହୁଡ଼ରେ ଅନିଦ୍ରା ରଖିଥିଲେ ଏବଂ ଆଗକୁ ମଧ୍ୟ ଏହିଭଳି ପଦକ୍ଷେପ ଆସନ୍ତା ଡିସେମ୍ବର ମାସ ୩୧ ତାରିଖ ରାତିରେ ନେବାକୁ ଯାଉଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ମତାମତ ନେଇ ନାହାଁନ୍ତି। ମହାପ୍ରଭୁଙ୍କ ନୀତିକାନ୍ତ ଉପରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେଉନାହାନ୍ତି। ଶ୍ରୀଜଗନ୍ନାଥଙ୍କ ରଘୁନାଥ ବେଶ ନକରିବା ଭକ୍ତଙ୍କ ମନରେ ଗଭୀର ଆଘାତ ଲାଗିଛି । ୪ ଦ୍ୱାରା ନଖୋଲି କେବଳ ପୂର୍ବ ଦ୍ୱାରରେ ଭକ୍ତଙ୍କୁ ଛାଡିଲେ ଯୋଉ ଶୃଙ୍ଖଳା ସହ ଭକ୍ତ ଦର୍ଶନ କରିବେ ବୋଲି ଆପଣଙ୍କ ଆକଳନ ତାହା ତ ସାରା ବିଶ୍ୱ ଦେଖୁଛି ଭକ୍ତ ଅସନ୍ତୋଷ ଭାବେ ଦର୍ଶନ କରୁଛନ୍ତି। ବହୁ ଦୂରରୁ ଆସିଥିବା ଭକ୍ତ ଦର୍ଶନ ନକରି ଫେରୁଛନ୍ତି । ଏସବୁ କଣ କମିଟି ସଦସ୍ୟଙ୍କ ଆପୋଷ ଆଲୋଚନା ମାଧ୍ୟମରେ ହେଉଛି ନା ସରକାରଙ୍କ ଆଦେଶକୁ କେବଳ କାର୍ଯ୍ୟକାରୀ ହେଉଛି। ଓଡ଼ିଶା ବାହାରେ ଶ୍ରୀଜଗନ୍ନାଥଙ୍କ ଜମିର ରକ୍ଷଣା ବେକ୍ଷଣ ଠିକ୍ ରେ ହେଉନାହିଁ। ପ୍ରତ୍ୟେକ ଦିନ ଶ୍ରୀମନ୍ଦିରର ରୋଜଗାରରୁ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ବାଟମାରଣା ହେଉଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଯଦି ଏହା ହେଉଥାଏ ତେବେ ନିହାତି ଏହା ଏକ ବଡ଼ ଧରଣର ଦୁର୍ନୀତି ସହ ଭକ୍ତଙ୍କ ଭାବାବେଗ ଥିବାରୁ ଏହା ଉପରେ ନଜର ରଖିବାକୁ ଅନୁରୋଧ। ମହାପ୍ରଭୁଙ୍କ ବିଭିନ୍ନ ନୀତି ବିଭିନ୍ନ ଆଳ ମାଧ୍ୟମରେ ବନ୍ଦ କରିବା, ପୁରୀ ଶଙ୍କରାଚାର୍ଯ୍ୟଙ୍କ ମତା ମତ ବିନା ନିଷ୍ପତି ନେବା, ୪ ଦ୍ୱାର ନଖୋଲିବା, କେବଳ ପୂର୍ବଦ୍ୱାର ପଟେ ଏ ସି ସେଡ କରି ଅନ୍ୟପଟେ ନକରିବା, ରତ୍ନ ଭଣ୍ଡାର ଖୋଲିବା ହେଉ କି ଏହାର ମରାମତିରେ ବିଳମ୍ବ କରିବା ଏବଂ ସବୁ ସମୟରେ ସରକାରଙ୍କ ଆଦେଶକୁ କମିଟି ନିଷ୍ପତି ବୋଲି କହିବା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ବିଭିନ୍ନ ସନ୍ଦେହ ସୃଷ୍ଟି କରୁଛି। ଯେତେବେଳେ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ ମଠ ସଂସ୍କୃତିକୁ ଭାଙ୍ଗି ଦିଆଗଲା ସେତେବେଳେ କମିଟି ନୀରବ ରହି ସବୁ ମାନିନେବା ଆଉ ଏବେ ମଧ୍ୟ ମହାପ୍ରଭୁଙ୍କ ନୀତି କେବଳ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ବନ୍ଦ କରିବା କାରଣ ଦର୍ଶାଇବା ନିହାତି କମିଟି ସରକାରଙ୍କର ହାତବାରିଶି ବୋଲି ଦର୍ଶାଉଛି ଯାହା କମିଟିର ସ୍ୱତନ୍ତ୍ରତା ଉପରେ ସନ୍ଦେହ ସୃଷ୍ଟି କରୁଛି ।ଆଗକୁ ମଧ୍ୟ ଶୁଣିବାକୁ ମିଳୁଛି କମିଟି ସ୍ୱତନ୍ତ୍ର ଟିକେଟ ବ୍ୟବସ୍ଥା କରିବ। ଯାହାକି ଯିଏ ଟଙ୍କା ଦେଇ ଟିକେଟ କାଟିବ ତାକୁ ଆଉ ଲାଇନ ରେ ଛିଡ଼ା ନହୋଇ ଅଲଗା ରାସ୍ତା ଦେଇ ଶୀଘ୍ର ଦର୍ଶନ କରିବାକୁ ସୁଯୋଗ ମିଳିବ। ଯାହା ଜଗନ୍ନାଥ ସଂସ୍କୃତି ଆଉ ପରମ୍ପରାର ବିରୋଧୀ। ପ୍ରଥମରୁ ମଠ ଭାଙ୍ଗି ଗରିବ ଲୋକଙ୍କୁ ପୁରୀରେ ରହି ଜଗା ଦର୍ଶନ କରିବାର ଅଧିକାର ଛଡେଇ ନିଆଯାଇଛି ଆଉ ଏଭଳି ବିଚିତ୍ର ଧରଣର ନିୟମ କେବଳ ଅର୍ଥ ଉପାର୍ଜନ ପାଇଁ କରି ତାଙ୍କର ଦର୍ଶନ କରିବାର ଅଧିକାର ନଛଡେଇବା ପାଇଁ ଅନୁରୋଧ । କମିଟି ସଦସ୍ୟଙ୍କୁ ଅନୁରୋଧ କରାଯାଇଛି କି ସଦସ୍ୟମାନେ ମହାପ୍ରଭୁଙ୍କ ନୀତିକାନ୍ତ ଉପରେ କୌଣସି ନିଷ୍ପତି ନେବା ପୂର୍ବରୁ ଥରେ ପୁରୀ ଶଙ୍କରଚାର୍ଯ୍ୟଙ୍କ ମତାମତ ନିଅନ୍ତୁ। ଯାହାବି ନିଷ୍ପତି ନେଇଛନ୍ତି ଥରେ ପ୍ରଥମତଃ ପୁରୀବାସି ଏବଂ ଅଗଣିତ ଭକ୍ତଙ୍କ ଭାବାବେଗକୁ ଲକ୍ଷ୍ୟ ରଖି ନିଅନ୍ତୁ। କେବଳ ଭକ୍ତ ଦର୍ଶନ କରିବେ କିମ୍ବା ସରକାରଙ୍କ ଆଦେଶ ବୋଲି ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୌଣସି ନୀତିକାନ୍ତ ଏପଟ ସେପଟ କରନ୍ତୁ ନାହିଁ। ପ୍ରଥମ ଥର ପାଇଁ ଜନ ଅସନ୍ତୋଷକୁ ଲକ୍ଷ୍ୟ ରଖି ଆମ୍ ଆଦ୍ମୀ ପାର୍ଟି ତରଫରୁ ଏକ ଅନୁରୋଧ ପତ୍ର ଖୋଲା ଚିଠି ମାଧ୍ୟମରେ ଦିଆଯାଇଛି । ଶ୍ରୀମନ୍ଦିର ପରିଚାଳନା କମିଟି ବିନା ସରକାରଙ୍କ ଚାପରେ ଆସି ସ୍ୱତନ୍ତ୍ର ଭାବେ କାମ କରୁ ବୋଲି ଆମ୍ ଆଦ୍ମୀ ପାର୍ଟି ର ଉଦ୍ଦେଶ୍ୟ ବୋଲି ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି ।

# ସମାଜସେବୀ ପରି ସେଠୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୬/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମପଂଚାୟତର ପାଳକଣା ଗ୍ରାମର ପରି ସେଠୀଙ୍କ ବିୟୋଗରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସ୍ମୃତିସଭାରେ ବିଜୁଜନତାଦଳର ସକ୍ରୀୟ ସଭ୍ୟ ଇଂ. ମୂରଲୀଧର ସେଠୀ, ସଞ୍ଜୟ ମଲ୍ଲିକ, ରବୀନ୍ଦ୍ର କୁମାର ସେଠୀ, ସେକ ଅବଦୁଲ, ସୁଦର୍ଶନ ମହାପାତ୍ର, ବସନ୍ତ କୁମାର ମଲ୍ଲିକ, କରୁଣାକର ସାହୁ, ରୋହିତ ମଲ୍ଲିକ, ରାମଚନ୍ଦ୍ର ସେଠୀ, ରଜନୀକାନ୍ତ ସେଠୀ, ସରସ୍ୱତୀ ସେଠୀ, ଲକ୍ଷ୍ମୀ ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ୱର୍ଗତ ସେଠୀ ଛାତ୍ର ଜୀବନରୁ କିଭଳି ସମାଜସେବା କ୍ଷେତ୍ରରେ ନିଜ ଜୀବନକୁ ଉତ୍ସର୍ଗ କରିବା ସହିତ ଗାଁ ମୁରବୀ ଭାବେ ଏକ ସ୍ୱତନ୍ତ୍ର ପରିଚିତ ହାସଲ କରିଥିଲେ ସେ ସମ୍ପର୍କରେ ମତବ୍ୟକ୍ତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଡିସେମ୍ବର ୨୦୨୩
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୨୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସେ ଡାକ ଶୁଣି ମୋ ମଝିଆ ଶାଶୁମା କୈକେୟୀ କହନ୍ତି ରାମରେ, ତୁ କ'ଣ ମୋ ବୋହୂକୁ ଗୋଟିଏ ନାମରେ ଡାକିପାରୁ ନାହୁଁ । ତାର ମୈଥିଳୀ ନାମଟି ମୋତେ ଭାରି ଭଲ ଲାଗେ । ତୁ ତାକୁ ସେହି ନାମରେ ଡାକିବୁ । ମୋ ଜ୍ୟେଷ୍ଠ ଶାଶୁମା କହନ୍ତି ମୋତେ ସୀତା ନାମ ସବୁଠୁ ଭଲ ଲାଗେ, ରାମ ତୁ ମୋ ଆଗରେ ମୋ କୁଳ ଲକ୍ଷ୍ମୀକୁ ସୀତା ବୋଲି ଡାକିବୁ । ଆଉ ସାନ ଶାଶୁମା କହନ୍ତି ମୋ ବଡ଼ବୋହୂର ସବୁନାମ ମୋତେ ଭଲ ଲାଗେ । ରାମ ମୋର ଯେଉଁ ନାମଧରି ଡାକିଲେ ବି ମୁଁ ଖୁସି । ମୋ ଶଶୁର କିନ୍ତୁ ସବୁବେଳେ ମୋତେ ମା' ବୋଲି ଡାକନ୍ତି । ମୋର ନାଁ ସେ କେବେ ଧରନ୍ତି ନାହିଁ । ରାତିପାହିଲେ ମୁଁ ଯେତେବେଳେ ଶଯ୍ୟା ତ୍ୟାଗ କରି ପ୍ରଥମେ ମୋ ସ୍ୱାମୀଙ୍କ ମୁଖଦର୍ଶନ ପୂର୍ବକ ତାଙ୍କୁ ପ୍ରଣାମ କରି ଯାଇ ମୋ ଶଶୁରଙ୍କୁ ପ୍ରଣାମ କରେ, ସେ ମୋ ମସ୍ତକ ଉପରେ ତାଙ୍କର ସ୍ନେହବୋଳା ହସ୍ତର ସ୍ପର୍ଶ ଦେଇ କହନ୍ତି, "ମା' ମୋର ଅଯୋଧ୍ୟାର କୁଳଲକ୍ଷ୍ମୀ । ସମୁଦ୍ର ମନ୍ଥନ କରି ନାରାୟଣ ଲକ୍ଷ୍ମୀକୁ ପାଇଥିଲେ, ବୀର ସମୁଦ୍ର ମନ୍ଥନ କରି ମୋ ପୁତ୍ର ତୋ ଭଳି ଲକ୍ଷ୍ମୀକୁ ଅଯୋଧ୍ୟାକୁ ଆଣିଛି । ତୁ ଏ ରଘୁବଂଶର ମର୍ଯ୍ୟାଦାକୁ ରକ୍ଷା କରିବୁ । ଯେଉଁଦିନୁ ଏ ଅଯୋଧ୍ୟା ମାଟିରେ ତୋ ପାଦ ପଡ଼ିଛି ମା, ସେହିଦିନରୁ ଏ ଅଯୋଧ୍ୟା ଐଶ୍ୱର୍ଯ୍ୟ ଲକ୍ଷ୍ମୀରେ ପରିପୂର୍ଣ୍ଣ ହୋଇଛି ? ଆଉ କିଛିଦିନ ପରେ ତୁ ଅଯୋଧ୍ୟାର ରାଜରାଣୀ ହେବୁ ମା' । ମୋ ପୁତ୍ର ରାମକୁ ଏ ରାଜ ସିଂହାସନ ଦେଇ ମୁଁ ଏ ଜଞ୍ଜାଳରୁ ମୁକ୍ତ ହେବି । ହେଲେ ମା' ତୁ ମୋର ଗୋଟାଏ କଥା ମନେ ରଖିବୁ, ରାଜରାଣୀ ହୋଇ ତୋର ବୁଢ଼ା ବାପାଟାକୁ କେବେ ଭୁଲିଯିବୁ ନାହିଁ । ପ୍ରତ୍ୟେହ ଏମିତି ମୋ ସେବା କରୁଥିବୁ । ତୁ ଏ ଘରେ ପାଦଦେଲା ଦିନୁ ମୁଁ ତୋ ଶାଶୁମାନଙ୍କ ହାତପରଷାକୁ ଆଉ ଆଶା ରଖୁନାହିଁ । ତୁ ମୋର ବୋହୂ ନୁହେଁରେ ତୁ ମୋର ମା' । ଶେଷପର୍ଯ୍ୟନ୍ତ ତୋର ଏ ବୁଢ଼ାପୁଅଟା କଥା ବୁଝୁଥିବୁ ମା", ଆଉ ମୁଁ ମଲାପରେ ବି ତୋ ହସ୍ତରୁ ପିଣ୍ଡମୁଠାଏ ପାଇଁ...।"

ବାପା ! ଆପଣ ଏ କ'ଣ କହୁଛନ୍ତି ? ମୋ ଶଶୁରଙ୍କ ଏପରି କଥା ଶୁଣି ତାଙ୍କ ପାଟିରେ ହାତ ଦେଇଦେଲେ ସେ କହନ୍ତି, ମାଆରେ ରାମ ଭଳି ପୁଅ, ତୋ ପରି ବୋହୂ ପାଇ ମୋ ଜୀବନ ଧନ୍ୟ ହୋଇଯାଇଛି । ଜାଣେନା ବିଧାତା ମୋ ଜୀବନର ଅନ୍ତିମକ୍ଷଣ ପର୍ଯ୍ୟନ୍ତ ଏ ସୁଖ ମୋତେ ଦେବ କି ନାହିଁ ।

ଅଯୋଧ୍ୟାରେ ଯେତେଦିନ ମୁଁ ଥିଲି ସୁଧାମୟୀ, ମୁଁ କେବେ ଜାଣତରେ ମୋ ଶଶୁରଙ୍କ ସେବାରେ ଅବହେଳା କରିନାହିଁ । ତାଙ୍କୁ ପ୍ରଣାମ କରିବା, ପାଦୋଦକ ନେଇ ପାନକରିବା, ପାଦ ସେବା କରିବା, ମନଜାଣି ଖାଇବାକୁ ଦେବା, ଏପରିକି ତାଙ୍କ ଶେଯ ପାରିବା ଯାହା ମୋ ଶାଶୁମାନଙ୍କ କାମ ସେସବୁ ମୁଁ କରିଛି ।

ଶଶୁରଙ୍କ ଠାରୁ ଶାଶୁମାନେ ମୋତେ ଆହୁରି ଅଧିକ ସ୍ନେହ କରୁଥିଲେ । ଜ୍ୟେଷ୍ଠଶାଶୁମାଆଙ୍କ ଠାରୁ କନିଷ୍ଠ ଶାଶୁ ମା'ଙ୍କ ପର୍ଯ୍ୟନ୍ତ ସଭିଙ୍କ ତୁଣ୍ଡରେ ମୋ ନାମ ଲାଗି ରହିଥାଏ । ପିତା ଦଶରଥଙ୍କୁ ପ୍ରଣାମ କରିସାରି ମୁଁ ଯାଇ ତିନି ଶାଶୁମା'ଙ୍କୁ ପ୍ରଣାମ କରେ । ତାଙ୍କ ପାଦୋଦକ ପାଏ । ମୋତେ ଆଶୀର୍ବାଦ କରି ମୋ ଶାଶୁମାନେ କହନ୍ତି, "ମାଆଲୋ ଆମେ ତିନିଜଣ କେଉଁ ଜନ୍ମରେ କି ପୁଣ୍ୟ କରିଥିଲୁ କେଜାଣି ବିଧାତା ଆମ କୋଳରେ ରାମ ପରି ପୁଅ, ତୋ ଭଳି ବୋହୂକୁ ଦେଇ ଆମକୁ ଧନ୍ୟ କରିଦେଇଛି । ତୋର ସ୍ନେହ, ଆଦର, ଭକ୍ତିରେ ତୁ ଆମକୁ ଏମିତି ବାନ୍ଧି ଦେଇଛୁ ଯେ ଆମେ ଆମର ସମସ୍ତ କର୍ମ ମଧ୍ୟ ଭୁଲିଗଲୁଣି ।"

ମୋର ସାନ ତିନି ଦିଅର । ତାଙ୍କ କଥା କହିଲେ ନସରେ । ସବୁବେଳେ ତାଙ୍କ ତୁଣ୍ଡରେ ବଡ଼ ଭାଉଜ । ତାଙ୍କ ସ୍ତ୍ରୀମାନେ ଯେତେ ସ୍ନେହ ଆଦର କରୁଥିଲେ ବି, ମୋତେ ସେମାନେ ସବୁବେଳେ ଦେବୀର ଆସନ ଦେଇ ଆସିଛନ୍ତି । ମୋ ସାନଭଉଣୀ ମାଣ୍ଡବୀ, ଉର୍ମିଳା, ଶ୍ରୁତକୀର୍ତ୍ତି କହନ୍ତି ଅପା, ତୋ ପାଇଁ ଆମେ ଜଞ୍ଜାଳମୁକ୍ତ । ତୁମ ଦିଅରମାନଙ୍କର ଯେଉଁ ଆଧିପତ୍ୟ ତାହା ଆମ ପାଇଁ ଅସହ୍ୟ । ତୁ କେମିତି ତାଙ୍କ ଅଳି ଅଝଟ ସହୁଛୁ ଲୋ ଅପା । ଆମେ ଦେଖୁଛୁ ସେମାନେ ତୋ ନିକଟରେ ଛୋଟପିଲାଙ୍କ ଭଳି ଅଳି କରନ୍ତି । ତୁ କେବେବି ତାଙ୍କୁ ଆକଟ କରି ଦି'ପଦ କଥା କହିନାହୁଁ । ତାଙ୍କର ଖାଇବା ପିଇବା ସବୁ ତୁ ବୁଝି ଦେଉଛୁ । ଆମେ ଯେତେ ଆଦର, ସ୍ନେହ କଲେ ବି ଆମ ହାତ ଖାଦ୍ୟ ସେମାନଙ୍କୁ ରୁଚେନା, ଆଉ ତୁ ଯାହାଦେଲେ ବି ତାଙ୍କ ପାଇଁ ଅମୃତ । ମୋ ସ୍ୱାମୀ ସମୟ ସମୟରେ ହସିହସି ମୋତେ କହିଥାନ୍ତି, "ମୈଥିଳୀ ! ତୁମର ଦେବର ପ୍ରେମ ଦେଖି ମୋର ଭାରି ଈର୍ଷା ହେଉଛି । ତୁମେ ତାଙ୍କୁ ତୁମ ସ୍ନେହ, ମମତାର ପଣତ କାନିରେ ଏମିତି ବାନ୍ଧି ଦେଇଛ ଯେ, ସବୁ ସମୟରେ ସାନପିଲାଙ୍କ ଭଳି ସେମାନେ ତୁମ ଚାରିପଟେ ଘୂରି ବୁଲୁଛନ୍ତି । ତାଙ୍କର ଏପରି ଆଚରଣ ତୁମକୁ କ'ଣ ଖରାପ ଲାଗେନାହିଁ ?"

ତାଙ୍କ କଥା ଶୁଣି ମୁଁ ହସିହସି କହେ, ଆପଣ ଏମିତି କ'ଣ କହୁଛନ୍ତି ପ୍ରଭୁ, ସେମାନେ ପରା ଆପଣଙ୍କ ସାନଭାଇ । ଆପଣଙ୍କ ସାନଭାଇ ମାନେ କ'ଣ ମୋର ଭାଇ ନୁହଁନ୍ତି ? ସେମାନେ କ'ଣ ମୋ ଠାରେ ଆପଣଙ୍କ ପାଇଁ ସାଇତା ହୋଇ ରହିଥିବା ସ୍ନେହ ପ୍ରେମରେ ଭାଗ ବସାଉଛନ୍ତି କି ? ଆପଣଙ୍କୁ ସେଥିରୁ କେବେ ମୁଁ ବଞ୍ଚିତ କରିଛି କି ସ୍ୱାମୀ ?

ଅନ୍ୟମାନଙ୍କ ଅଗୋଚରରେ ମୋତେ କୋଳକରି ନେଇ, ମୋ ମସ୍ତରେ ସ୍ନେହ ପ୍ରେମର ଅମୃତଧାରା ବୁହାଇ ଦେଇ ସେ କହନ୍ତି, ନାଁ ଦେବୀ ତୁମେ ସେପରି କୁହନାହିଁ । ତୁମେ ଅଯୋଧ୍ୟାରେ ପାଦ ଦେବା ଦିନଠାରୁ ଏ ଅଯୋଧ୍ୟା ଏକ ନୂଆ ରୂପ ନେଇଛି । ସମସ୍ତଙ୍କୁ ତୁମେ ତୁମ ସ୍ନେହ, ପ୍ରେମ ଡୋରରେ ବାନ୍ଧି ଦେଇଛ । ଏ ଘରେ ମୋର ପିତା, ମାତା, ମୋର ସାନଭାଇ, ଗୁରୁଜନ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଏପରିକି ଦାସୀ ପରିଚାରୀ ସଭିଙ୍କ ତୁଣ୍ଡରେ ତୁମରି ନାମ, ତୁମରି ଗୁଣ, ତୁମରି ଯଶଗାନ ।

ମୋ ସ୍ୱାମୀଙ୍କ ତୁଣ୍ଡରେ ହାତଦେଇ ମୁଁ କହେ, "ଥାଉ ସ୍ୱାମୀ ! ମୋର ଏତେ ପ୍ରଶଂସା ଆଉ କରନ୍ତୁ ନାହିଁ । ଏ ଘରର ବୋହୂ ମୁଁ । ଏ ଘରର ମାନ, ମର୍ଯ୍ୟାଦା, ଯଶ, ଖ୍ୟାତିରେ ମୁଁ ତିଳେହେଲେ ଆଞ୍ଚ ଆସିବାକୁ ଦେବିନାହିଁ । ଆପଣଙ୍କ ପାଇଁ ମୁଁ ଆପଣଙ୍କ ଆଦରର ସୀତା, ମୋ ଶଶୁର ପାଇଁ ତାଙ୍କ ମା', ମୋ ଶାଶୁ ମାନଙ୍କର କଥା ମୁଁ କ'ଣ କହିବି । ମୋର ଭଉଣୀ, ଜା'ମାନେ ମୋତେ ତାଙ୍କ ସ୍ୱାମୀ ମାନଙ୍କର ଦାୟିତ୍ୱ ଅର୍ପଣ କରିଦେଇ ରାଜସୁଖ ଭୋଗ କରୁଛନ୍ତି । ଏ ଗୃହରେ ସମସ୍ତଙ୍କୁ ଯଥାମାନ୍ୟ ମୁଁ ଦେଇ ଚାଲିଛି ସ୍ୱାମୀ । ଏ ଘରକୁ ଯେଉଁ ଅତିଥି ଅଭ୍ୟାଗତ, ସାଧୁସନ୍ଥ ଆସୁଛନ୍ତି, ସେମାନଙ୍କର ସେବା ମଧ୍ୟ ମୁଁ କରୁଛି । ଏ ଘରର ଦାସୀ ପୋଇଲିଙ୍କୁ ମୁଁ କେବେ ଭିନ୍ନ ଦୃଷ୍ଟିରେ ଦେଖିନାହିଁ । ସେଇଥିପାଇଁ ସେମାନେ ସମସ୍ତେ....

ତୁମ ସ୍ନେହ ଡୋରିରେ ବନ୍ଧା ଦେବୀ । ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଅଯୋଧ୍ୟାରେ ଏ ସୁଖ ଟିକକ ଯେମିତି ସବୁଦିନେ ବିରାଜୁଥାଉ ।

ତାଙ୍କ କଥା ଶୁଣି ମୁଁ ହସିହସି କହିଥିଲି ସୁଖ ପରେ ଦୁଃଖ ଏହାତ ସଂସାରର ନିୟମ । ଅଯୋଧ୍ୟା ପୁରର ଏ ସୁଖକୁ ନିୟତି ସହିପାରିଲେ ତ ?

ମୋ କଥା ଶୁଣି ଈଷତ୍ କ୍ରୋଧ ପ୍ରକାଶ କରି ମୋ ସ୍ୱାମୀ କହିଥିଲେ, ମୁଁ ସେ ନିୟତିକୁ ବିଶ୍ୱାସ କରେନାହିଁ । ସେ ଯଦି ଆମ ସୁଖରେ ବାଧା ଘଟାଏ, ତାହେଲେ ରାମହସ୍ତର ଏ ଧନୁର୍ବାଣ ତାଙ୍କୁ ଉଚିତ ଶାସ୍ତି ଦେବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଫଁକା ପଡ଼ିଲା ଶୂନ୍ୟମୃତ୍ୟୁ ସପ୍ତାହ

### ଶ୍ରୀବତ୍ସ ନାୟକ

ସରକାରୀ ତଥ୍ୟ ଅନୁସାରେ ଡିସେମ୍ବର ମାସ ପ୍ରଥମ ସପ୍ତାହକୁ ସାରା ରାଜ୍ୟ ଜିରୋ ଫର୍ଟାଲିଟି ୱିକ୍ ବା ଶୂନ୍ୟମୃତ୍ୟୁ ସପ୍ତାହ ଭାବେ ପାଳନ କରିଥିବା ବେଳେ ସପ୍ତାହର ପ୍ରଥମ ଦିନରେ ଭିନ୍ନ ଭିନ୍ନ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ତଥା ସମ୍ପୂର୍ଣ୍ଣ ସପ୍ତାହରେ ଓଡ଼ିଶାରେ ୮୦ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ସମ୍ପୂର୍ଣ୍ଣ ରୂପେ ଫେଲ୍ ମାରିଛି ମୃତ୍ୟୁଶୂନ୍ୟ ସପ୍ତାହ । ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା । ସରକାରଙ୍କର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ମୃତ୍ୟୁ ସଂଖ୍ୟାରେ ରୋକ୍ ନଲାଗିବା ଏବେ ଚିନ୍ତାର କାରଣ ହୋଇଛି । ଶୂନ୍ୟମୃତ୍ୟୁ ସପ୍ତାହ ପାଳନ ଅବସରରେ ସରକାରଙ୍କର ପରିବହନ ବିଭାଗ ଏବଂ ପୋଲିସ ପ୍ରଶାସନ ତରଫରୁ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିନବ ପ୍ରୟାସ ମାନ ଜାରି ରଖିଛନ୍ତି । ପ୍ରତିରକ୍ଷାପୂର୍ଣ୍ଣ ଗାଡି ଚାଳନାର ଅଭ୍ୟାସ, ଅନ୍ୟମନସ୍କ ହୋଇ ଗାଡ଼ି ଚଳାଇବାର ଭୟଙ୍କର କ୍ଷତି, ଟ୍ରାଫିକ୍ ନିୟମ ପାଳନ କରିବାର ମହତ୍ତ୍ୱ, ବେପରୁଆ ଗାଡି ଚାଳନାର ପରିଣାମ ଉପରେ ସଚେତନତା କରିବା ପାଇଁ ଜନସାଧାରଣ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲେ ମଧ୍ୟ ଫଳ ଶୂନ।

ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସ୍ ଏବଂ ପରିବହନ ପକ୍ଷରୁ ରାଜ୍ୟବ୍ୟାପୀ ସଚେତନ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଦୁର୍ଘଟଣା କମିବାର ନାହିଁ । ଦୁର୍ଘଟଣା ଆଉ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଲୋକଙ୍କ ଯାତାୟତ ସଡ଼କରେ କିପରି ସୁରକ୍ଷିତ ହେବ ସେ ନେଇ ରାସ୍ତା ନିର୍ମାଣ କରାଯାଉଛି । ଆଉ ଦୁର୍ଘଟଣାର ମାତ୍ରା କମାଇବାକୁ ଦାମୀ ଦାମୀ ଯନ୍ତ୍ରପାତି ଆରଟିଓ, ପୋଲିସକୁ ଦିଆଯାଉଛି । ନୂତନ ଟ୍ରାଫିକ ପୋଷ୍ଟ ମଧ୍ୟ ନିର୍ମାଣ କରାଯାଉଛି । ଇଣ୍ଟରସେପ୍ଟର ଭଳି ଅତ୍ୟାଧୁନିକ ଗାଡି, ବ୍ରେଥ୍ ଆନାଲାଇଜର୍, ବ୍ୟାରିକେଡ୍ ବାବଦରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଛି । ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଟ୍ରାଫିକ ନିୟମ ଉଲଙ୍ଘନକାରୀ ବିରୋଧରେ ଜିରୋ ଟଲେରାନ୍ସ ଡେ'ପାଳନ କରାଯାଉଛି । ମଦ୍ୟପ ଗାଡି ଚାଳକଙ୍କୁ ଧରିବା, ଓଭର୍ଲୋଡ଼ିଂ ପାଇଁ,ବିନା କାଗଜପତ୍ରରେ ଗାଡି ଚାଳନା ପାଇଁ ରାସ୍ତାରେ ପୋଲିସ୍ ଚେକିଂ ଓ ବ୍ଲକିଂ ମଧ୍ୟ କରୁଛି । ଡିସେମ୍ବର ମାସ ହେଉଛି ପର୍ଯ୍ୟଟନର ଋତୁ ତେଣୁ ଦୁର୍ଘଟଣା ଦୃଷ୍ଟିରୁ ଏହା ଖୁବ୍ ସମ୍ବେଦନଶୀଳ ଅଟେ । ସେଥିନିମନ୍ତେ ମଧ୍ୟ ପୋଲିସ ବିଭାଗ ଚେକିଂକୁ କଡାକଡି କରିଛି । ଏସବୁ ସତ୍ତ୍ୱେ ମଧ୍ୟ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ସରକାରଙ୍କ ପାଇଁ ଏ ବେ ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

ଉଭୟ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି, ହେଲେ 'ପ୍ରଚାର ପ୍ରବଳ କାମ ଦୁର୍ବଳ' ସ୍ଥିତିରେ ଏବେ ଦୁର୍ଘଟଣା ବଢିଛି । ଯାହାକି ରାଜ୍ୟର ବିପର୍ଯ୍ୟସ୍ତ ରାସ୍ତାଘାଟ ଓ ବେପରୁଆ ଗାଡିଚାଳନା ଯୋଗୁଁ ହେଉଥିବା କୁହାଯାଇଛି । ଓଭରଲୋଡ଼, ଓଭରସ୍ପିଡ,ଡ୍ରଙ୍କେନ୍ ଡ୍ରାଇଭିଂ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ,ଗାଡି ଚାଳନା ବେଳେ ମୋବାଇଲ ଫୋନ ବ୍ୟବହାର, ବିନା ସିଟ ବେଲ୍ଟରେ ଗାଡିଚାଳନା,ବିନା ହେଲମେଟରେ ବାଇକ ଡ୍ରାଇଭିଂ, ରାସ୍ତା ଉପରେ ବେଆଇନ ଟ୍ରକ ଓ ଅନ୍ୟାନ୍ୟ ଗାଡି ପାର୍କିଂ, ରାସ୍ତାସାରା ଖାଲଖମା ଓ ବିଶେଷକରି ଲକ୍ଷ୍ୟହୀନ ପଦକ୍ଷେପ ଯୋଗୁଁ ଏହି ଶୂନ୍ୟ ମୃତ୍ୟୁ ସପ୍ତାହ ଫଳପ୍ରଦ ହୋଇ ପାରୁନାହିଁ । ରାସ୍ତା ସାଜିଛି ମରଣ ଯନ୍ତା ।ଘରୁ ଗୋଡ଼ କାଢ଼ିବାକୁ ଡର ଲାଗୁଛି ।ଘରେ ଜୀବନ ବାହାରେ ମୃତ୍ୟୁ ଭଳି ମନେ ହେଉଛି ।ଘରୁ ବାହାରିଲେ ଘରକୁ ନ ଫେରିବା ପର୍ଯ୍ୟନ୍ତ ପରିବାର ଲୋକ ଚିନ୍ତାରେ ରହିଛନ୍ତି ।ଦୀର୍ଘ ଦୁଇ ଦଶନ୍ଧି ପୂର୍ବେ ଦୁର୍ଘଟଣା କେବଳ ରାଜପଥ ତଥା ସହରାଞ୍ଚଳରେ ଅଧିକ ହେଉଥିଲା କିନ୍ତୁ ଆଧୁନିକତାର ସ୍ପର୍ଶରେ ସବୁ ସ୍ଥାନକୁ ରାସ୍ତା ସଂଯୋଗ ହୋଇଯିବାରୁ ଦୁର୍ଘଟଣା ଆଉ ସହରାଞ୍ଚଳରେ ସୀମିତ ହୋଇ ରହିନାହିଁ । ବସ୍ତି ରୁ ଗାଁ,ଗାଁ ରୁ ସହର ସବୁଠି ଘଟି ଚାଲିଛି ସଡ଼କ ଜନିତ ଦୁର୍ଘଟଣା ।ସଡ଼କ ସୁରକ୍ଷା ଜୀବନ ରକ୍ଷା ।ଅର୍ଥାତ୍ ସଡ଼କରେ ଗାଡ଼ି ଚାଳନା ସମୟରେ ଚାଳକ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କ ସୁରକ୍ଷା କଥା ଚିନ୍ତା କରିବା ଦରକାର ନହେଲେ ଜୀବନ ହାନି ହେବାର ଆଶଙ୍କା ଥାଏ ।ରାସ୍ତାରେ ଗାଡ଼ି ଚଲେଇଲା ବେଳେ ବିଭିନ୍ନ ରାସ୍ତାରେ ନିର୍ଦ୍ଦିଷ୍ଟ ଗତି ସୀମା ମଧ୍ୟରେ ଚଳାଇବା ଉଚିତ । ଓଭର ସ୍ପିଡରୁ ନିବୃତ୍ତ ରହିବା, ସାଇକେଲ,ମୋଟର ସାଇକେଲ ଚଳାଇବା ବେଳେ ହେଲମେଟ ଓ ଚାରିଚକିଆ ଯାନ ଚଲେଇବା ବେଳେ ସିଟ୍ ବେଲ୍ଟ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣ ଲଗାଇବା ଜରୁରୀ ଅଟେ । ବାକି ରହିଲା ନିଶାସକ୍ତ ଅବସ୍ଥାରେ ଗାଡି ଚଲେଇବା କଥା ।ମଦ୍ୟପାନ, ଧୂମ୍ରପାନ କିମ୍ବା କୌଣସି ନିଶାଦ୍ରବ୍ୟ ଖାଇ ଗାଡି ଚଲେଇବା ମଧ୍ୟ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ।ଗାଡି ଚଳାଇବା ସମୟରେ କେବେବି ମୋବାଇଲ୍ ଫୋନ୍ କିମ୍ବା କାନ ଫୋନ୍ ବ୍ୟବହାର କରନ୍ତୁ ନାହିଁ । ସର୍ବଦା ମନେରଖନ୍ତୁ "ରାସ୍ତାରେ ଏକ ମୋବାଇଲ୍ କଲ୍ ଆପଣଙ୍କ ଜୀବନର ଶେଷ କଲ୍ ହୋଇପାରେ" । ଆପଣ ରାସ୍ତାରେ ଯିବା ପୂର୍ବରୁ ଟ୍ରାଫିକ୍ ଚିହ୍ନ, ସଙ୍କେତ, ଆଲୋକ ଏବଂ ଟ୍ରାଫିକ୍ ସୁରକ୍ଷା ନିୟମ ଜାଣନ୍ତୁ । ସଡକ ସୁରକ୍ଷା ନିୟମ ଦୁର୍ଘଟଣାକୁ ଏଡାଇବା ପାଇଁ ସର୍ବୋତ୍ତମ ଉପକରଣ ।

ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ । ଡିସେମ୍ବର ପ୍ରଥମ ସପ୍ତାହ କାହିଁକି ବରଂ ବର୍ଷର ପ୍ରତ୍ୟେକ ସପ୍ତାହକୁ ଶୂନ୍ୟମୃତ୍ୟୁ ସପ୍ତାହ ଭାବେ ପାଳନ କରି ଜନ ସଚେତନ କାର୍ଯ୍ୟକ୍ରମ କରାଯାଉ । ସରକାର କିମ୍ବା ରାଜ୍ୟ ପ୍ରଶାସନ ସଡ଼କ ଦୁର୍ଘଟଣାକୁ ନେଇ ଯେତେ ତତ୍ପର ହେଲେ କଣ ହେବ ଜନସାଧାରଣ ସଚେତନ ହେବା ଦରକାର ନହେଲେ ଅକାରଣରେ ଜୀବନ ହାନି ହେବ ଏଥିରେ ସନ୍ଦେହ ନାହିଁ ।ଜନ ସଂଖ୍ୟା ସହ ଦିନକୁ ଦିନ ଗାଡି ମଟରର ଅଦ୍ଭୁତ ମାତ୍ରାରେ ବୃଦ୍ଧି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଯଦିଓ ଦୁର୍ଘଟଣାର ମାତ୍ରା ହ୍ରାସ ପାଉନି ତଥାପି ବର୍ଷର ଏକ ନିର୍ଦ୍ଦିଷ୍ଟ ସପ୍ତାହକୁ ମୃତ୍ୟୁଶୂନ୍ୟ ରଖିବା ପାଇଁ ଯେଉଁ ପ୍ରୟାସ ରାଜ୍ୟ ସରକାର ନେଇଥିଲେ ସେଥିରେ ସଫଳ ହୋଇପାରିଲେ ନାହିଁ ।ସଚେତନ କାର୍ଯ୍ୟକ୍ରମ ହେଲା,ପ୍ରଚୁର ଅର୍ଥ ଖର୍ଚ୍ଚ ହେଲା କିନ୍ତୁ ରେଜଲ୍ଟ ଶୂନ । ଦୁର୍ଘଟଣା କମିବା ପରିବର୍ତ୍ତେ ବଢିଲା । ଦୁର୍ଘଟଣା ଅକସ୍ମିତ ଭାବେ ହୁଏ ଏହା ଭାଗ୍ୟର ବିଡମ୍ବନା ବୋଲି କହିବା କଦାପି ଠିକ୍ ନୁହେଁ । ଏହା ସମ୍ପୂର୍ଣ୍ଣ ମାନବକୃତ । ତେଣୁ ସାଧାରଣରେ ଆମେ ସମସ୍ତେ ସଜାଗ ହେଲେ ଏହା କେତେକାଂଶରେ ସଫଳ ହୋଇପାରିବ ।

♥ ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ, କଟକ
ମୋ: ୯୪୩୮୦୭୦୮୪୯

## କବିତା...

### ॥ ଛଅଟି ସ୍କେଚ୍ ॥

**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**



ସକାଳ - କାହା ଦସ୍ତକ୍‌ରେ
ଫର୍ଚ୍ଚା ଦିଶୁଥାଏ ତମାମ ଆକାଶ !
କଳା ବନ୍ଧନରୁ ଆସ୍ତେ ଆସ୍ତେ
ନିଗିଡ଼ି ପଡ଼େ ଆଲୁଅର ଶୋଷ;
କାହା ପାଦ ଶବ୍ଦରେ
ଟଳମଳ ହୁଏ ପୁଣି ଚଢ଼େଇ ବସାର ଦୁଆର !

ଅପେକ୍ଷା - କାହିଁ କେଉଁ କାଳୁ ଚାତକ ଭଳି
ବାଟ ଜଗିବସିଛି ମାତାଲ୍ ପ୍ରେମିକ:
ପ୍ରେମିକା ଗାଁର ଶିଉଳି ଲଗା କଲ୍‌ଭର୍ଟ ଉପରେ,
ବିତି ଗଲାଣି ଅନେକ ଯୁଗ
ଲିଭିଲାଣି ଜୀବନ ଦୀପ
ହେଲେ ସେ ମାନିଲେ ତ ?

ଧର୍ମଯୁଦ୍ଧ - ତା ପାଇଁ ଖୋଲା ଯାଏନା
ଦିଅଁଙ୍କ ଅଣସର ଘର,
ଅଧୁରା ରହେନା ମସଜିଦରେ ଆଜାନ୍
କି ବାଇବେଲର ଧାଡ଼ିଗୁଡ଼ା ବି ଅସ୍ପଷ୍ଟ ଦିଶେନା,
ତଥାପି ସେ ସଶକ୍ତ
ପ୍ରତି ଫର୍ଦ୍ଦରେ ଚିରକାଳ !

କବିତା-ପୃଷ୍ଠାରେ ଉତ୍ତାରିଲେ ସବିତା
ଶବ୍ଦରେ ଉଚ୍ଚାରିଲେ ପ୍ରେମିକା
କବିତାର ନାଁ ରଜନୀଗନ୍ଧା ।

ନାୟିକା -ଚିହ୍ନା ଚଉହଦୀର ରତୁରତୁ ଯୌବନ,
ନକଲି ନାୟିକାର ଚିତ୍ରପଟରେ ନାଲି ନେଲି ଚୁମ୍ବନ ।

ପ୍ରେମିକା- ତା' ଲାବଣ୍ୟରେ ଜଳିଯାଏ
ଲକ୍ଷେ ପ୍ରଜାପତିର ଅହମିକା,
କେହି ଜଣେ କହିଥିଲେ: 'ଦୁନିଆରେ ସ୍ଥିର ନୁହେଁ
କେବେ ନଈ, ନାରୀ ଓ ପ୍ରେମିକା ।'

♥ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧ ।
(ମୋ) ୭୭୮୮୯୭୭୨୭୬

### ॥ ଶୀତର ସେଲ୍‌ଫି ॥

**ଧନଞ୍ଜୟ ସ୍ୱାଇଁ**



ଶୀତ ଘାସଫୁଲ କୁଆଁରୀ ଆଖିରେ
ସଜ କାକରର ଲୁହ
ଶୀତ ନଈଧାର ପରଦେଶୀ କେଉଁ
ମଉଳା ମେଘର ମୁହଁ ।

ଶୀତ ଅବା ସାତ ଦରିଆ ସେପାରି
ସାଧବ ପୁଅର ସ୍ମୃତି
ଶୀତ କାର୍ତ୍ତିକର ହବିଷ ହାଣ୍ଡିରେ
ପୁଣ୍ୟର ପ୍ରତିଶ୍ରୁତି ।

ଶୀତ ମହମହ ମାଟି ଅଗଣାରେ
କୁହୁଳା ଦୀପର ଦାଗ
ଶୀତ ଅବା କେଉଁ ମନ୍ଦିର ବେଢ଼ାରେ
ସଂଧ୍ୟାର ଶେଷଭାଗ ।

ଶୀତ ଆସିଲାଣି ସୋରିଷ ଫୁଲର
ସବାରିରେ ବୋହୂ ହୋଇ
ଶୀତ ଆସିଲାଣି କୁହୁଡ଼ି ଧୂଆଁରେ
ଧାନବିଲ ଡେଇଁ ଡେଇଁ ।

କାଲୁଆ ପବନ ବହିଲାଣି ଏବେ
କୋହଲା କଲାଣି ପାଗ
ବୋଉ ବାଢ଼ିଲାଣି ଘାଣ୍ଟ ତରକାରୀ
ବାଡ଼ି ମଦରଙ୍ଗା ଶାଗ ।

♥ କଟକ
ମୋ: ୯୪୩୭୦୦୦୬୩୬

## ଗୀତି କବିତା



### ॥ କେଉଁ ନବାଗତ ଆସିବେ କେଜାଣି ॥

**ହରିଶ୍ଚନ୍ଦ୍ର ବେହେରା**

କେଉଁ ନବାଗତ ଆସିବେ କେଜାଣି
ବାଜିଲାଣି ସାହାନାଇ
ପ୍ରକୃତି ସଜେଇ ଦେଉଛି ଆକାଶ
ପାହାଡ଼ ସମୁଦ୍ର ନଈ ।୦।

ମଙ୍ଗଳ ଦୀପ ଜାଳି ରଖିଲାଣି
ନହୁଲି ଫୁ' କିଆ ତାରା
ପକ୍ଷୀର କଣ୍ଠରେ ଆବାହନି ଗୀତ
ନୂଆ ସ୍ୱପ୍ନ ମନ ସାରା
ମହୁର ପସରା ମୁଣ୍ଡେଇ ଭଅଁର
ଉଡ଼ିଲେଣି ଗୀତ ଗାଇ ।୧।

ତରୁ ଛାୟାଘନ ତୋଟା ଉହାଡ଼ରୁ
ଶୁଭିଲାଣି କୁହୁକୁହୁ
ପବନ ସାରା ତ ଫୁଲର ପରାଗ
ସବୁଠି ଝରୁଛି ମହୁ
ଗଭାକୁ ସଜେଇ ବାଟ ଚାହିଁଛନ୍ତି
ଗେଣ୍ଡୁ ମଲ୍ଲୀ ଯୂଈ ଜାଇ ।୨।

ଅନ୍ତର ରୁ ଅନ୍ତରୀକ୍ଷ ଛୁଇଁ ଛୁଇଁ
ଶୁଭୁଛି ସ୍ୱାଗତ ଗୀତି
ଋତୁପର୍ଣ୍ଣ । ନଈ ଆକୁଳେ ଖୋଜୁଛି
କେତେ ଦୂରେ ତା'ର ସାଥି
ନୂଆ ଅତିଥିଙ୍କ ଶୁଭ ଆଗମନେ
ଦୁଃଖ ରାତିଯିବ ପାହି ।୩।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

### ॥ ଝିଅ ॥

**ସୁମିତା ବେହେରା**



ଝଅଅ
ଯା,
କେହି ତିଆରି ଥିବା ମିଛ ଆକାଶର
ପରିଧି ଭିତରୁ ବାହାରି ଯା,
ଆଖି ବୁଜି ବିଶ୍ୱାସର ବୀଜ ବୁଣି
ସବୁଜ ଫସଲର ମୋହରେ
ଯେଉଁଠି ଅଟକିଥିଲା ପାଦ ତୋର
ସେ ସ୍ୱପ୍ନର ସୀମାରେଖା ଡେଇଁ
ଆଗକୁ ଯା ।

କାହାକୁ ତଉଲିବାକୁ ଦେ 'ନା
ତୋର ହୃଦୟ
ଭାଙ୍ଗିବାକୁ ଦେ ନା ତୋର କାଚମନ
କାହା ଖିଆଲର ଭରା ନଈକୁ
ନିଜ ଲୁହ ବୁନ୍ଦାର ଲୁଣି ଜଳରେ
ଉଜ୍ଜ୍ୱଳ କରିବାର
ରମଣୀୟ ମାର୍ଗରୁ
ବାହାରି ଯା ।

ଥାଉ କିଛି ବାଟ କଣ୍ଟକମୟ
ଥାଉ କିଛି ଅମଡା ବାଟ
ମାଟିକୁ ଚିରି
ବାହାରି ଆସୁଥିବା ବୀଜ,
ପତ୍ରଝଡାର ଜ୍ୱଳନ ପରେ
ପୁଣିଥରେ ସବୁଜେଇ ପତ୍ରେଇ ଯିବାର
ଆସ୍ପର୍ଦ୍ଧା ନେଇ
ଆଗକୁ ଯା ।

ଯା,
ଚିରକାଳ ବ୍ୟାପ୍ତି ର ଅଡୁଆସୂତାରୁ
ବାହାରି ଯା,
ବାହାରି ଯା ଯାବତୀୟ ଅତିରିକ୍ତ ଉପାଧିରୁ
କେବଳ ପୃଥିବୀରେ
ପୃଥିବୀଟିଏ ହୋଇ ଥା ।

ଲୋଡା ନ ପଡୁ ତୋ ପାଇଁ
ଗହନ ଅନ୍ଧକାରକୁ ଭେଦ କରିବାର ଶସ୍ତ୍ର
ଲୋଡା ବି ନପଡୁ ଭାଗ୍ୟର ପଣତ,

ସମୟ ସନ୍ଧିରେ ବାଟ ଫିଟାଇ
ବହୁବର୍ଣ୍ଣୀ ପ୍ରଜାପତିଟିଏ ହୋଇ
ଉଡି ଯା ।

♥ ବାରିପଦା
(ମୋ) ୬୩୭୨୮୫୬୯୯୪

### ॥ ଜୀବନ ॥

**ରାଧାଶ୍ୟାମ ରାଉଳ**



ଜୀବନକୁ କଣ ବୁଝିପାରୁନାହଁ
ହେ ଚନ୍ଦ୍ରକାନ୍ତ ?
ପଦୁଅଁ ପତ୍ରରେ
ଢଳଢଳ ଜଳଟୋପା ସମ
ଜୀବନଟି ଅନିଶ୍ଚିତ !

ଜୀବନ ଅଛି ବୋଲି ତ ଏତେକଥା;
ହସକାନ୍ଦ, ସୁଖଦୁଃଖ, ହାନିଲାଭ
ଅବସୋସ,ସନ୍ତ୍ରାସ
କାମନା, ବାସନା, ଯନ୍ତ୍ରଣା
ଉଦ୍‌ବେଗ ଓ ଆତୁରତା !

ବୟସ ବଢ଼ିବା ସାଙ୍ଗକୁ
ବଢିଚାଲିଛି ଜଞ୍ଜାଳ ଓ ଅଭାବବୋଧ ।

କିଛି କରିନପାରିବାର ଅସାମର୍ଥ୍ୟ ଭିତରେ
ଦାନା ବାନ୍ଧିଚାଲିଛି,
ହତାଶା, ଅବସାଦ !

ନୀତି ଆଦର୍ଶ, ସମ୍ପର୍କ, ବିଶ୍ୱାସର ମୂଳକୁ
କିଏ ଅବା ତଉଲୁଛି ?
ଦୁର୍ନୀତି, ଅନ୍ୟାୟ
ପ୍ରତାରଣାର ପଶାପାଲିରେ
ପ୍ରତିମୁହୂର୍ତ୍ତରେ
ଜୀବନ ଏଠି ବାଜି ଲାଗୁଛି !

ଚନ୍ଦ୍ରକାନ୍ତ !
ଏବେ ଖାଲି ଅନୁଭବ କରିବାର ବେଳ ।
ଆସ, ଅନ୍ତରଙ୍ଗ ଆବେଗର ଉଚ୍ଛ୍ୱାସରେ
ମନ୍ତ୍ରମୁଗ୍ଧ ହୋଇ
କାନପାତି ଶୁଣିବା;
ଜୀବନ ସଙ୍ଗୀତର ଲଳିତ ମୂର୍ଚ୍ଛନାରେ
କେମିତି ମଧୁମୟ ଲାଗୁଛି ବିଶ୍ୱ !!

♥ 'ଇନ୍ଦ୍ରଧନୁ', ଡୁପ୍ଲେକ୍ସ୍:
୧୦/ବି, ବୀମାବିହାର,
ମର୍କତନଗର
ସେକ୍ଟର:୬, କଟକ:୭୫୩୦୧୪
ମୋ: ୯୪୩୭୦୯୦୯୮୫

## ଛୋଟ ଗଳ୍ପ

# ଜୀବନର ମୋଡ଼

### କାହ୍ନୁଚରଣ ସାହୁ



ସକାଳୁ ସକାଳୁ ସନ୍ଦୀପ ବାହାରି ପଡ଼ିଲା ଇଣ୍ଟରଭ୍ୟୁ ଦେବା ପାଇଁ । ବସ୍ ଛଅଟା ରେ ଅଛି । ଯାହା ହେଉ, କୋଡିଏ ମିନିଟ ଆଗରୁ ପହଁଚି ଯାଇଛି । ବସ୍ ଷ୍ଟାଣ୍ଡରେ ପହଁଚି ଆରାମରେ ବସି ପଡେ ।

ଜିଲ୍ଲାର ଗୋଟେ ନାମୀଦାମୀ ପ୍ରାଇଭେଟ କମ୍ପାନୀଟେ । ଘରଠୁ ପ୍ରାୟ ସତୁରୀ କିମି ବାଟ ହେବ । ମନରେ ଗୋଟେ ଆଶା ଥାଏ, ଏଥର ଘରକୁ ନୂଆ ବାଇକଟେ ଆଣିବ । ସାଙ୍ଗସାଥି ସମସ୍ତେ ବାଇକ, କାର୍ ଚଢ଼ିଲା ବେଳକୁ ସାଇକେଲରେ ଯିବା ଆସିବା ଭାରି କଷ୍ଟ ଅନୁଭବ ହୁଏ । ଏଥର କିନ୍ତୁ ଅଳ୍ପ ଦାମିଆ ହେଲେ ବି ନିଜସ୍ୱ ଗୋଟେ ବାଇକ ଥିବ ନିହାତି । ମନେମନେ ଭାବୁଥାଏ ସନ୍ଦୀପ, ଜରୁରୀ ବେଳେ ଯାକୁ ତାକୁ କଲ୍ କରି ନଥିଲା କଥା ଶୁଣିବାରୁ ତ୍ରାହି ତ ମିଳିବ । ଯେତେବେଳେ ଚାହିଁବ ମାର୍କେଟ୍ ପଟେ ଘେରାଏ ବୁଲି ଆସିବ । ନୂଆ ଜାଗା ନୂଆ ପରିବେଶ ସହ ଦରମା ମଧ ମୋଟା ଅଙ୍କର । ଆର୍ଥିକ ଅବସ୍ଥାରୁ ମୁକୁଳିବା ଟିକେ ସହଜ ହେଇପାରେ । ଏମିତି ଅନେକ ପ୍ରକାର ଭାବନା ମନକୁ ଆସୁଥାଏ ।

ଠିକ୍ ସମୟରେ ବସ୍ ପହଞ୍ଚିଗଲା ମାର୍କେଟ୍ କମ୍ପ୍ଲେକ୍ସ ପାଖରେ । ବସ୍‌ରୁ ଓହ୍ଲେଇ ପୁଣି ଅଟୋ ଧରି ଦୁଇ କିମି ଯିବାକୁ ହେବ । ଆରମ୍ଭରେ ଗରମାଗରମ ଟିଫିନ ସାରିଦେଇ ବାହାରି ପଡ଼ିଲା ସନ୍ଦୀପ । ଯିବା ବାଟରେ ଅଟୋ ଡ୍ରାଇଭରର ମନଖୋଲା କଥା ଭାରି ମନକୁ ଛୁଇଁଲା, ମନେମନେ ବେଶ ଖୁସି ଆଉ ହାଲକା ଲାଗୁଥାଏ । ସେ ମିଜାକ କଥା ଆଗରେ ମନର ଅକୁହା ଦରଦ କୁଆଡେ ଉଭେଇ ଗଲା ଜାଣି ହେଲାନି....? ଅଟୋ ଡ୍ରାଇଭରକୁ ପେମେଣ୍ଟ କରି କମ୍ପାନୀ ଭିତରୁ ପ୍ରବେଶ କଲା । ଏଚ ଆର ଙ୍କ ଚାମ୍ବର ବାହାରେ ବସିବା ଭିତରେ ଡକାଗଲା ଇଣ୍ଟରଭ୍ୟୁ ପାଇଁ । ଚାଳିଶ ମିନିଟ ର ଇଣ୍ଟରଭ୍ୟୁ ପରେ ଚାମ୍ବରରୁ ବାହାରି ଆସିଲେ ସନ୍ଦୀପ । କିଛି ସମୟ ପରେ ଆସିଷ୍ଟାଣ୍ଟ ଆସି କହିଗଲେ, ଫଳାଫଳ ଆସନ୍ତା କାଲି ଆପଣଙ୍କୁ ଜଣେଇଦିଆ ଯିବ ।

> **ଖୁସି ମନରେ ଆଶା ବାନ୍ଧି ଫେରି ଆସିଲେ ସନ୍ଦୀପ। ରାତିସାରା ସପନରେ ଘୁରି ବୁଲୁଥାନ୍ତି । କେତେ କ'ଣ ? ମନେମନେ ଭାବୁଥାନ୍ତି । ବେଳେବେଳେ ଠାକୁରଙ୍କୁ ମଧ ଗୁହାରୀ କରୁଥାନ୍ତି, ହେ ପ୍ରଭୁ ଜବ୍ ହେଇଗଲେ ନଡ଼ିଆ ତିନିଟି ଆପଣଙ୍କ ପାଖକୁ ନେଇକିଯିବି....। ସକାଳୁ ଉଠି ନିତ୍ୟକର୍ମ ସାରି ଘରକାମରେ ବ୍ୟସ୍ତଥିବା ବେଳେ ମୋବାଇଲ୍ ରିଙ୍ଗ ହେବାକୁ ଲାଗିଲା । ତରବରରେ ଯାଇ ନୂଆ ନମ୍ବର୍ ଦେଖି ରିସିଭ୍ କରନ୍ତି । ସେପଟରୁ ଶୁଣାଯାଏ, 'ଆପଣ ସନ୍ଦୀପ ସାର୍ କହୁଛନ୍ତି କି ?', ଆଜ୍ଞା ହଁ ସନ୍ଦୀପ କୁହନ୍ତି । (ସେ-) କଙ୍ଗ୍ରାଚୁଲେସନ୍ ସାର୍, ଆପଣ ଆମ କମ୍ପାନୀ ପାଇଁ ସିଲେକ୍ଟ ହେଇଛନ୍ତି । ଆସନ୍ତା କାଲି ଆସି ଜଏନ୍ କରନ୍ତୁ ।**

ଖୁସି ମନରେ ଆଶା ବାନ୍ଧି ଫେରି ଆସିଲେ ସନ୍ଦୀପ। ରାତିସାରା ସପନରେ ଘୁରି ବୁଲୁଥାନ୍ତି । କେତେ କ'ଣ ? ମନେମନେ ଭାବୁଥାନ୍ତି । ବେଳେବେଳେ ଠାକୁରଙ୍କୁ ମଧ ଗୁହାରୀ କରୁଥାନ୍ତି, ହେ ପ୍ରଭୁ ଜବ୍ ହେଇଗଲେ ନଡ଼ିଆ ତିନିଟି ଆପଣଙ୍କ ପାଖକୁ ନେଇକିଯିବି....। ସକାଳୁ ଉଠି ନିତ୍ୟକର୍ମ ସାରି ଘରକାମରେ ବ୍ୟସ୍ତଥିବା ବେଳେ ମୋବାଇଲ୍ ରିଙ୍ଗ ହେବାକୁ ଲାଗିଲା । ତରବରରେ ଯାଇ ନୂଆ ନମ୍ବର୍ ଦେଖି ରିସିଭ୍ କରନ୍ତି । ସେପଟରୁ ଶୁଣାଯାଏ, 'ଆପଣ ସନ୍ଦୀପ ସାର୍ କହୁଛନ୍ତି କି ?', ଆଜ୍ଞା ହଁ ସନ୍ଦୀପ କୁହନ୍ତି । (ସେ-) କଙ୍ଗ୍ରାଚୁଲେସନ୍ ସାର୍, ଆପଣ ଆମ କମ୍ପାନୀ ପାଇଁ ସିଲେକ୍ଟ ହେଇଛନ୍ତି । ଆସନ୍ତା କାଲି ଆସି ଜଏନ୍ କରନ୍ତୁ ।

ଅନେକ ଦିନର ଆଶା ପୂରଣ ହେବାକୁ ଆଉ ଅଳ୍ପ ସମୟ ବାକି । ବେଶ୍, ଖୁସି ଜଣା ପଡୁଥାନ୍ତି ସନ୍ଦୀପ । ଠାକୁରଙ୍କୁ ଧନ୍ୟବାଦ ଦେଇ ଦିନଟି ସରିଗଲା । ସକାଳୁ ପୁଣି ବାହାରିଲେ ବସ୍ ଯୋଗେ । ମାର୍କେଟରେ ପହଞ୍ଚି ସେଠୁ ବାହାରି ପଡିଲେ ଆନନ୍ଦ, ଉଲ୍ଲାସରେ କମ୍ପାନୀ ମୁଖେ । ଅଫିସ ଭିତରକୁ ପସୁପସୁ ୱେଟିଙ୍ଗରୁମ୍ କୁ ଧରିନିଅନ୍ତି ଆସିସଷ୍ଟାଣ୍ଟ । ଅଫିସ ଗାର୍ଲ ଆସି କୋଲ୍ଡଡ୍ରିଙ୍କସ୍ ଦେଇ ଯାଆନ୍ତି । କୋଲ୍ଡଡ୍ରିଙ୍କସ୍ ପିଇବା ସହ ଜୀବନକୁ ଅନୁଭବ କରୁଥାନ୍ତି ସନ୍ଦୀପ । କେତେଦିନ ପରେ ଭଲ କମ୍ପାନୀରେ ଜବ୍ ଟେ ହେଇଚି । ନିଜ ହାତରେ ଘରର କିଛିଟା ପରିବର୍ତ୍ତନ ହେବ । ବାଇକ୍ ଆଣିଲା ପରେ ଯୁଆଡେ ଚାହିଁବ, ସ୍ୱଇଚ୍ଛାରେ ବୁଲିପାରିବ । ବାପା କଣ ଆଣିବାକୁ କହୁକହୁ ଟାଉନ ଯାଇ ଆଣି ପକେଇବ । ମାଆଙ୍କୁ ମନ୍ଦିର ନେଇଯିବ.....ଇତ୍ୟାଦି ଇତ୍ୟାଦି ।

କୋଲ୍ଡଡ୍ରିଙ୍କସ୍ ପିଇବା ନସରୁଣୁ ଆସିଷ୍ଟାଣ୍ଟ ଆସି କହି ଯାଆନ୍ତି ଏଚ ଆର୍ ସାର୍ ଙ୍କ ଚାମ୍ବର୍ କୁ ଯିବାପାଇଁ । ସନ୍ଦୀପ ଚାମ୍ବର ଡୋର ଖୋଲି କୁହନ୍ତି, 'ମେ ଆଇ କମିଙ୍ଗ୍ ସାର୍' । ଏଚ ଆର୍ ସାର୍, 'ୟେସ୍, କମିଙ୍ଗ୍', 'ପ୍ଲିଜ୍, ଟେକ୍ ଥିସ ସିଟ୍' । ସନ୍ଦୀପ,'ଗୁଡ଼ ମର୍ଣ୍ଣିଙ୍ଗ୍ ସାର୍, 'ଥ୍ୟାଙ୍କ୍ ୟୁ ସାର୍' । ପ୍ରତି ଉତ୍ତରରେ ଏଚ ଆର୍ଥ ସାର୍ କୁହନ୍ତୁ....। ତିନି ଚାରି ମିନିଟ୍ ପାଇଁ ବର୍ତ୍ତାଳାପ ହୁଏ ଦୁହିଁଙ୍କ ଭିତରେ । ଅନେକ ପ୍ରଶଂସା କଲାପରେ ଏଚ ଆର୍ ସାର୍, ମନଙ୍କୁ କିଞ୍ଚିତ ଦୁଃଖରେ ପୂର୍ଣ୍ଣ କରି କୁହନ୍ତି, 'ଆଇ ଆମ୍ ରିଏଲି ସରି, ସନ୍ଦୀପ ସାର୍, ଦୁଃଖର ସହ କହିବାକୁ ପଡୁଛି ଆପଣଙ୍କୁ । ଆପଣଙ୍କ ପୋଷ୍ଟ ପାଇଁ ଆମ କମ୍ପାନୀର ଏମ.ଡି ସାର୍ ତାଙ୍କର ଜଣେ ରିଲେଟିଭ୍‌ଙ୍କ ଝିଅଙ୍କୁ ହାୟର୍ କରିଛନ୍ତି । ଆପଣଙ୍କ ପରି ଜଣେ ସଚ୍ଚୋଟ ଓ ଇଣ୍ଟେଲିଜେଣ୍ଟ ଷ୍ଟାଫ୍ କୁ କମ୍ପାନୀ ହରେଇଛି ।',

ବାସ୍ ଆଉ କଣ ଶୁଣିବ ସନ୍ଦୀପ, ନା ଶୁଣିବାକୁ ଧୈର୍ଯ୍ୟ ଜୁଟେଇ ପାରୁଛନ୍ତି । ଦେଖୁଦେଖୁ ଆଖି ସାମ୍ନାରେ କିଛି କ୍ଷଣ ମଧରେ ଜୀବନର ମୋଡ଼ ଅଚାନକ ବଦଳି ଗଲା । ସପନର ନଅରରେ ପହଁଚୁ ପହଁଚୁ ସପନର ଚୋରି ହେଇଗଲା । ଛାତିରୁ ଓହଳୁ ଥିବା ନିଜ ଆବେଗ ଗୁଡାକୁ ସମ୍ଭାଳିନେଇ ଭାବ ବିହୋଳରେ କହିବସେ, 'ଓକେ ସାର୍, ଯାହା ମୋ ଭାଗରେ ଥିବ ତାହା ହିଁ ହେବ, ଆପଣଙ୍କ ସହ ଦେଖାହେଇ ଖୁବ ଖୁସି ଲାଗିଲା ।'

ଚାମ୍ବରରୁ ବିଦାୟ ନେଇ ଫେରି ଆସିଲା ସେଇ ଅତୀତର ପନ୍ଥାଶାଳାକୁ । ଜୀବନର ମୋଡ କେତେବେଳେ ଅଜାଣତେ ବଦଳିଯାଏ କଳନା କରିବା ଅସମ୍ଭବ । ମଣିଷ ଜାଣିବା ଆଗରୁ ଆରମ୍ଭର ଇତି ହେଇ ସାରିଥାଏ । ନ ଥକି, ଜୀବନର ଆଗାମୀ ଅଧ୍ୟାୟର ଅପେକ୍ଷାରେ, ନୂଆ ଆଶା ନେଇ ପୁଣି ଥରେ ଯାତ୍ରା ଆରମ୍ଭ କରିବାକୁ ମନସ୍ଥ କଲେ ସନ୍ଦୀପ ।

♥ ସମ୍ପାଦକ- ସୃଷ୍ଟି ସମ୍ଭାର ସାହିତ୍ୟ ପତ୍ରିକା
ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ମୋ- ୮୨୪୯୫୨୦୮୮୦

# ବିନା ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠାର ଅଭିନବ କୌଶଳ କେବଳ କବିଙ୍କୁ ହିଁ ଜଣା : ଅଙ୍ଗୁରବାଳା ପରିଡା

**ଅଙ୍ଗୁରବାଳା ପରିଡା ଓଡିଆ କବିତା ଜଗତରେ ଗୋଟେ ପରିଚିତ ହସ୍ତାକ୍ଷର । ଅନୁଭବର ଆବେଗ ତାଙ୍କ ସୃଜନୀର ଦିଗ ଆଉ ଦିଗନ୍ତ। କେବଳ ମାତ୍ର କବିତା ତାଙ୍କର ପରିଚୟ ନୁହେଁ ବରଂ ଗଳ୍ପ, ଆଲେଖ୍ୟ, ଆଲୋଚନା ଲେଖିବା ସହିତ ଅଭିନୟ, ସଂଯୋଜନା ଓ ରାଉରକେଲା ଷ୍ଟିଲ ଟିଭିରେ ସମ୍ବାଦପାଠିକାର ଦାୟିତ୍ୱ ସିଏ ନିର୍ବାହ କରିପାରନ୍ତି ବେଶ୍ ଦକ୍ଷତାର ସହିତ । ପଚିଶିରୁ ଉର୍ଦ୍ଧ୍ୱ ସମ୍ମାନ, ତାଙ୍କ ଯାଦୁକାରୀ ଶବ୍ଦ ବସାଣ / ଉଚ୍ଚାରଣର ପ୍ରମାଣ ଦିଏ ଓ ତାଙ୍କୁ ଚିହ୍ନାଏ ଗୋଟେ ନିଆରାପଣରେ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି, କେବେଠୁ କେମିତି ସାମିଲ ହେଲେ ଏ କବିତା ଯାତ୍ରାରେ ?

■■ ମତେ ଲାଗେ, ଏ ଜୀବନ ଏକ ଜଳାଧାର। ପାତ୍ର ଅନୁଯାୟୀ ଆକୃତି ନେଉଥାଏ ସେ। ଯେମିତିକି ଗିନାଏ ଜଳ, ବାଲ୍ଟିଏ ଜଳ, ନଦୀଏ ଜଳ ବା ପୋଖରୀଏ ଜଳ। ପୂର୍ବ ନିର୍ଦ୍ଧାରିତ ଭାଗ୍ୟକୁ ନେଇ ଆୟତନ ଅନୁରୂପ ଛାଞ୍ଚ ନେଉଥାଏ ଜୀବନ। ମୋ ଜନ୍ମ ଜାତକ ସହ କିଛି ଭାବପ୍ରବଣତା ରକ୍ତ ହେଇ ଗଡି ଆସିଲେ ଦେହକୁ। ବେଳ ଉଣ୍ଡି ପାକଳ ହେଲେ। ଆଠ ବର୍ଷ ବୟସରେ ମା'ଛେଉଣ୍ଡ ହବାର ବାତ୍ସଲ୍ୟ ରହିତ ବାଲ୍ୟକାଳର ଶୂନ୍ୟତାକୁ ଯେଉଁ ଗାଁ ଦାଣ୍ଡ, ବାଲିଖେଳ ଓ ସାଥିମେଳର ସାହଚର୍ଯ୍ୟରେ ପୂର୍ଣ୍ଣ କଲି, ସେମାନେ ମତେ କୃତଜ୍ଞତାର ଶବ୍ଦ ମାଗିଲେ। ମୁଁ ଶବ୍ଦ ଖୋଜିଲି। ଉଦୁଉଦିଆ ଖରାବେଳେ ତୋଟାରୁ ଆମ୍ବ ଗୋଟେଇବା ପରି, ଖୁଦୁରୁକୁଣୀ ଓଷାପୂଜା ପାଇଁ ପ୍ରଭାତରୁ ଉଠି ଫୁଲ ତୋଳି ଆଣିବା ପରି, ନୂଆ ଜାମା ପିନ୍ଧି ସ୍କୁଲର ସରସ୍ୱତୀ ପୂଜା ପରେ ଧାଡିରେ ଠିଆ ହୋଇ ସେଉ ବୁନ୍ଦି ପୁଡିଆଟିଏ ପାଇବା ପରି ମୁଁ ଶବ୍ଦ ସନ୍ଧାନରେ ବାହାରିଲି। ନିଜକୁ ନିଜ ଭିତରୁ ଫେଡି ପୁଣି ନିଜକୁ ଖୋଜିଲି। ଖୋଳପା ଫଟେଇ ବାହାରି ଆସିଲା ବେଳେ ସେ ଚିଁ ଚିଁ ଧ୍ୱନିର ଆହ୍ୱାନରେ କେତେ ଶବ୍ଦ ଥିଲା କହିପାରିବିନି, ମାତ୍ର ସଂଜ୍ଞା, ସ୍ୱରୂପ ବିହୀନ ପିଲାବେଳର ସେ ଅକବିତାମାନଙ୍କୁ ବାଦ୍ ଦେଲେ ପ୍ରଥମଥର ପାଇଁ ୧୯୯୧ ମସିହାରେ ସମକାଳୀନ କବିମାନଙ୍କର ଦୃଷ୍ଟିକୁ ଆସିଥିଲି ପ୍ରଜାତନ୍ତ୍ର ସାପ୍ତାହିକୀର କବିତା ପୃଷ୍ଠାରେ ନିୟମିତ ବ୍ୟବଧାନରେ ଛପାହେଲା ପରେ। ତା ପରେ ଅନ୍ୟ ପତ୍ରପତ୍ରିକା ସମେତ ପ୍ରଥମ ପ୍ରକାଶିତ ଝଙ୍କାର କବିତା 'ନିଜଛଡା' ମୋର ୧୯୯୮ ମସିହାରେ ପ୍ରକାଶିତ ହୁଏ। ଚିଠି ଆସେ । ପାଠକୀୟ ପ୍ରଶଂସାର ସ୍ୱୀକୃତି ଏ ଯାତ୍ରାର ପ୍ରକୃତ ସହଯାତ୍ରୀ ହେଇ ଏଯାଏଁ ସାଥିରେ ଚାଲିଛି। ବାସ୍।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେ ମାତ୍ରାରେ ସନ୍ତୁଷ୍ଟ ?

■■ ହଁ, ଆଦର୍ଶ ସେଇମାନେ, ଯେଉଁମାନେ ମୋ ଅଭାବବୋଧକୁ ଭାବମୟ କରିବାକୁ ମନରେ ଭରି ଦେଇଛନ୍ତି ଉର୍ଜାଃ। କେବେ ପ୍ରେମରେ ତ କେବେ ଠୋକରରେ। କେବେ ସଖ୍ୟ କେବେ ଶତ୍ରୁ। କେବେ 'ଦେବୀ' ବୋଲି ସମ୍ବୋଧିଲା ପରେ ଯାଚି ଦେଇଛନ୍ତି ମହାମୂଲ୍ୟ ଅମୋଘ ଆୟୁଧ ତ କେବେ ସବୁ ଶସ୍ତ୍ରକୁ ନିଷ୍ପ୍ରାଣ କରିଦେଇ ଆବେଦନ କରିଛନ୍ତି ଦେବୀର ଦେହ। ସେମାନେ ସମସ୍ତେ ମୋର ପ୍ରିୟ, ସମସ୍ତେ ମୋର ଆଦର୍ଶ। ଏଠି ଅନ୍ଧାର ଅଛି ବୋଲି ତ ଗୋଟେ ଜାଜ୍ଜ୍ୱଲ୍ୟମାନ ଆଲୋକର ଆସନ୍ନ ପ୍ରକାଶରେ ଶୀତଳ ପ୍ରଭାତଟିଏ ଆଞ୍ଜୁଳେ କଅଁଳ ଖରାର ଅର୍ଘ ବାଢ଼ି ଦିଏ। ଭାବମୟତାର ସେ ଅନନ୍ୟାନୁଭବରେ କବିତା ହୋଇ ନିଗିଡି ପଡିଛି ଯେତେ ଯେତେ ଶବ୍ଦ, ଦେବୀର ଅଂଗ ପରି ସେଠି ଗଢ଼ି ଉଠିଛି ଗୋଟିଏ ଗୋଟିଏ ପୀଠ। ସେ ପୀଠର ଶ୍ରଦ୍ଧାଳୁ ହିଁ ମୋର ପ୍ରିୟ ପାଠକ, ଯେଉଁମାନଙ୍କର ଗୋଟିଏ ଗୋଟିଏ ଆତ୍ମାନୁରାଗୀ ଶବ୍ଦ ମୋ ପାଇଁ ପୁରସ୍କାର ଠୁ କମ୍ ନୁହେଁ।

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗ ହୁଏ, ଏହାର ସତ୍ୟତା କେତେ ? ଏହାର କାରଣ କଣ ଓ ନିରାକରଣ କେମିତି ହୋଇପାରିବ ?

■■ କବିତା କେବେ ସୁବୋଧ ଥିଲା କି ? ଦ୍ୱିତୀୟତଃ କବିତା ଦୁର୍ବୋଧ ହବନି କେମିତି ? କବି କଣ ଜଣେ ସାଧାରଣ ମଣିଷ ? ସେ ପରା ଜଣେ ସାଧନାରତ ଋଷି। ତାର ଚେତନାର ତୂରୀୟ ସ୍ତରରେ ତୃତୀୟ ନୟନର ସୂକ୍ଷ୍ମ ଦର୍ଶନରେ ସେ ଯାହା ଦେଖେ ତାକୁ ସେଇରୂପେ ସୃଜନରୂପ ଦବନା !! ସୃଜନର ଭାଷା ସାହିତ୍ୟ ନହୋଇ ସମ୍ବାଦଭିତ୍ତିକ କେମିତି ହୋଇପାରିବ ? ବିନା ଗୁରୁରେ ବିଜ୍ଞାନ, ଗଣିତ ଯଦି ଜଣେ ବୁଝି ପାରୁନି ବିନା ଗୁରୁରେ ସାହିତ୍ୟ କାହିଁକି ଜଣେ ବୁଝିବ ? ବେଦ, ଉପନିଷଦ, ଅଷ୍ଟାଦଶପୁରାଣ ହେଉ ବା ଗୀତା, ଭାଗବତ, ଭଂଜସାହିତ୍ୟ କି ଚମ୍ପୁ, ଚଉତିଶା ହେଉ ଏସବୁର ଗୋଟିଏ ଗୋଟିଏ ଧାଡି ମଧ ସାଧାରଣ ଲୋକଙ୍କ ଚିନ୍ତନ ବାହାରେ। ଯୁଗେ ଯୁଗେ କାବ୍ୟକବିତାର କାବ୍ୟମୋଦି ରସଗ୍ରାହୀ ବିମୁଗ୍ଧ ପାଠକଙ୍କର ଗୋଟେ ଅଲଗା ପରିଚୟ ଅଛି। ସେମାନଙ୍କ ମାଧମରେ ସେ କାବ୍ୟରସ ଆସି ପହଂଚୁଥିଲା ସାଧାରଣ ଲୋକଙ୍କ ପାଖରେ। କଥାରେ ଅଛି 'ଭୁଞ୍ଜ ନ ଭୁଞ୍ଜ୍ ଖା' ପିତା ବୁଝ୍ ନବୁଝ୍ ପଢ୍ ଗୀତା'। ଅର୍ଥାତ କାବ୍ୟ ପରମ୍ପରାର ଗୀତିମୟତା ପାଇଁ ସାଧାରଣ ମଣିଷର ଓଠରେ ବି କ୍ଲିଷ୍ଟ ଭଂଜଗୀତର ସୁର୍‌ଟିଏ ଗୁଣୁଗୁଣୋଉ ଥାଏ। ମାତ୍ର ଆଧୁନିକ କବିତା ଏବେ ଗାୟନଧର୍ମୀ ନହୋଇ ଆବୃତ୍ତି ଧର୍ମୀ ହୋଇଛି। ତାର ଅନ୍ତଃଗୀତିମୟତାକୁ କାବ୍ୟମୋଦି ପାଠକଟିଏ ହିଁ ନିଜର ଅନୁଧ୍ୟାନ ଓ ଅନୁଶୀଳନ ଦ୍ୱାରା ଆୟତ୍ତାଧିନ କରିବାରେ ସକ୍ଷମ। ସାଧାରଣ ଲୋକ ସାହିତ୍ୟ ବୁଝିବାକୁ ଆଗ୍ରହ ପୋଷଣ କଲେ ନିଜ ଭିତରେ ଆଗ ସାହିତ୍ୟ ପ୍ରତି ଅଭିଯୋଗ ନୁହେଁ ଅନୁସନ୍ଧିତ୍ସା ଆଣିବା ଆବଶ୍ୟକ। ମାତ୍ର ସାହିତ୍ୟକୁ ଯଦି ସମ୍ବାଦ ଭିତ୍ତିକ କରିଦିଆଯାଏ ତେବେ ସମୃଦ୍ଧ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଅର୍ଥରାଜି ସବୁ ଅନୁକମ୍ପା ମୂଳକ ସରକାରୀ ଅନୁଦାନ ପରି ମୋଫତରେ ନଷ୍ଟ ହୋଇଯିବ।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ କିଏ କହିଲା ମାତୃଭାଷା ଏବେ ସଂକଟରେ !! ପୃଥିବୀର କୋଡିଏଟି ସମୃଦ୍ଧ ସଭ୍ୟ ସୃଜନ ଭାଷା ଭିତରେ ଓଡ଼ିଆ ଭାଷା ଗୋଟିଏ। ଭାରତବର୍ଷରେ ସରକାରୀ ସ୍ୱୀକୃତି ପ୍ରାପ୍ତ ବାଇଶିଟି ଭାଷା ଭିତରେ ମୌଳିକ ଭିତ୍ତିଭୂମି ଥିବା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଷଷ୍ଠତମ ଭାଷା ମୋ ଓଡ଼ିଆ। ମୋ ଭାଷାର କବି ଭୀମ ଭୋଇଙ୍କ କବିତାର ପଂକ୍ତି 'ମୋ ଜୀବନ ପଛେ ନର୍କେ ପଡିଥାଉ....' ବିଶ୍ୱ ଜାତିସଂଘର କାନ୍ଥରେ ଜଗତ ଉଦ୍ଧାରର ଅମୂଲ୍ୟବାଣୀ ହୋଇ ଚମକୁଛି। ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସ ପୃଥିବୀର ପ୍ରଥମ ନାରୀ ସ୍ୱାଧୀନତାର ଉଦ୍‌ଘୋଷିକା ହୋଇ ରଚିଲେ 'ଲକ୍ଷ୍ମୀ ପୁରାଣ'।ମୋ ଭାଷାର (ଓଡ଼ିଆ) ଫିଲ୍ମ ବର୍ଷକୁ ପାଖାପାଖି କୋଡ଼ିଏରୁ ପଚିଶ କୋଟି ଟଙ୍କାର ବ୍ୟବସାୟ କରୁଥିବା ବେଳେ ଓଡ଼ିଆ ଯାତ୍ରା ଅପେରା ଅନ୍ୟୁନ ଶହେ କୋଟିଟଙ୍କାର ବ୍ୟବସାୟ କରୁଛି। ଓଡିଆ ଭାଷାର ଯାହା ମୌଳିକ ଭିତ୍ତିଭୂମି ଅଛି ମୁଁ ଏବେ ଆଦୌ କବିତା ନଲେଖିଲେବି କିଛି କ୍ଷତି ହବନାହିଁ। ଯେଉଁମାନେ ଓଡ଼ିଆଭାଷା ସଂକଟରେ ଅଛି ବୋଲି ରଡି କରୁଛନ୍ତି, ଅସଲରେ ସେମାନେ ପେଷାର ଦାୟରେ ଇଂରାଜୀ ବା ଅନ୍ୟ ଭାଷାରେ ଶିକ୍ଷା ଲାଭ କରି ଓଡ଼ିଶା ବାହାରକୁ ଯାଇ ଅଧିକ ଅର୍ଥଲାଭର ଆଶାରେ ଓଡ଼ିଆ ଭାଷାକୁ ଅଣଦେଖା କରୁଛନ୍ତି ବୋଲି ଏଭଳି ଆଶଙ୍କାଟିଏ ସେମାନଙ୍କ ମନରେ ଉଙ୍କିମାରିଛି। ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ପୁଅ ଯଦି ନିଜର ଜ୍ଞାନକୌଶଳକୁ ଉପଯୋଗ କରି ଓଡିଶା ଭିତରେ ନିଯୁକ୍ତି ଓ ଉପାର୍ଜନକ୍ଷମର ବାଟ ତିଆରି କରି ପାରନ୍ତା ଓ ସମସ୍ତ ଦସ୍ତାବିଜରେ ବାଧ୍ୟତାମୂଳକ ଭାବେ ଓଡ଼ିଆ ଭାଷାର ବ୍ୟବହାର ହୁଅନ୍ତା ତେବେ ଏ ଆଶଙ୍କା କାହାରି ମନରେ ଆସନ୍ତା ନାହିଁ।

■ ଜଣେ କବି ଭାବେ ମଣିଷର ସାମାଜିକ ଦାୟିତ୍ୱ କଣ ହେବା ଉଚିତ ?

■■ କବି ତ ପ୍ରଥମେ ଜଣେ ମଣିଷ। ପରେ ତାର ଚିନ୍ତନ ତାକୁ କବି ପରିଚୟ ଦେଇଛି। ତେଣୁ ମାନବିକତା ଦୃଷ୍ଟିରୁ ଭାରତ ଭଳି ଏକ ସଭ୍ୟ ରାଷ୍ଟ୍ରର ନାଗରିକ ହୋଇ ଥିବାରୁ ତାର ପ୍ରଥମେ ରାଷ୍ଟ୍ରୀୟ ପ୍ରତିବଦ୍ଧତା ଜରୁରୀ, ଯହିଁରେ ତା ସୃଜନରେ ନିରୋଳା ଦେଶପ୍ରେମର ବାସ୍ନା ବାରି ହୋଇ ପଡୁଥିବ। ତା କବିତାରେ ଓ କାବ୍ୟବୋଧରେ ଏମିତି ଶବ୍ଦ ବା ଅସହିଷ୍ଣୁତା ରହିବା ଉଚିତ ନୁହେଁ ଯହିଁରେ ସମାଜ କଳୁଷିତ ହବ ବା ସାମାଜିକ ସ୍ଥିରତା ବ୍ୟାହତ ଘଟିବ। ବରଂ କବିତାର କଟାକ୍ଷରେ ଶବ୍ଦର କଳାତ୍ମକତା ଆଙ୍କି ନଈ ସ୍ରୋତରେ ପଥର କାଟିଲା ପରି ସମାଜର ଦୁଷ୍କୃତି ବିରୋଧରେ ଶାଣିତ ସ୍ୱରଟିଏ ଦମ୍ଭର ସହ ରହିବା ଉଚିତ।

■ କବିଟିଏ ଚାହିଁଲେ ତା'ର ଲେଖାରେ କାହାର ହୃଦୟ ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ? କବିତା ପାଇଁ ଭାବ, ଭାଷା ବା ଶୈଳୀ କିଏ ବେଶୀ ଗୁରୁତ୍ୱପୂର୍ଣ୍ଣ ?

■■ କବିତାର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କଲାବେଳେ ବହୁ ବିଶିଷ୍ଟ ଓ ବରିଷ୍ଠ କାବ୍ୟକାର ମାନେ ସ୍ୱୀକାର କରି ଯାଇଛନ୍ତି ଯେ ଭାବ, ଭାଷା ଓ ଶୈଳୀ ହିଁ କବିତାର ମୂଳାଧାର। ଯାହା ଉପରେ କବିତାର ଆଙ୍ଗିକ ଓ ଆତ୍ମିକ ଦୃଶ୍ୟର ଅବତାରଣା କରାଯାଇଥାଏ। ବିନା ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠାର ଅଭିନବ କୌଶଳ କେବଳ କବିଙ୍କୁ ହିଁ ଜଣା। କବିର ହୃଦୟତଳେ ଅନବରତ ଝରୁଥାଏ ପ୍ରେମର ଚେରାପୁଞ୍ଜି ବର୍ଷା, ଯିଏ ହୃଦୟରୁ ହୃଦୟକୁ ସଂଚରିଯାଏ ନିର୍ବିଘ୍ନରେ। ଗଛବୃଛ, ପଶୁପକ୍ଷୀ, ତରୁଲତା ଠାରୁ ଇତର, ଉତ୍ତର ଯାଏଁ ସଭିଙ୍କୁ ଆବେଗର ଶବ୍ଦ ଜଳ ସିଞ୍ଚି ମୋର ପଣିଆରେ ବାନ୍ଧି ରଖିଥାଏ ସେ। ତେଣୁ ପୃଥିବୀର ପ୍ରଥମ ଓ ଶେଷତମ ଜୀବ ପ୍ରେମର ଉପାସକ କବି। ଜୀବନ ଥିଲେ ପ୍ରେମ ଅଛି, ପ୍ରେମ ବ୍ୟତିରେକ ଜୀବନ ମୃତବତ୍।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଜୋକ ମୁହଁରେ ଲୁଣ ଛାଟିଲା ପରି 'ଓଡ଼ିଆ ଏକଟା ଭାଷା ନଏ ବୋଲି ବିଦ୍ରୁପ କରୁଥିବା ବିରୋଧୀଙ୍କୁ ଆମର ମୌଳିକ ଇତିହାସର ପ୍ରମାଣ ଦେଇ ସାରିବା ପରେ, ଆଉ କଣ ଆଶଙ୍କା ଥାଏ ସ୍ଥିତିଶୀଳତାକୁ ନେଇ ? ହଜି ଯାଉଥିବା ଜାତିର ହୃତ ଗୌରବକୁ ଫେରେଇ ଆଣି ଆମ ହାତରେ ଟେକି ଦେଇଥିବା ସେଇ କର୍ମବୀର, ଜାତିପ୍ରେମୀ ସଂଗ୍ରାମୀ ପୁରୁଷଙ୍କୁ ମୋର କୋଟି କୋଟି ପ୍ରଣାମ। ଓଡ଼ିଆ ସାହିତ୍ୟର ସ୍ଥିତି ବେଶ୍ ସ୍ୱଚ୍ଛଳ। ଭବିଷ୍ୟତରେ ଏ ଭାଷା କେବଳ ଇଣ୍ଟରନେଟର ଭାଷା ନୁହେଁ ବରଂ ବିଜ୍ଞାନ, ଗଣିତ ଓ ପ୍ରଯୁକ୍ତି ବିଦ୍ୟାର ଭାଷା ହେଉ ବୋଲି ଆଶା ରଖିବି।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ମୁଁ ମୁଖା ପିନ୍ଧି କହିପାରିବିନି ଯେ, 'ପୁରସ୍କାରର କିଛି ମୂଲ୍ୟ ନାହିଁ, ପାଠକୀୟ ସ୍ୱୀକୃତି ହିଁ ବଡ଼ ପୁରସ୍କାର।' କିଛି ଲୋକ ପୁରସ୍କାର ଲାଭ କରି ସାରିବା ପରେ ଏମିତି କହନ୍ତି ଅଥବା ପୁରସ୍କାର ପାଇବାରୁ ବଂଚିତ କିଛି ଲୋକ ହତାଶବୋଧରେ ଏମିତି ମନ୍ତବ୍ୟ ରଖିଥାନ୍ତି। ମାତ୍ର ମୁଁ କହିବି ଯେଉଁଠି ନିଷ୍ଠା ଓ ସାଧନା ଅଛି, ତା' ପାଖକୁ ସମ୍ମାନ ଓ ସ୍ୱୀକୃତି ନିଜେ ଦୌଡ଼ି କରି ଯାଇ ପହଞ୍ଚିବ। ସଫଳତା ଯେତେ ସଫଳତା ଦିଗରେ ହାତଧରି ଟାଣି ନେଇ ଯିବ, ବିଫଳତା ସେତେ ନେଇପାରେନା। ତେଣୁ ଜଣେ ସୃଜନକ୍ଷମ ସ୍ରଷ୍ଟା ପାଇଁ ମଝିରେ ମଝିରେ ପୁରସ୍କାର ହିଁ ଭିଟାମିନ ପରି କାମ ଦିଏ। ଆଉଟିକେ ଶକ୍ତି, ଆଉଟିକେ ଦାୟିତ୍ୱବୋଧ ଓ ଆଉଟିକେ କର୍ମନିଷ୍ଠତା ପାଇଁ ସଚେତନ କରାଏ। ♥



■ ଅଙ୍ଗୁରବାଳା ପରିଡ଼ା

ଜନ୍ମ ତାରିଖ : ୧୮ ମଇ ୧୯୭୨
ଶିକ୍ଷା : ସ୍ନାତକୋତ୍ତର (ଓଡ଼ିଆ)
ପିତା : ଶ୍ରୀଯୁକ୍ତ କ୍ଷେତ୍ରମୋହନ ସାହୁ
ସ୍ୱାମୀ : ଇଂ ଭଗବାନ ପରିଡା
ଜନ୍ମସ୍ଥାନ : ଅଲଣାହାଟ, ଜଗତସିଂହପୁର
ବର୍ତ୍ତମାନର ଠିକଣା : ବି -୧୨, ସେକ୍ଟର-୧୮, ରାଉରକେଲା
ପିନ୍ -୭୬୯୦୦୩
(ମୋ) ୯୪୩୮୦୫୭୫୭୮
୭୦୦୮୬୬୦୫୪୪

**ପ୍ରକାଶିତ ପୁସ୍ତକ**

୧-ଅଷ୍ଟମ ସମୁଦ୍ର -(କବିତା) ୨୦୧୨
୨-ପଞ୍ଚମ ଦୃଶ୍ୟ (କବିତା) ୨୦୧୪
୩-ଉର୍ଦ୍ଧ୍ୱ -(କବିତା) ୨୦୧୭
୪-ମନମୃଣ୍ମୟ (କବିତା) ୨୦୧୯
୫-ରତ୍ନଗର୍ଭା (କବିତା)୨୦୨୦
୬-ନଈନାରୀ (କବିତା)୨୦୨୩
୭- ସମୁଦ୍ର ପୁରୁଷ (ଯନ୍ତ୍ରସ୍ଥ)



ସ୍ୱାମୀ ଇଂ ଭଗବାନ ପରିଡା ଓ ପୁତ୍ର କନ୍ୟାଙ୍କ ସହ କବି ଅଙ୍ଗୁରବାଳା ପରିଡା ...

## ପଢିବା ପରେ

# ଆଲୋଚନା ପୁସ୍ତକ 'ସମାଲୋଚନାର ବଳୟରେ କବି ଓ କବିତା'

'ସବୁ ଆଲୋଚନା ବା ସମାଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାହିତ୍ୟକୁ ସରଳ କରିବା ଓ ଅନ୍ୟମାନଙ୍କ ବୋଧ୍ୟଗମ୍ୟ କରାଇବା। ପାଶ୍ଚାତ୍ୟ ସାହିତ୍ୟିକମାନଙ୍କ ଧାରଣା ଆମ ସାହିତ୍ୟ ସମାଲୋଚନା ଠିକ୍ ନୁହେଁ କାରଣ ଏହା ସବୁ ସମୟରେ ପ୍ରଶଂସାଧର୍ମୀ ହୋଇଥାଏ। ଆମ ସମାଲୋଚନା ଆଲୋଚ୍ୟ ବିଷୟବସ୍ତୁର ନାସ୍ତିବାଚକ ବିନ୍ଦୁମାନଙ୍କରେ ସଂପୂର୍ଣ୍ଣ ନୀରବ ରହେ। ଏହା ହୁଏତ କିଛିକାଂଶରେ ସତ୍ୟ ହୋଇଥାଇପାରେ। ସମାଲୋଚକମାନେ ସାହିତ୍ୟର ଉଭୟ ଦିଗକୁ ଲକ୍ଷ୍ୟ ରଖିବା ଉଚିତ୍, ଯାହା ଫଳରେ ତାର ଠିକ୍ ଆକଳନ ବା ମୂଲ୍ୟାୟନ ହୋଇପାରିବ।'

– ଗିରିଜା ଶଙ୍କର ଶର୍ମା

କବିତାରେ ଜୀବନ ଜୀଜିବିଷାକୁ ବେଶ୍ ସଫଳ ଭାବେ ରୂପାୟନ କରିଥିବା କବି ପ୍ରଫେସର ଗିରିଜାଶଙ୍କର ଶର୍ମା। ସମାଲୋଚନା କ୍ଷେତ୍ର ପାଇଁ କରିଥିବା କ୍ଷେତ୍ର ପ୍ରସ୍ତୁତି ତାଙ୍କ ପ୍ରଥମ ପ୍ରବନ୍ଧ ସଙ୍କଳନ 'ସମାଲୋଚନା ବଳୟରେ କବି ଓ କବିତା' ପୁସ୍ତକରୁ ବେଶ୍ ଦୃଶ୍ୟମାନ। କବିଟିଏ କବିତାରେ ସ୍ୱତନ୍ତ୍ର ହୋଇଥିବାବେଳେ ସେଇ କବି 'କବି ଓ କବିତାକୁ ନେଇ ସମାଲୋଚନା ବଳୟ' ତିଆରି କରିବାର ଆସ୍ପର୍ଦ୍ଧା ରଖିବା ସାଧାରଣ କଥା ନୁହେଁ ବରଂ ଏହା କବିଙ୍କର ତାତ୍ତ୍ୱିକ ପ୍ରକାଶ କ୍ଷେତ୍ରକୁ ସ୍ୱତନ୍ତ୍ର ମାନ୍ୟତା ପାଇବାର ଦାବି ରଖେ।

'କାବ୍ୟଲୋକ'ଦ୍ୱାରା ପ୍ରକାଶିତ 'ସମାଲୋଚନା ବଳୟରେ କବି ଓ କବିତା' କବି ପ୍ରଫେସର ଗିରିଜା ଶଙ୍କର ଶର୍ମାଙ୍କର ପ୍ରଥମ ସମାଲୋଚନା ପୁସ୍ତକ। ପ୍ରଫେସର ଆଇନ ଅଧ୍ୟାପନାରେ ଜୀବନ ଅତିବାହିତ କରି ସାହିତ୍ୟ ସୃଷ୍ଟି ଓ ସଂରଚନାରେ ନିଜକୁ ନିୟୋଜିତ ରଖି ନିଜକୁ ଜଣେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତିତ୍ୱ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଡକ୍ଟର ଶର୍ମାଙ୍କର 'ପୁନଶ୍ଚ ଅଂଧାର', 'ସୌରସ୍ନାନ', 'ମୁଁ, ତୁମେ ଓ ଜହ୍ନରାତି', 'ପ୍ରଜାପତିର ଆକାଶ' ଶୀର୍ଷକ କବିତା ବହିଗୁଡ଼ିକ ବେଶ୍ ପାଠକୀୟତା ହାସଲ କରିସାରିଛି। ଏହି ପରିପ୍ରେକ୍ଷୀରେ ସାଂପ୍ରତିକ ସମୟର କବି ଓ କବିତାର ଅନ୍ତର୍ନିହିତ ମୂଲ୍ୟାୟନ କରିବାକୁ ଯାଇ ପ୍ରବନ୍ଧ ଆଡ଼କୁ ମନୋନିବେଶ କରିବା ଏକ ବିସ୍ମୟ ହୋଇପାରେ କିନ୍ତୁ ଏଥିରେ ସଫଳତା ହାସଲ କରି ସମୁଦାୟ ୧୪ଟି ଉଚ୍ଚମାନର ପ୍ରବନ୍ଧ ଲେଖି ଗୋଟିଏ ଆଲୋଚନା ପୁସ୍ତକର ସ୍ରଷ୍ଟା ହୋଇପାରିଛନ୍ତି ଡ. ଗିରିଜା ଶଙ୍କର ଶର୍ମା। ପ୍ରବନ୍ଧ ଗୁଡ଼ିକର ବକ୍ତବ୍ୟ, ଅନୁଶୀଳନ ଅନୁଭବ ସମ୍ମିଳିତ ହୋଇ ଏକ ଅନ୍ତରୀଣ କାବ୍ୟାତ୍ମକତା ପ୍ରବନ୍ଧର ପ୍ରବାହକୁ ଉଷ୍ମ ଓ ଦ୍ରୁତ କରିଛି।

ପ୍ରଥମ ପ୍ରବନ୍ଧ 'ସାହିତ୍ୟ ଚିତ୍ରକଳ୍ପ' ଶୀର୍ଷକ ପ୍ରବନ୍ଧରେ ପ୍ରାବନ୍ଧିକ ଓଡ଼ିଆ କବି ସଚ୍ଚି ରାଉତରାୟଙ୍କ ଠାରୁ ଆରମ୍ଭ କରି କବି ଗୁରୁପ୍ରସାଦ ମହାନ୍ତି, ରୋମାଣ୍ଟିକ କବି ବିନୋଦ ନାୟକ, କବି ଭାନୁଜୀ ରାଓ, କବି ସୀତାକାନ୍ତ ମହାପାତ୍ର, କବି ସୌଭାଗ୍ୟବନ୍ତ ମହାରଣା, କବି ଭିକାରୀ ଧଳ ଓ କବି ଗିରିଜା ଶର୍ମା, ପଞ୍ଚାନନ ମିଶ୍ର ପ୍ରଭୃତି ଅଳ୍ପ କେତେକ କବିଙ୍କ କବିତା ଚିତ୍ରକଳ୍ପ ପ୍ରୟୋଗର ଧାରା ସମ୍ପର୍କରେ ଆଲୋଚନା କରିଛନ୍ତି ପ୍ରାବନ୍ଧିକ ପ୍ରଫେସର ଶର୍ମା। ଆମ ସାହିତ୍ୟରେ ପୂର୍ବରୁ ଉପମା, ଉପମେୟ ଓ ଉପମାନର ପ୍ରୟୋଗ ବହୁ ପ୍ରଚଳିତ ଥିଲା ଓ ଏଇ ଉପମାଗୁଡ଼ିକୁ ମଧ୍ୟ ଚିତ୍ରକଳ୍ପ ଭାବରେ ବୁଝାଯାଇପାରେ ବୋଲି ଏଇ ପ୍ରବନ୍ଧରେ ଆଲୋଚନା କରାଯାଇଛି।

'ସମାଜ ସାହିତ୍ୟ ଓ ସୃଜନଶୀଳତା' ପ୍ରବନ୍ଧରେ ସାହିତ୍ୟ ପାଇଁ ଉନ୍ନତ ସମାଜ ଗଠନ ସମ୍ଭବ ହୋଇଥାଏ, ସାହିତ୍ୟ ଜନମାନସକୁ ଦିବ୍ୟ ଆନନ୍ଦ ପ୍ରଦାନ କରିଥାଏ ବୋଲି ବାଖ୍ୟା କରିଛନ୍ତି ଆଲୋଚକ। ସେ ଲେଖିଛନ୍ତି ରାମାୟଣ ମହାଭାରତ ତଥା ବିଭିନ୍ନ ପୁରାଣ ପଠନ ଦ୍ୱାରା ଚିତ୍ତ ଶୁଦ୍ଧି ହେବା ବ୍ୟତୀତ ମନୁଷ୍ୟ ଆହ୍ଲାଦିତ ହୋଇଥାଏ। ଭାଗବତ, ପଞ୍ଚତନ୍ତ୍ର ଆଦି ମହାନ ଗ୍ରନ୍ଥ ମନୁଷ୍ୟକୁ ନୈତିକ ମୂଲ୍ୟବୋଧ ଶିକ୍ଷା ଦେବା ବ୍ୟତୀତ ଚାରିତ୍ରିକ ସଂଶୋଧନରେ ସହାୟକ ହୋଇଥାଏ ଏଣୁ ସମାଜ ପାଇଁ ସାହିତ୍ୟ ନିତାନ୍ତ ଆବଶ୍ୟକ। ଏହି ପ୍ରବନ୍ଧରେ ସାହିତ୍ୟରେ ମାନବବାଦ, ସାହିତ୍ୟରେ ଦଳିତ ଚେତନା, ସାହିତ୍ୟରେ ନାରୀବାଦୀ ଚେତନା ଓ ସମାଜ, ସାହିତ୍ୟ ଓ ଜୀବନ ଆଦି ଉପଶୀର୍ଷକରେ ବିଶେଷ ଭାବେ ଆଲୋଚନା କରାଯାଇଛି।

'କବିତାରେ ଆତ୍ମ ପରିଚୟ ଅନ୍ୱେଷା'ରେ ପ୍ରାବନ୍ଧିକ କେତେଜଣ କବିଙ୍କ ବିଷୟରେ ଆଲୋଚନା କରିଛନ୍ତି, ତାଙ୍କ ଦୃଷ୍ଟିରେ ଯେଉଁମାନଙ୍କ କବିତାରେ ବିଶୁଦ୍ଧ ଅନ୍ତଃସତ୍ତାକୁ ଦେଖିବାକୁ ମିଳିଥାଏ। ଏହି ପ୍ରବନ୍ଧରେ କବି ଗଙ୍ଗାଧର ମେହେର, କବି ବିନୋଦ ନାୟକ, କବି ସୌଭାଗ୍ୟବନ୍ତ ମହାରଣା, କବି ପଞ୍ଚାନନ ମିଶ୍ର, କବି ଭିକାରୀ ଧଳ, କବି ଗିରିଜା ଶଙ୍କର ଶର୍ମା, କବି ମୀନକେତନ ପାଠୀଙ୍କ କବିତା ଆଲୋଚନା କରି ଜୀବନ ଏକ ଯାତ୍ରା, ଏକ ଅନ୍ୱେଷା, ଯାହା ଚାଲିଛି ଓ ଚାଲିଥିବ ବୋଲି ପ୍ରମାଣିତ କରିଛନ୍ତି।

'ଆଧୁନିକ ଓଡ଼ିଆ କବିତାରେ ବାମାବାଦୀ ଆଲୋଚନା' ଶୀର୍ଷକ ପ୍ରବନ୍ଧରେ ନାରୀବାଦୀ ଚିନ୍ତାଧାରାର ଅଭ୍ୟୁଦୟ, ବିଭିନ୍ନ ଯୁଗର କବିଙ୍କ ଦ୍ୱାରା ନାରୀର ଚିତ୍ରଣ, ଆଧୁନିକ ଓଡ଼ିଆ କବିତାରେ ନାରୀବାଦ ଆଦି ଉପଶୀର୍ଷକ ଥାଇ ଉପେନ୍ଦ୍ର ଭଂଜ, ମାୟାଧର ମାନସିଂହ, ସଚ୍ଚି ରାଉତରାୟ, ଅପର୍ଣ୍ଣା ମହାନ୍ତି, ପ୍ରତିଭା ଶତପଥୀ, ସୈରିନ୍ଧ୍ରୀ ସାହୁ, ରାଜେନ୍ଦ୍ର କିଶୋର ପଣ୍ଡା, ଗିରିବାଳା ମହାନ୍ତି, ସରୋଜିନୀ ଷଡ଼ଙ୍ଗୀଙ୍କ ସମେତ ନିଜ କବିତାର ଅବତାରଣା ମଧ କରିଛନ୍ତି।

'ଉତ୍ତର ଆଧୁନିକତାର ପ୍ରେକ୍ଷାପଟରେ ଆଜିର କବିତା' ଶୀର୍ଷକ ପ୍ରବନ୍ଧରେ ଆଧୁନିକତା ଓ ଉତ୍ତର ଆଧୁନିକତା ମଧ୍ୟରେ ପାର୍ଥକ୍ୟ, ଆଧୁନିକ କବିତାର ଭିତ୍ତିଭୂମି ଓ ପରିସର, ଓଡ଼ିଆ କବିତାରେ ଉତ୍ତର ଆଧୁନିକ ଚେତନା, ଉତ୍ତର ଆଧୁନିକ କବିତାର ବୈଶିଷ୍ଟ୍ୟ, ମିଥ୍‌ର ପ୍ରୟୋଗାତ୍ମକ ଭଂଗୀ, ନାରୀବାଦର ଉନ୍ମେଷ, ଦଳିତ ଓ ଅବହେଳିତଙ୍କର ସ୍ୱର, ମାଟି ମନସ୍କତା ଓ ମାର୍ଟ ମୋହ ସମ୍ପର୍କରେ ବିଷଦ୍ ଆଲୋଚନା କରାଯାଇଛି।






ପରିବେଶ ପ୍ରଦୂଷିତ ହେଲେ ପ୍ରକୃତି ମଧ୍ୟ ତା' ରୂପ ବଦଳାଏ ଏବଂ ମନୁଷ୍ୟ ତା ନିଜ ସ୍ୱାର୍ଥ ପାଇଁ ପ୍ରକୃତିକୁ ବାରମ୍ବାର ଧ୍ୱଂସ କରି ଚାଲିଛି। ସବୁଜିମାରେ ପରିପୂର୍ଣ୍ଣ ଅଂଚଳ ଧୀରେ ଧୀରେ ମରୁଭୂମିରେ ରୂପାନ୍ତରିତ ହେବାରେ ଲାଗିଛି ବ୍ୟାପକ ବୃକ୍ଷଛେଦନ ଫଳରେ। ଏହାକୁ ନେଇ କବିମାନଙ୍କ କ୍ଷୋଭକୁ 'ସାହିତ୍ୟରେ ପରିବେଶ ସଚେତନତା' ଶୀର୍ଷକରେ ଆଲୋଚନା କରିଛନ୍ତି ଆଲୋଚକ ପ୍ରଫେସର ଶର୍ମା।

'କବିତାର ପରିସୀମା' ପ୍ରବନ୍ଧରେ କବିତାର ଜୀବନ ପ୍ରତି ଅଙ୍ଗୀକାରବଦ୍ଧତା, କବିଙ୍କର ସୃଜନୀଶକ୍ତିର ସଂପୂର୍ଣ୍ଣ ବିନ୍ୟାସ ପାଇଁ ଚିନ୍ତାଶକ୍ତିର ତୀକ୍ଷ୍ଣତା, କବିତା ସହ ମଣିଷକୁ ଯୋଡ଼ିବାରେ କବିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା କବିଙ୍କର ସମାଜ ଗଠନ ପାଇଁ ଚିନ୍ତା ତଥା କବିତାର ପ୍ରେକ୍ଷାପଟରେ ମାନବତାର ମୂଲ୍ୟବୋଧ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି।

'ସବୁଜ ସାହିତ୍ୟିକଙ୍କ କାବ୍ୟିକ ଚିନ୍ତାଧାରା' ଆଲୋଚନାରେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର ଆଦି ପାଞ୍ଚଜଣ ତରୁଣ ବନ୍ଧୁଙ୍କ ମିଳିତ ସାହିତ୍ୟ ଚର୍ଚ୍ଚା ସମୟରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ, ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳ ଦେଇ ସବୁଜ ଗୋଷ୍ଠୀର କବିମାନଙ୍କର ପ୍ରଚେଷ୍ଟାରେ ସବୁଜ ସାହିତ୍ୟର ଚିତ୍ରକୁ ସ୍ଥାନ ଦେଇଛନ୍ତି ଆଲୋଚକ।

'ସାହିତ୍ୟ ସମାଲୋଚନାର ଦିଗ ଓ ଦିଗନ୍ତ'ରେ ସାହିତ୍ୟକୁ ସମାଲୋଚନାର ଆବଶ୍ୟକତା ରହିଛି ଏବଂ ଏହି ଆବଶ୍ୟକତା ପ୍ରତ୍ୟେକ ପାଠକ ହୃଦୟରେ ଅନ୍ତର୍ନିହିତ ବୋଲି ମତ ରଖିଛନ୍ତି ଆଲୋଚକ। ସମାଲୋଚନାର ବୌଦ୍ଧିକ ବିଳାସ ପାଇଁ ତାହାର ପ୍ରକାରଭେଦ ସମ୍ପର୍କରେ ମଧ୍ୟ ସବିଶେଷ ବର୍ଣ୍ଣନା ମଧ୍ୟ ରଖିଛନ୍ତି। ସେ କହିଛନ୍ତି ସମାଲୋଚନା ସାହିତ୍ୟର ଅବିଚ୍ଛେଦ୍ୟ ଅଙ୍ଗ। ସୁନା ଯେପରି ଅଗ୍ନି ସଂସ୍ପର୍ଶରେ ଆସି ଶୁଦ୍ଧ ହୋଇଥାଏ ସେହିପରି ସମାଲୋଚନା ଲେଖକକୁ ଭବିଷ୍ୟତର ନିଜ ଭୁଲ ଠିକ୍ ସୁଧାରି ଉତ୍ତମ ଲେଖା ପ୍ରସ୍ତୁତ କରିବାପାଇଁ ମାନସିକତା ଯୋଗାଇଥାଏ।

ଏତଦ୍‌ବ୍ୟତୀତ ପୁସ୍ତକଟିରେ 'ଆଧୁନିକ ଓଡ଼ିଆ କବିତାରେ ଦଳିତ ଚେତନା', କବି ସୌଭାଗ୍ୟବନ୍ତ ମହାରଣାଙ୍କ କାବ୍ୟିକ ପଟ୍ଟଭୂମି, 'କବି ଭିକାରୀ ଧଳଙ୍କ କାବ୍ୟିକ ଚିନ୍ତାଧାରା ଓ ତାଙ୍କ କାବ୍ୟପୁରୁଷ', ସୈରିନ୍ଧ୍ରୀ ସାହୁଙ୍କ କବିତା ଏକ ତାତ୍ତ୍ୱିକ ବିଶ୍ଳେଷଣ' ଏବଂ 'ସାହିତ୍ୟ, ନିସଙ୍ଗତା ଓ ସୃଜନଶୀଳତା' ପ୍ରବନ୍ଧ ମଧ ସ୍ଥାନ ପାଇଛି।

୧୬୮ ପୃଷ୍ଠାର ଏହି ବହିଟିକୁ କାବ୍ୟଲୋକ ପ୍ରକାଶ କରିଥିବାବେଳେ ଏହାର ମୂଲ୍ୟ ୨୫୦ ଟଙ୍କା ରଖାଯାଇଛି। ଲେଖକଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ସମୃଦ୍ଧ ଏହି ପୁସ୍ତକଟି ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଯେ ସମର୍ଥ, ଏହା ନିଃସନ୍ଦେହରେ କୁହାଯାଇପାରେ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

# ଓଡ଼ିଶା ଭ୍ରମଣ

## ସୁଶ୍ରୀ ସଂଗୀତା ସେଠୀ



ଛୋଟ ବେଳେ ସାହିତ୍ୟ ବହିରେ ପଢୁଥିଲି ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିଷୟରେ। କିପରି ଓଡ଼ିଶା ସୌନ୍ଦର୍ଯ୍ୟର ଗନ୍ତାଘର ! ଓଡ଼ିଶାର ସୌନ୍ଦର୍ଯ୍ୟକୁ ଉପମା ଦେଇ ଅଳଙ୍କୃତ କରିଥିଲେ ଓଡ଼ିଶାର ହୀରା ସଦୃଶ କବି ଏବଂ ଲେଖକମାନେ । ଏପରି ବର୍ଣ୍ଣନା କରିଥିଲେ ନିଜ କବିତାରେ ଓଡ଼ିଶାର ସୌନ୍ଦର୍ଯ୍ୟକୁ ହୃଦୟରୁ ମସ୍ତିଷ୍କ ଯାଏ ସେ ଜାଗା ନ ଦେଖିଥିଲେ ବି ଆପେ ଆପେ ସେ ଛବି ଆଙ୍କି ହୋଇଯାଉଥିଲା ଏବଂ ବିମୋହିତ କରି ଦେଉଥିଲା ଝରଣା, ପାହାଡ଼ ଏବଂ ଜଙ୍ଗଲର ଅଦ୍ଭୁତ ଅଳଙ୍କାରିକ ସୌନ୍ଦର୍ଯ୍ୟର ବର୍ଣ୍ଣନା । ମନ ପ୍ରଫୁଲ୍ଲ ହୋଇ ଉଠୁଥିଲା ସେ କାଳ୍ପନିକ ଦୃଶ୍ୟର ଭାବନାରେ । ଓଡ଼ିଶା ଏତେ ସୁନ୍ଦର ? ମୁଁ ବଡ଼ ହେଲେ ନିଶ୍ଚିତ ଭାବେ ପୁରା ଓଡ଼ିଶାରେ ଭ୍ରମଣ କରିବି ଭାବି ନେଇଥିଲି । ବହିରେ ରାଧାନାଥ ରାୟଙ୍କ 'ଚିଲିକା', ଗୋପବନ୍ଧୁ ଦାସଙ୍କ 'କାଳିଜାଇରେ ସନ୍ଧ୍ୟା', ନୀଳକଣ୍ଠ ଦାସଙ୍କ 'ରାମଚଣ୍ଡୀରେ ସନ୍ଧ୍ୟା' ଇତ୍ୟାଦି ଓଡ଼ିଶାର ଅଦମ୍ୟ, ଅକଳ୍ପନୀୟ ସୁନ୍ଦରତାର ବର୍ଣ୍ଣନା ଛାପ ସୃଷ୍ଟି କରିଥିଲା ମୋ ମନରେ ।

ହରିଶଙ୍କର ସ୍ଥାନର କାହାଣୀ ଏକ ବହିରୁ ପଢି ମୁଁ ଅତି ଉତ୍ସୁକ ହୋଇଥିଲି ଏବଂ ଭାବିଥିଲି ନିଶ୍ଚିତ ଏ ସ୍ଥାନକୁ ଯିବି ଜୀବନ କାଳ ଭିତରେ । ଯାଜପୁରରେ ଅବସ୍ଥିତ ସମସ୍ତ ମନ୍ଦିରର କାହାଣୀ ଛୋଟ ବେଳେ ପଢି ଭାବିଥିଲି ଯାଜପୁରରେ ବି ଏତେ ସୁନ୍ଦର ଜାଗା ସବୁ ଅଛି । କାହିଁ କେହି ଦିନେ କହି ନାହାନ୍ତି ତ। ପଦ୍ମେଶ୍ୱର, ଗୋକର୍ଣ୍ଣେଶ୍ୱର ମନ୍ଦିରର ଟିପ୍ପଣୀ, ବିରଜା ମନ୍ଦିରର ବର୍ଣ୍ଣନା, ଏକ କୋଟି ଶିବଲିଙ୍ଗର ଯାଜପୁରରେ ଅବସ୍ଥିତି ଭାବ ବିହ୍ୱଳ କରିଥିଲା । ଏବଂ ଏହି ସବୁ ମନ୍ଦିରର ଉତ୍ପତ୍ତିର କିମ୍ବଦନ୍ତୀ ମନମୁଗ୍ଧ କରିଥିଲା। ପୁରା ଯାଜପୁରରେ ସବୁ ମନ୍ଦିରର କାହାଣୀ ପଢିବାକୁ ମୁଁ ତତ୍ପର ହୋଇଥିଲି ଏବଂ ପଢ଼ିଥିଲି ମଧ । ପଶ୍ଚିମ ଓଡ଼ିଶାର ପର୍ବ ପର୍ବାଣୀ, ପଶ୍ଚିମ ଓଡ଼ିଶାର ଲୋକବାଣୀ ଯାର ବିବରଣୀ ବି ମୁଁ ପୁସ୍ତକରୁ ସାଉଁଟି ଥିଲି । ବିମୋହିତ ହେଇଯାଇଥିଲି ଓଡ଼ିଶାର ଅନ୍ତର୍ନିହିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ। ଯା ପରେ ନିଷ୍ପତି ନେଇଥିଲି ନିଶ୍ଚିତ ମୁଁ ଓଡ଼ିଶା ଭ୍ରମଣ କରିବି ।

ଛୋଟ ବେଳେ ପୁରୀ, କୋଣାର୍କ, ଚିଲିକା ଜେଜେ ମା ଏବଂ ଜେଜେ ବାପାଙ୍କ ସହ ଯାଇଥିଲି। ବହିର ଲେଖା ସହ ଦୃଶ୍ୟ ପୁରା ମିଶି ଯାଉଥିଲା । ମୋ ମସ୍ତିଷ୍କରେ ବହି ପଢି ଯେଉଁ ଛବି ସୃଷ୍ଟି ହୋଇଥିଲା ସମ୍ପୂର୍ଣ୍ଣ ମିଶୁଥିଲା । ଆହୁରି ଦୁର୍ବଳତା ବଢିଲା ଓଡ଼ିଶା ପ୍ରତି । ଆହୁରି ଇଛା ହେଲା ଓଡ଼ିଶା ଭ୍ରମଣ ପାଇଁ । ପାଞ୍ଚ ବର୍ଷର ହୋଇଥିଲି ଯେତେବେଳେ ବୋଉ ସହ କେନ୍ଦୁଝର ସ୍ଥିତ ଘଟଗାଁ ତାରିଣୀ, ସାନ ଘାଗରା ଭ୍ରମଣ କରିବାର ସୁଯୋଗ ପାଇଥିଲି । ପଞ୍ଚମରେ ପଢିଲା ବେଳେ ବାଙ୍କୀରେ ମା ଚର୍ଚ୍ଚିକା ପୀଠ ଏବଂ ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନୀଳମାଧବ, ଭଦ୍ରକ ସ୍ଥିତ ଆଖଣ୍ଡଳମଣି, ଯାଜପୁର ବିରଜା ମନ୍ଦିର, କଟକ ସ୍ଥିତ ଧବଳେଶ୍ୱର ମନ୍ଦିର ଯିବାର ସୁଯୋଗ ପ୍ରାପ୍ତ ହେଇଥିଲା ମତେ । ସେଠିକାର ପ୍ରାକୃତିକ ବାତାବରଣ ବେଶ୍ ଆକୃଷ୍ଟ କରିଥିଲା । ନୀଳମାଧବଙ୍କ କାହାଣୀ ପଢି ଯୋଉ ଇଛାଥିଲା ଦର୍ଶନ ପାଇଁ ସେଇଠି ପୂରଣ ହୋଇଥିଲା।

ଏହା ପରେ ଢେଙ୍କାନାଳ ସ୍ଥିତ ଯୋରନ୍ଦା , କି ସୁନ୍ଦର ସ୍ଥାନ । ଅଲେଖ ବାବା ମାନଙ୍କର ବାସସ୍ଥଳୀ। ବହୁତ୍ ସୁନ୍ଦର ଅନୁଭୂତି । +୨ରେ ଶୈଳବାଳାରେ ପଢିବା ସମୟରେ କଟକ ଚଣ୍ଡୀ, ବାଲିଯାତ୍ରା, ବାରବାଟି ଦୁର୍ଗ ଆଉ ଷ୍ଟାଡିୟମ୍‌କୁ ଦେଖିବାର ସୁଯୋଗ ଭେଟି ଦେଇଥିଲା ଜୀବନ । ଏହାପରେ ଭୁବନେଶ୍ୱରରେ ଲିଙ୍ଗରାଜ, ଇସ୍କନ୍, କେଦାରଗୌରୀ, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ, ମାଉସୀମା, ରାମମନ୍ଦିର, ସାଇ ମନ୍ଦିର, ଧଉଳି ସ୍ତୁପ, ଖଣ୍ଡଗିରି ଦର୍ଶନୀୟ ସ୍ଥାନର ଭ୍ରମଣ କରିବାର ସୁଯୋଗ ପାଇଥିଲି ଯେହେତୁ ସେଠି ଇଞ୍ଜିନିୟରିଂ କରୁଥିଲି । ସେହି ପାଠପଢା ସମୟରେ ସାଙ୍ଗ ମାନଙ୍କ ସହ ରାମଚଣ୍ଡୀ, ଚନ୍ଦ୍ରଭାଗା ଯିବାର ସୁଯୋଗ ମିଳିଥିଲା । ବହୁତ୍ ଉପଭୋଗ କରିଥିଲି ସାଙ୍ଗ ମାନଙ୍କ ସହ ସେ ସମୟକୁ । ମୁକ୍ତେଶ୍ୱର ମନ୍ଦିରର ମରୀଚ କୁଣ୍ଡର ଏକ ମହିମା ଅଛି । ସେଠି ଭଗବାନଙ୍କୁ ସ୍ମରଣ କରି ପଇସା ପକେଇଲେ ମନସ୍କାମନା ପୂର୍ଣ୍ଣ ହୁଏ। କେଦାରଗୌରୀର ପୋଖରୀରେ ଯେଉଁ ମାଛ ଥାନ୍ତି ସେଠି ବି ମାଛଙ୍କୁ ଖାଇବାକୁ ଦେଲେ ପୁଣ୍ୟ ମିଳେ । ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ବିନ୍ଦୁ ସାଗର ସେଠିକୁ ବି ଭ୍ରମଣ କରିବାର ସୁଯୋଗ ପ୍ରାପ୍ତ ହେଇଥିଲା ।

ଏହା ପରେ ସେହି ପାଠପଢା ସମୟରେ ସମ୍ବଲପୁର ସ୍ଥିତ ହୁମା ମନ୍ଦିର, ମା ସମଲେଇ , ହୀରାକୁଦ ଡ୍ୟାମ ଭ୍ରମଣ କଲା ପରେ ହୃଦୟରେ ଓଡ଼ିଶା ପ୍ରତି ଭଲ ପାଇବା କାହିଁ କେତେ ଗୁଣ ବଢ଼ି ଯାଇଥିଲା । ହୁମା ମନ୍ଦିରର ସୁନ୍ଦରତା ବର୍ଣ୍ଣନା କରିବା ଅସମ୍ଭବ ଏହା ଆକୃତିରେ ଟିକେ ବକ୍ର ସେଥିପାଇଁ ବକ୍ର। ମନ୍ଦିରକୁ ଲାଗି ନଦୀରେ ଖେଳି ବୁଲୁଥିବା ମାଛଙ୍କର କିମ୍ବଦନ୍ତୀ କହେ ସେହି ମାଛଙ୍କୁ ସ୍ପର୍ଶ କଲେ ପଥର ହେଇଥିବାର ସମ୍ଭାବନା ଅଛି । କେଉଟ ଆଉ କେଉଟଙ୍କ ସ୍ତ୍ରୀଙ୍କର ମାଛ ଧରିବା ବେଳେ ପଥର ହେଇଥିବାର ମୂର୍ତ୍ତି ବି ସେଠି ଅଛି । ଅତଃ ସେଠି ମାଛମାନଙ୍କୁ ଛୁଇଁବା ମନା। ପ୍ରକୃତିର କୋଳରେ ଖୁବ୍ ଆନନ୍ଦେ ଖେଳିଥାନ୍ତି ସେଠି ମାଛମାନେ ବିନା ଭୟରେ। ପର୍ଯ୍ୟଟକ ମାଛଙ୍କୁ ଦାନା ଦେଇ ପୁଣ୍ୟ ଅର୍ଜନ କରନ୍ତି। ଏମିତି ଲାଗୁଥିଲା ଯେମିତି ପ୍ରକୃତି ସବୁ ସୌନ୍ଦର୍ଯ୍ୟ ଓଡ଼ିଶାକୁ ହିଁ ଦେଇ ଦେଇଛି । ଓଡ଼ିଶା ସବୁଜ ରଙ୍ଗର ଓଢଣୀରେ ଢାଙ୍କି ହେଇଛି। ଏହା ପରେ କେନ୍ଦୁଝରର ଗୁଣ୍ଡିଚା ଘାଗି ରେ ଝରଣାକୁ ପାଖରୁ ଦେଖିବାର ଯୋଉ ଆନନ୍ଦ ଆଉ ଝରଣା ପାଣିରେ ଖେଳିବାର ଆନନ୍ଦ ମୁଁ ପାଇଥିଲି । ଢେଙ୍କାନାଳ ଜିଲ୍ଲାର କପିଳାସ, ସପ୍ତଶଯ୍ୟାରେ ମୁଁ ନିଜକୁ ହଜେଇ ଦେଇଥିଲି । ମୁଗ୍ଧ ହୋଇଥିଲି ପାହାଡ଼ ଆଉ ଝରଣାର କୋଳାହଳରେ । କୋଣାର୍କର ମହିମା ତ ବିଶ୍ୱ ପ୍ରସିଦ୍ଧ। କୋଣାର୍କର ଗୁଣଗାନ କରି କେତେ କବି କାଳଜୟୀ ହେଇଛନ୍ତି । ଓଡ଼ିଶା କାରୁକାର୍ଯ୍ୟର ଜୀବନ୍ତ ଉଦାହରଣ କୋଣାର୍କ।

କୋରାପୁଟର ଡୁଡୁମା ଜଳପ୍ରପାତ, ସାବର ଶ୍ରୀକ୍ଷେତ୍ର ଯୋଉଠି ପ୍ରଥମେ ଶବରଙ୍କ ହାତରେ ପୂଜା ପାଆନ୍ତି ଜଗନ୍ନାଥ ଏକ ମନୋରମ ଆଧ୍ୟାତ୍ମିକ ଜାଗା, ଗୁପ୍ତେଶ୍ୱର ମନ୍ଦିର କୋରାପୁଟର ଶିରୋମଣି ଏଭଳି ଜାଗାକୁ ଭ୍ରମଣ କରି ମୁଁ ଧନ୍ୟ ମନେ କରିଥିଲି । ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର, ରେମୁଣା ଏବଂ ଚାନ୍ଦିପୁର ଗଲା ପରେ ଭାବିଲି ଏତେ ସୁନ୍ଦର ଜାଗାକୁ କାହିଁକି ଅବହେଳା ? ଓଡ଼ିଶାରେ କଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଅଭାବ ଅଛି ଯେ ଲୋକେ ଓଡ଼ିଶା ଛାଡି ବାହାର ରାଜ୍ୟକୁ ଭ୍ରମଣ କରିବାକୁ ଯାଉଛନ୍ତି । ଓଡ଼ିଶାର ସୁନ୍ଦରତାଠୁ ମତେ କୋଉ ଜାଗା ବି ଏତେ ସୁନ୍ଦର ହେଇଥିବ ମୁଁ କଳ୍ପନା କରିପାରୁନାହିଁ । କେବଳ ଆବଶ୍ୟକତା ଅଛି ଆମର ଓଡ଼ିଶା ଭୂମି ପ୍ରତି ଭଲପାଇବା । ଓଡ଼ିଶାକୁ ଚିହ୍ନିବାର ଦୃଷ୍ଟିଶକ୍ତି । ମୁଁ ବହୁତ୍ ଗର୍ବିତ ମୁଁ ଏପରି ସବୁଜିମାର ପ୍ରକୃତିର କୋଳରେ ଜନ୍ମ ନେଇଛି ମୋ ଓଡ଼ିଶା ମାଟିରେ ।

♥ ଯାଜପୁର

## ପୂଜା ପତ୍ରିକା ସମୀକ୍ଷା

### ପରାଗ

ସମ୍ପାଦକ : ବନମାଳୀ ସେନାପତି
ଠିକଣା : ପରାଗ ସାହିତ୍ୟ ସଂସଦ
ଆଳି, କେନ୍ଦ୍ରାପଡା-୭୫୪୨୧୯
(ମୋ) ୯୪୩୭୨୭୬୨୨୬
ମୂଲ୍ୟ : ୧୮୦/-




"ଅଶିଣ ଆକାଶରେ ଏବେ ତୋଫା ଜହ୍ନ । ନଈ ପଠାରେ କାଶତଣ୍ଡିର ଧଳା ଚାଦର । ସକାଳୁ ସକାଳୁ ଦୁବଘାସ ଉପରେ ଧଳା ଧଳା ମୁକ୍ତାବିନ୍ଦୁ ପରି କାକର । ପୃଥିବୀରାଣୀ ସଜେଇ ହେଉଛି ମା'ର ଆଗମନ ପାଇଁ । ମା'ଙ୍କର ଧରାବତରଣ ହେବ । ସହରରୁ ପଲ୍ଲୀ ଯାଏ ହୋଇଉଠିବ ଉତ୍ସବ ମୁଖର । ମା'ଙ୍କୁ ଆରାଧନା ପାଇଁ ସମସ୍ତେ ତତ୍ପର ହୋଇଉଠିବେ । ମା'ଙ୍କୁ ନୈବେଦ୍ୟ ଅର୍ପଣ ବେଳେ ଭକ୍ତମାନେ ସେମାନଙ୍କ ମନୋବାଞ୍ଛା ପୂରଣ ପାଇଁ ଅଳି କରିବେ । ସମସ୍ତେ ନିଜର ଆଉ ନିଜ ପରିବାରର ସୁଖ ମନାସିବେ । ବ୍ୟକ୍ତି ସ୍ୱାର୍ଥରେ ଭରିଯିବ ମା'ଙ୍କ ଆଶୀର୍ବାଦର ଥଳି । କେହି କିନ୍ତୁ ହଜି ଯାଉଥିବା ମାନବିକତା କଥା ମା'ଙ୍କୁ କହିବେନି । କିନ୍ତୁ ମା'ଙ୍କର ଯେତେବେଳେ କାହା ଉପରେ ଦୟା ଆସେ, ସେ ଯେତେ ନାସ୍ତିକ ଥିଲେ ବି ସେ ତାକୁ ପରମ ଆସ୍ତିକ ବନେଇ ଦିଅନ୍ତି' ବୋଲି ଏକ କାହାଣୀ ମାଧ୍ୟମରେ ସମ୍ପାଦକୀୟରେ ଉପସ୍ଥାପନା କରିଛନ୍ତି 'ପରାଗ'ର ସମ୍ପାଦକ ବନମାଳୀ ସେନାପତି ।

ଆଳି କେନ୍ଦ୍ରପଡାରୁ ପ୍ରକାଶିତ ଜୀବନବୋଧ, ଚେତନା ଓ ସାହିତ୍ୟର ମୁଖପତ୍ର 'ପରାଗ'ର ୪୧ ବର୍ଷ-ଦ୍ୱିତୀୟ ସଂଖ୍ୟା ଶାରଦୀୟ ବିଶେଷାଙ୍କ-୨୦୨୩, ସବୁଥର ପରି ଆକର୍ଷଣୀୟ ପ୍ରଚ୍ଛଦ ଓ ପରିପାଟୀକୁ ନେଇ ୧/୮ ଡିମାଇ ସାଇଜ ୪୩୧ ପୃଷ୍ଠାର ଏଇ ପତ୍ରିକାଟିରେ ସାହିତ୍ୟର ବିଭିନ୍ନ ବିଭାଗ ବେଶ୍ ରୁଚିପୂର୍ଣ୍ଣ ଭାବେ ପ୍ରକାଶିତ ହୋଇଛି ।

ଗଳ୍ପ ଗବାକ୍ଷରେ ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସୁନୀଲ ମିଶ୍ର 'ମୈତ୍ରେୟ', ଡ. ମମତାମୟୀ ଚୌଧୁରୀ, ଚନ୍ଦ୍ରମୋହନ ମହାପାତ୍ର, ଅଜୟ ମହାପାତ୍ର, ବିରଜା ରାଉତରାୟ, କାଳିନ୍ଦୀ ଚରଣ ଜେନା, ରାଜୀବ ଗୋପାଳ ସ୍ୱାଇଁ, ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ଶ୍ରୀକାନ୍ତ ଦାସ, ଭାଗିରଥୀ ବେହେରା, ଲିପ୍‌ସା ପଟେଲ, କମଳିନୀ ମଲ୍ଲିକ, ରଂଜନ ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ଦିପ୍ତି ଖଣ୍ଡୁଆଳ, ବିନୋଦ, ଡ. ମନୋଜ ପ୍ରଧାନ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ବିପ୍ଳବ ରଂଜନ ପତି, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ୨୭ ଜଣ ଗଳ୍ପ ଲେଖିଥିବା ବେଳେ କବିତାରେ ଶତ୍ରୁଘ୍ନ ପାଣ୍ଡବଙ୍କ ଠାରୁ ଆରମ୍ଭ କରି କମଳ କୁମାର ମହାନ୍ତି, ନୀଳମଣି ପରିଡା, ପିନାକୀ ମିଶ୍ର, ପୀତାମ୍ବର ତରାଇ, ଈପ୍ସିତା ଷଡଙ୍ଗୀ, ବୃନ୍ଦାବନ ଦାସ, ସୁରେନ୍ଦ୍ର ପାଣିଗ୍ରାହୀ, କେ. ବିପ୍ଳବ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସସ୍ମିତା ରାଉତ, କିଶୋର ମିଶ୍ର, ଖଗେଶ୍ୱର ମହତାବ, ପ୍ରସନ୍ନ କମ୍ପୁର ସ୍ୱାଇଁ, କାମଦେବ ମହାରଣା, ଡ. ଅନୀଲ ନନ୍ଦ, ଦେବଯାନୀ ରାୟ, ବଳରାମ ପୂଜାରୀ, ଅନୀତା ପାଣି, ଡା. ଦୀନବଂଧୁ ସାହୁ, ଚକ୍ରପାଣିପରିଚ୍ଛା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସଂଜିତ କୁମାର ବଳ, ଡ. ନୃସିଂହ ଷଡଙ୍ଗୀ, ଖଗେଶ୍ୱର ମହାନ୍ତି, ଅଙ୍ଗୁରବାଳା ପରିଡା, ଶ୍ୱେ ରାଉତ, ସୁନନ୍ଦା ବି. ମହାପାତ୍ର, ହିମାଂଶୁ ପରିଡା, ଡ. ମମତା ସାହୁ, ସନ୍ତୋଷିନୀ ଦାଶ(ଗିରି) ନୀହାରିକା ରଥ, ସଚ୍ଚିଦାନନ୍ଦ ମିଶ୍ର, ଲାବଣ୍ୟ ନାୟକ ପ୍ରମୁଖଙ୍କ ଲେଖଣ ସ୍ଥାନ ପାଇଛି । ଗୀତି କବିତା କ୍ରମରେ ନନ୍ଦକିଶୋର ସିଂହ, ମନୋଜ ପଟ୍ଟନାୟକ, ବାବାଜୀ ଚରଣ ଜେନା, ସୁରଂଜନ ପାତ୍ର, ବିପିନ ମହାନ୍ତି ପ୍ରମୁଖଙ୍କୁ ସ୍ଥାନିତ କରିଛନ୍ତି ସମ୍ପାଦକ ।

ଫିଚର କ୍ରମରେ ବିଶିଷ୍ଟ କଥାକାର ଅନୀଲ କୁମାର ପାଢୀଙ୍କ 'ସାହିତ୍ୟ ଓ ମୋ ଜୀବନ', କ୍ଷୀରୋଦ ଦାସଙ୍କ 'ପୁରସ୍କାରର ପୁଲକ' ଓ ଯୁବ କଥାକାର ସୁବ୍ରତ ସେନାପତିଙ୍କ 'ଓଡିଆ ଗଳ୍ପର ଆଗାମୀ ପରାଗ' ଶୀର୍ଷକ ଆଲେଖ୍ୟ ବେଶ୍ ଉପାଦେୟ ଓ ଦୃଷ୍ଟି ଆକର୍ଷଣକାରୀ ।

ପ୍ରବନ୍ଧରେ ନକୁଳ ଚନ୍ଦ୍ର ସାହୁ, ସୌଭାଗ୍ୟବନ୍ତ ମହାରଣା, ଡ. ପ୍ରଦୀପ କୁମାର ମିଶ୍ର, ଡ. ମନୋରଂଜନ ବିଷୋୟୀ, ଡ. ଦୀପିକା ସେନାପତିଙ୍କ ଆଲୋଚନା ସ୍ଥାନିତ ହୋଇଥିବା ବେଳେ ବିଜୟ କୁମାର ପ୍ରଧାନଙ୍କ ଅନୁବାଦ ଗଳ୍ପ ଓ ରାଧାଶ୍ୟାମ ରାଉଳଙ୍କ ରମ୍ୟକଥା ପ୍ରକାଶି ହୋଇଛି । ସବୁ ଦୃଷ୍ଟିରୁ ପତ୍ରିକାଟି ପାଠକ ଓ ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥହେବ ବୋଲି କୁହାଯାଇପାରେ ।

♥ ସମୀକ୍ଷା: ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

### ମୌସୁମୀ

ମୁଖ୍ୟ ସମ୍ପାଦକ :
ଡ. ଶ୍ରୀଧର ସାମଲ
ଠିକଣା : ସଂପାଦକ: ମୌସୁମୀ
ସା: କଜଳା
ପୋ/ ଜି : କେନ୍ଦ୍ରାପଡା
ପିନ୍- ୭୫୪୨୧୧
(ମୋ) ୯୪୩୭୬୦୭୯୯୭
ମୂଲ୍ୟ : ୧୪୦/-




"ଏହା ଆମକୁ ସ୍ୱୀକାର କରିବାକୁ ପଡିବ ଯେ ବୃହତ୍ତର ସାମାଜିକ ପରିବର୍ତ୍ତନ ଓ ଜାଗରଣ ସୃଷ୍ଟି କରିବାରେ ସୃଜନଶୀଳତାର ଭୂମିକା ନିହାତି ଅପରିହାର୍ଯ୍ୟ । ସାହିତ୍ୟ ହିଁ ସମାଜରେ ମାନବୀୟ ମୂଲ୍ୟବୋଧ ଓ ସାଂସ୍କୃତିକ ଚେତନାର ବୀଜବପନ କରେ । ସମାଜରେ ସକରାତ୍ମକ ଚିନ୍ତା ଓ ଚେତନା ପୁନଃପ୍ରତିଷ୍ଠା କରି ଆଗାମୀ ପିଢିକୁ ସଠିକ୍ ଓ ସକରାତ୍ମକ ମାର୍ଗରେ ପରିଚାଳିତ କରେ । ସମୃଦ୍ଧ ରାଷ୍ଟ୍ରଗଠନ ତଥା ନୀତିନିଷ୍ଠ ନାଗରିକ ଗଢିବାରେ ଯୁଗେ ଯୁଗେ ସାହିତ୍ୟ ତା'ର ଭୂମିକା ନିର୍ବାହ କରିଆସିଛି, କରିଚାଲିବ ମଧ । କୌଣସି ଜାତି ବା ରାଷ୍ଟ୍ରର ଆତ୍ମା ହେଉଛି ତାର ସାହିତ୍ୟ ଓ ସଂସ୍କୃତି । ଭାଷା ହିଁ କୌଣସି ଦେଶ ବା ରାଷ୍ଟ୍ରର ମେରୁଦଣ୍ଡ, ସାହିତ୍ୟ ହିଁ ତା'ର ମସ୍ତିଷ୍କ । ଉଭୟଙ୍କର ବିକାଶରେ ରାଷ୍ଟ୍ରର ଭବିଷ୍ୟତ ନିର୍ଭରଶୀଳ, ଏଥିରେ ଦ୍ୱିମତ ନାହିଁ ।"

ଭାଷା ସାହିତ୍ୟ ପ୍ରତି ଦୃଢ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟ ପୁନଃ ସ୍ଥାପନ ପରି ଗୋଟେ ଚିନ୍ତାଜନକ ବିଷୟକୁ ଆଲୋଚନା କରି ଏହିପରି ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି ମୌସୁମୀର ମୁଖ୍ୟ ସମ୍ପାଦକ କବି ଡ. ଶ୍ରୀଧର ସାମଲ ।

ପ୍ରଫେସର ନନ୍ଦକିଶୋର ପରିଡାଙ୍କ ମୁଖ୍ୟ ପରାମର୍ଶରେ କେନ୍ଦ୍ରାପଡାରୁ ପ୍ରକାଶିତ ହୋଇଥିବା ମୌସୁମୀର ଶାରଦୀୟ ବିଶେଷାଙ୍କ ବେଶ୍ ପରିଚ୍ଛନ୍ନ ଓ ସୁଖପାଠ୍ୟ । ଆଙ୍ଗିକ ପରିପାଟୀ ଓ ଲେ-ଆଉଟ୍ ଦୃଷ୍ଟିରୁ ପତ୍ରିକାଟି ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ ଓ ଲୋଭନୀୟ।

ଏଥିରେ ପ୍ରବନ୍ଧ ସୋପାନରେ ପ୍ର.ବୈଷ୍ଣବ ସାମଲ, ଡ. ନୃସିଂହଷଡଙ୍ଗୀ, ପ୍ର. ଶରତ ଚନ୍ଦ୍ର ରଥ, ଡ. ରଂଜନ ପ୍ରଧାନ, ପ୍ରାଧ୍ୟାପକ ଯତିନ୍ଦ୍ର କୁମାର ରାଉତ, ଡ. ଯଶୋବନ୍ତ ସାମଲ, ନିରଞ୍ଜନ ମେକାପ, ଚନ୍ଦ୍ରମଣି ବାରିକ, ସରୋଜ କୁମାର ଓଝା, ଅଧ୍ୟାପକ ତପନ ପତି, ଡ. ତ୍ରିନାଥ ପଟ୍ଟନାୟକ ପ୍ରମୁଖଙ୍କ ଲେଖା ସ୍ଥାନିତ ହୋଇଥିବା ବେଳେ କବିତା ସୋପାନରେ ଡ. ହୃଷୀକେଶ ମଲ୍ଲିକ, ରକ୍ଷକ ନାୟକ, ଅପର୍ଣ୍ଣା ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ରଂଜନ କୁମାର ଦାସ, ସିପା ମଲ୍ଲିକ, ପୀତାମ୍ବର ତରାଇ, ଡ. ଶ୍ରୀହରି ଧଳ, ଅନ୍ନପୂର୍ଣ୍ଣା ମହାନ୍ତି, ବୃନ୍ଦାବନ ଦାସ, ନୃସିଂହ ତରାଇ, ଡ. ମମତା ସାହୁ, ଶ୍ରୀରାମ ଦାଶ, ସମୀର ରଂଜନ, ଅୟସକାନ୍ତ, ରବି ଶତପଥୀ, ଡ. ମନୋରଂଜନ ବିଷୋୟୀ, ରବି କୁମାର ମହାନ୍ତି, ଆଶିଷ ମହାପାତ୍ର, ଶଶିକାନ୍ତ ଦାସ, ଲାବଣ୍ୟ ନାୟକ, ସୁମିତା ବେହେରା, ସୁଶାନ୍ତ କୁମାର ନାୟକ, ଶରତ କୁମାର ଦାସ, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ କବିତା ଲେଖିଥିବା ବେଳେ ଗଳ୍ପ ବିଭାଗରେ ନନ୍ଦକିଶୋର ପରିଡା, ତରୁଣ କୁମାର ସାହୁ, ରବି ସ୍ୱାଇଁ, ଦିପ୍ତି ରଂଜନ ଖଣ୍ଡୁଆଳ, ପଦ୍ମାଳୟା ସାମଲଙ୍କ ସମେତ ପନ୍ଦର ଜଣ ଗାଳ୍ପିକ ଏଥିରେ ଗଳ୍ପ ଲେଖିଛନ୍ତି ।

ଏତଦ୍ ବ୍ୟତୀତ ଗୀତିକବିତାରେ ୨୦ଟି କବିତା, ପୁସ୍ତକ ସମୀକ୍ଷାରେ ସଚ୍ଚିଦାନନ୍ଦ କିଶ୍ର ଓ ରାମକୃଷ୍ଣ ଦାଶଙ୍କ ଆଲେଖ୍ୟ , ଭ୍ରମଣକାହାଣୀରେ ସସ୍ମିତା ରାଉତଙ୍କ 'ବୃନ୍ଦାବନ ଭ୍ରମଣ' ବେଶ୍ ହୃଦୟଗ୍ରାହୀ । ଅନ୍ତରଂଗ ଆଳାପ ସୋପାନରେ କବି ଅନ୍ନପୂର୍ଣ୍ଣା ମହାନ୍ତି 'ପାଠକମାନଙ୍କ ସ୍ୱୀକୃତି ଓ ଆଦୃତି ହିଁ ବଡ ପୁରସ୍କାର'ଭଳି ମତ ଦେଇ ନିଜ ନିଆରାପଣକୁ ଜାହିର୍ କରିଛନ୍ତି । ମୋଟାମୋଟି ଦେଖିବାକୁ ଗଲେ ପତ୍ରିକାଟି ପ୍ରତି ସମ୍ପାଦନା ବିଭାଗର ନିଷ୍ଠା ଓ ଭଲ ପାଇବା ରହିଥିବାର ପ୍ରମାଣ ମିଳେ।

♥ ସମୀକ୍ଷା: ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

## ଚେତନାର ଦର୍ପଣ - ୧୦

# ଶୁଦ୍ଧତା



♥ ଲଳିତ ମୋହନ ମିଶ୍ର

ମନର ଶୁଦ୍ଧତା, କାର୍ଯ୍ୟର ଶୁଦ୍ଧତା, ଶରୀରର ଶୁଦ୍ଧତା ଏବଂ ବକ୍ତବ୍ୟର ଶୁଦ୍ଧତା ଏହିପରି ଶୁଦ୍ଧତା ଚାରି ପ୍ରକାର। ଗର୍ବ, ଶତ୍ରୁତା, ଦୁଷ୍ଟତା, ଲୋଭ, କ୍ରୋଧ, ଲୋଭ, ଈର୍ଷା ଇତ୍ୟାଦି କାରଣରୁ ମନ ଅପରିଷ୍କାର ହୋଇଯାଏ, ଏହି ଖରାପ ଗୁଣଗୁଡ଼ିକୁ ସର୍ବଦା ମନରୁ ହଟାଇବା ଉଚିତ୍ । ଲୋଭ, ଘୃଣା, ଅହଂକାର, ଇତ୍ୟାଦି କାରଣରୁ ଶାସ୍ତ୍ର ବିରୁଦ୍ଧରେ ମନୁଷ୍ୟ ଅଶୁଦ୍ଧ କାର୍ଯ୍ୟ କରିଥାଏ। ଈଶ୍ୱରଙ୍କ ନିକଟରେ ଉତ୍ସର୍ଗୀକୃତ ବୁଦ୍ଧି ଏବଂ ଲୋକମାନଙ୍କ ପାଇଁ ସେବା କରିବାର ଶୁଦ୍ଧ ଭାବନା ମନୁଷ୍ୟକୁ ଶୁଦ୍ଧତା କରେ । ଅସ୍ପୃଶ୍ୟ ପଦାର୍ଥର ସ୍ପର୍ଶ, ମୃତ ଶରୀର, ପରିସ୍ରା ଇତ୍ୟାଦି କାରଣରୁ ଶରୀର ଅଶୁଦ୍ଧ ହୋଇଯାଏ। ତେଣୁ ଶରୀରକୁ ମାଟି, ଜଳ, ସ୍ନାନ ଇତ୍ୟାଦି ଦ୍ୱାରା ଶୁଦ୍ଧ ରଖିବା ଉଚିତ୍ । ମିଥ୍ୟା, ତିକ୍ତତା, ଅନ୍ୟମାନଙ୍କୁ ନିନ୍ଦା କିମ୍ବା ଆତ୍ମ-ପ୍ରଶଂସା, ଏବଂ ଅଦରକାରୀ ଶବ୍ଦ ଦ୍ୱାରା ବକ୍ତବ୍ୟ ଅଶୁଦ୍ଧ। ତେଣୁ ସଦାସର୍ବଦା ସମ୍ମାନଜନକ, ଦୟାଳୁ, ମଧୁର ଏବଂ ଉପକାରୀ ଶବ୍ଦ କହିବାକୁ ଚେଷ୍ଟା କରିବା ଉଚିତ୍ । ଶୁଦ୍ଧତାର ଆଉ ଏକ ସର୍ବୋତ୍ତମ ଉପାୟ ହେଉଛି ହୃଦୟରେ ଭଗବତ୍ ପ୍ରେମ। ଜଣେ ନିଜ ମନକୁ ଭଗବାନଙ୍କ ନିକଟରେ ଉତ୍ସର୍ଗ କରି, ନାମକୀର୍ତ୍ତନ ଏବଂ ସ୍ମରଣ କଲେ ଶୁଦ୍ଧତା ଓ ପବିତ୍ରତା ପାଇଥାଏ । ଆଉ ଏକ କଥା ଶୁଦ୍ଧ ବିଚାର ଦ୍ୱାରା ମଧ୍ୟ ସୁସ୍ଥ ସମାଜ ଗଠିତ ହୁଏ । ବ୍ୟକ୍ତିର ବାହ୍ୟଦୃଷ୍ଟି ବା ବାହ୍ୟଜ୍ଞାନ ସହିତ ଅନ୍ତଃଦୃଷ୍ଟି ଏବଂ ଗଭୀର ଅନ୍ତଃଜ୍ଞାନ ଜରୁରୀ ରହିବା ଆବଶ୍ୟକ । ପବିତ୍ରମ୍ ଅର୍ଥ ଶୁଦ୍ଧ । ଭକ୍ତିର ଜ୍ଞାନ ଅତ୍ୟନ୍ତ ଶୁଦ୍ଧ ଅଟେ କାରଣ ଏହା ସଂକୀର୍ଣ୍ଣ ସ୍ୱାର୍ଥ ଦ୍ୱାରା କଳୁଷିତ ନୁହେଁ । ଭଗବାନଙ୍କର ସର୍ବୋଚ୍ଚ ପ୍ରେମ ନିମନ୍ତେ ନିଜକୁ ସମର୍ପିତ କରିବା ଦିଗରେ ଏହା ଜୀବକୁ ପ୍ରେରିତ କରିଥାଏ । ଭକ୍ତି ପାପ, ପାପର ବୀଜ ଓ ଅବିଦ୍ୟାକୁ ନଷ୍ଟ କରି ଭକ୍ତିର ଅନ୍ତଃକରଣ ଶୁଦ୍ଧ କରିଥାଏ । ପାପ ହେଉଛି ଆତ୍ମାର ଅନନ୍ତ ଜନ୍ମର ଗଚ୍ଛିତ ମନ୍ଦକର୍ମ । ଗଦାଏ ନଡାକୁ ଅଗ୍ନି ଜାଳିଦେବା ପରି, ଭକ୍ତି ଭକ୍ତ ହୃଦୟର ଗଚ୍ଛିତ ପାପରାଶିକୁ ଜାଳି ଦେଇଥାଏ । ପାପ ବୀଜ ଅନ୍ତଃକରଣର ମଳୀନତାକୁ ନଷ୍ଟ କରି ଶୁଦ୍ଧତା ଆଣିଦିଏ । ଭକ୍ତି ଦ୍ୱାରା ହିଁ ଆତ୍ମା ଓ ପରମାତ୍ମା ସମ୍ବନ୍ଧୀୟ ଅନୁଭବାତ୍ମକ ଜ୍ଞାନ ହୋଇଥାଏ, ଯାହା ଅବିଦ୍ୟାକୁ ନଷ୍ଟ କରି ମନରେ ଶୁଦ୍ଧତା ପବିତ୍ରତା ଭରିଦିଏ ।

♥ କୁରାଳ, ନୟାଗଡ
ମୋ:୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ( ୯ )
### ମଣିଷ ପଣିଆ

ଆମେ ଘରୁ କଲେଜକୁ ଯିବା ସମୟରେ ଦେଖିଥିଲୁ ନଦୀ ଥିଲା ଶାନ୍ତ, ସୁଧାର, ପୁଣି କଳକଳନାଦିନୀ ପାହାଡିକନ୍ୟା । କିନ୍ତୁ କଲେଜରେ ପିଲାମାନଙ୍କଠୁଁ ଖବର ମିଳିଲାଯେ ନଦୀ ହୁ, ହୁ' ହୋଇ ବଢୁଛି। ଛାତିରେ ଛନକା ପଶିଲା । ଚାରିଟାପରେ ପରଦିନପାଇଁ ଛୁଟି ଦରଖାସ୍ତ ଦେଇ ପ୍ର. ହରେକୃଷ୍ଣ ଦାସ, ପ୍ର. ଲକ୍ଷ୍ମୀଧର ଗିରି ଏବଂ ମୁଁ କଲେଜରୁ ସାଇକେଲରେ ଆସିଲୁ । ଜଳେଶ୍ୱରରେ ସେତେବେଳକୁ ନାନା ଗୁଜବ ବ୍ୟାପିବାରେ ଲାଗିଥାଏ, ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ରାଞ୍ଚି( ସେତେବେଳେ ବିହାରର ଏକ ସହର ) ଏତେ ପାଣି ଛାଡିଛି ଯେ ନଦୀରେ ପ୍ରବଳ ବନ୍ୟାହେବ । ଜଳେଶ୍ୱର ସହର , ଆଖପାଖର ଗାଆଁ, ବାଲିଆପାଳ ଏବଂ ଭୋଗରାଇ ଅଞ୍ଚଳ ଆଉ ରହିବନି, ସବୁ ଭାସିଯିବ । କିନ୍ତୁ ନଦୀର ପଶ୍ଚିମ ଓ ଉତ୍ତର ପାଖ ମାନେ ରାଇବଣିଆ ଅଞ୍ଚଳର ଲୋକଙ୍କ ଅବସ୍ଥା କଣ ହେବ, ସେକଥା କେହି ଭାବୁ ନଥାନ୍ତି , ବା କହୁନଥାନ୍ତି। ପ୍ରକୃତରେ ସେତେବେଳେ ନଦୀରେ ପୋଲ ନଥିବାରୁ ସରକାରୀ କର୍ମଚାରୀ ଓ ସାମ୍ବାଦିକମାନେ ସେପାଖକୁ ନଯାଇ ଉପରଠାଉରିଆଭାବେ ରିପୋ୍ଟ ଲେଖୁଥିଲେ । ବନ୍ୟା ଛାଡିଲେ ଯାହା କରନ୍ତି । ପୁଣି, ଲେଣ୍ଡଫୋନ ବି ନଥାଏ, ମୋବାଇଲ ସେବା ଆରମ୍ଭହେଲା ଏଘଟଣାର ଅନେକବର୍ଷ ପରେ। ତେଣୁ, ସରପଞ୍ଚବି ବ୍ଲକକୁ ଆସିପାରନ୍ତିନି କିମ୍ବା ଖବର ପଠାଇପାରନ୍ତିନି । ଆମେ ବ୍ଲକକୁ ଯାଇ ବନ୍ୟା ପରିସ୍ଥିତି ବୁଝିଲୁ । ବିଡିଓ ମହାଶୟଙ୍କ ଉତ୍ତର ଭୟ ସୃଷ୍ଟିକଲା ।

ତରବରରେ ଶିଖରପୁର ନୌକାଘାଟକୁ ଗଲୁ। ସେତେବେଳକୁ ତାହା ଲୋକାରଣ୍ୟ ହୋଇସାରିଥିଲା । ନଦୀର ଉଭୟକୂଳରେ ଲୋକେ ଜମାହୋଇ ନଈବଢିର ଦୃଶ୍ୟ ଦେଖୁଥାନ୍ତି। କିଏ ଭୟଭୀତ ତ କିଏ ଆତଙ୍କିତ , କିଏ ଉଲ୍ଲସିତ ତ କିଏ ହେବାକୁଥିବା କ୍ଷୟକ୍ଷତି ପାଇଁ ଚିନ୍ତିତ । ଆମ ମନର ଅବସ୍ଥା କଥା ଭାଷାରେ ପ୍ରକାଶ କରିବା କଷ୍ଟକର । ଆମେ ପ୍ରାୟତଃ ନିରବ ଥିଲୁ ।

ନୌକା ସେପାଖରେ ଥାଏ । ଯେତେ ବଢି ହେଲେବି ନୌକା ଆସିବ । ସକାଳା ଜଳେଶ୍ୱର ଆଡକୁ ଯାଇଥିବା ଲୋକଙ୍କୁ ପୁଣି ସେପାଖକୁ ନେଇଯିବ ।

ଦୀର୍ଘ ସମୟପରେ ଅପେକ୍ଷାର ଅବସାନ ହେଲା । ନୌକା ଆସିଲା । ନଦୀକୁ ପ୍ରଣାମ କରି ତରବରରେ ଆମେ ସାଇକେଲ ସହିତ ନୌକାକୁ ଚଢିଗଲୁ । 'ଗଙ୍ଗାମାତାକୀ ଜୟ' ଧ୍ୱନିରେ କମ୍ପିଗଲା ସାରା ପରିବେଶ । ନଦୀ କୂଳରେ ଛିଡା ହୋଇଥିବା ଲୋକମାନେ ବି ଆମର ନିରାପଦ ଯାତ୍ରା କାମନା କରି ଗଙ୍ଗାମାତାଙ୍କୁ ପ୍ରାର୍ଥନା କରୁଥାନ୍ତି ...,'ଗଙ୍ଗାମାତାକୀ ଜୟ 'ଧ୍ୱନି ଦେଇ। ନାଉରିଆ ନୌକାକୁ ସୁଅର ବିପରୀତ ଦିଗରେ କୂଳ ପାଖେପାଖେ ପ୍ରାୟ ଅଧମାଇଲିଏ ଉଠାଇବା ପରେ ଶିଖରପୁର ଘାଟକୁ ଯିବା ଉଦ୍ଦେଶ୍ୟରେ (ନୌକା) ଛାଡିଦେଲେ ।' ଆମେ ପୂର୍ବଭଳି 'ଗଙ୍ଗାମାତାକୀ ଜୟ' ଧ୍ୱନି ଦେଉଥାଉ ।

ନାଉରୀଆରଙ୍କର ଆଉ ବିଶେଷ କିଛି କରିବାର ନଥାଏ । କେବଳ ସୁକାନ ଧରି ନୌକାର ଦିଗ ଠିକ୍ କରୁଥାନ୍ତି । ଦାଣ୍ଡିଆ ଭାଇମାନେ ଅକ୍ଳାନ୍ତ ପରିଶ୍ରମକରି ନୌକା ଆଗକୁ ଆଗକୁ ବଢାଉଥାନ୍ତି ।

ଯାହେଉ ବହୁ ବିଳମ୍ବରେ ଶିଖରପୁର ଘାଟରେ ପହଞ୍ଚିଲୁ । ନୌକାରୁ ଉହ୍ଲାଇ ପୁଣିଥରେ ମାଆଙ୍କୁ ପ୍ରଣାମ କରି ଘାଟ ଉପରକୁ ଗଲୁ । ପାଖ ଗାଆଁର ଲୋକମାନେ ଯିଏ ଯାହାର ଘରକୁ ଚାଲିଗଲେ ।

ସେତେବେଳକୁ ଅନ୍ଧାର ଘୋଟିଗଲାଣି । ନଦୀକୂଳରେ ଶିଖରପୁର ଗ୍ରାମର ଅନେକ ପରିଚିତ ଲୋକ ଉପସ୍ଥିତ ଥାନ୍ତି । ସେମାନେ ଆମ ସାଥୀରେ ତାଙ୍କ ଗାଆଁ ପାଖଯାଏ ଆସିଲେ। ଆମେ ଆମ ଗାଆଁକୁ ଯିବାକୁ ବାହାରିବାରୁ ସେମାନେ ଆମକୁ ବାରଣ କରି କହିଲେ,'ଅନ୍ଧାରରାତି, ପୁଣି ବନ୍ୟାଜଳରେ ଶାନ୍ତିପୁର ସଡକ କେବଳ ବୁଡିଯାଇନି ତା'ଉପରେ ଅନେକ ସ୍ଥାନରେ ପାଞ୍ଚ/ଛଅହାତ ପାଣି ହେଲାଣି । ସୁଅ ବି ପ୍ରଖର। ବିଷାକ୍ତ ସାପ ଓ ବିଛା ଭାସିଯାଉଛନ୍ତି । ସେମାନେ ଆପଣମାନଙ୍କୁ ଦଂଶନକରି ପାରନ୍ତି । ତେଣୁ, ଆପଣମାନେ ଗାଆଁକୁ ଯିବା ନିରାପଦ ନୁହେଁ ବରଂ ସେମାନଙ୍କ କଥାମାନି ରାତିକ ଶିଖରପୁରରେ ରହିଯିବାକୁ ଅନୁରୋଧ କଲେ । ଆମେ ଯେତେ ବୁଝାଇଲେ ବି ସେମାନେ ଶୁଣିଲେନି ।

ଡଙ୍ଗାଟିଏ ଖୋଜିଦେବାକୁ ଅନୁରୋଧ କଲୁ। ସେମାନେ ସହାନୁଭୂତି ପ୍ରକାଶକରି ଲୋକ ପଠାଇ ଡଙ୍ଗା ଖୋଜିଲେ । ସେ ଗାଆଁରେ ଅନେକ ଲୋକଙ୍କର ଡଙ୍ଗା ଥିଲେବି ରାତିରେ ପୁଣି ବନ୍ୟାରେ କେହି ଯିବାକୁ ରାଜିହେଲେନି।

ଖବରପାଇ ଗାଆଁ ମାଲିକ ଆସି ପହଞ୍ଚିଲେ। ତା' ପରଦିନ ଭୋରରୁ ଡଙ୍ଗା ନିଶ୍ଚୟ ବନ୍ଦୋବସ୍ତ କରିଦେବେ ବୋଲି କହି ଆମକୁ ପୁଣିଥରେ ରହିବାକୁ ଅନୁରୋଧକଲେ ।

ରାତି ବଢୁଥାଏ । ନଦୀର ଗର୍ଜନ ଶୁଭୁଥାଏ। ଆମ ମନରେ ବି ଭୟ ଆସିଲା । ଆଉ ଜିଦ୍ ନକରି ସେମାନଙ୍କ କଥାମାନି ଶିଖରପୁର ସ୍କୁଲଘରେ ଆମେ ବିଭିନ୍ନ ଗାଆଁର ଦଶଜଣ ଲୋକ ରହିଲୁ । ରାତିରେ ସେମାନେ ଆମର ରହିବା ଓ ଖାଇବାର ଭଲ ବନ୍ଦୋବସ୍ତ କରିଥଲେ। ଦୁଇଜଣ ଲୋକ ଆମପାଖରେ ଶୋଇଲେ ଆମର ନିରାପତ୍ତା ଓ ଆପଦବିପଦ



(ବିଶେଷତଃ ବିଷାକ୍ତ ସର୍ପ ଦଂଶନ)ରେ ଆମକୁ ସହାୟତା ଯୋଗାଇ ଦେବାପାଇଁ ।

ରାତିରେ ଘର ଓ ଗାଆଁର ଅବସ୍ଥା କଥା ଭାବି ଆମେ କିନ୍ତୁ ଭଲରେ ଶୋଇପାରିଲୁନି । ଖୁବ୍ ଭୋରରୁ ଆମେ ଉଠିପଡିଲୁଁ । ଗାଆଁ ମାଲିକ ରାତିଭିତରେ ତିନିଟି ଡଙ୍ଗା ଓ ତିନିଜଣ ନାଉରୀ ଠିକ୍ କରିଥିଲେ । ସକାଳେ ଜଳଖିଆ ଖାଇକି ଯିବାକୁ ସେ ଯେତେ ଅନୁରୋଧ କଲେ ବି ଆମେ ଖାଇଲୁନି । ଗାଆଁ ପାଖରେ ପହଞ୍ଚି ଆମେ ମଜୁରି ଓ ଡଙ୍ଗାର ଭଡା ଯାଚିବାରୁ ନାଉରୀଆମାନେ ନେଲେନି । ଗାଆଁ ମାଲିକ ଦେବେବୋଲି କହିଲେ ।

ସେତେବେଳର ସେ ଗାଆଁର ମାଲିକ ଓ ଅନ୍ୟମାାନଙ୍କ ଭିତରୁ କେତେକ ହୁଏତ ସେପାରିକୁ ଚାଲି ଯିବେଣି । ଅନ୍ୟମାନେ ବୟସର ଭାରରେ ଅଚଳ ହେବାସହିତ ପଛକଥା ଭୁଲିଯିବେଣି। ମୁଁ କିନ୍ତି ଭୁଲିନି, ଭୁଲି ପାରିବିନି। ସେମାନଙ୍କ ମଣିଷପଣିଆ ପାଖରେ ମୋ ମଥା ଆଜିବି ନଇଁଯାଉଛି ?

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଆଲୋଚନା

# ପ୍ରେମର ପରିଭାଷା ଓ ଆଧୁନିକ ଓଡ଼ିଆ କବିତା



ସୁଶ୍ରୀ ସଙ୍ଗୀତା ସ୍ୱାଇଁ

'ପ୍ରେମ' ମାନବ ହୃଦୟର ଏକ ସହଜାତ ପ୍ରବୃତ୍ତି, ଏକ ଅପାର୍ଥିବ ପଦାର୍ଥ। ଆମ ସଂସ୍କୃତି, ସମାଜ ଜୀବନକୁ ଶୃଙ୍ଖଳିତ କରିବାରେ ପ୍ରେମ ଏକ ଶାଶ୍ୱତ ଉପଲବ୍ଧି । ପ୍ରେମ ଅନାଦି କାଳରୁ ପ୍ରବାହିତ, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଉଦାର, ଲହୁ, ଲୁହ, ସଂଭୋଗ ଓ ବୈରାଗ୍ୟର ସିମ୍ଫୋନୀ । ଦେବତା, ମନୁଷ୍ୟ, ପଶୁ, ପକ୍ଷୀ, ସମସ୍ତେ ପ୍ରେମ ଫାଶରେ ବନ୍ଧା । ସେ ପ୍ରେମ ଈଶ୍ୱରୀୟ ହେଉ ଅଥବା ମାନବିକ, ପ୍ରେମ ହିଁ ପ୍ରେମ । ଗୁରୁଦେବ ରବୀନ୍ଦ୍ର ନାଥ ଠାକୁରଙ୍କ ଭାଷାରେ – "Clouds heap upon clouds and it darkens as love! why dust those let me wait out side at the door cell alone." (Geetanjali) ପ୍ରେମର ଶାଶ୍ୱତ ଚେତନା ଏକ ନିଆରା ଉପଲବ୍ଧି । ତେଣୁ ପ୍ରେମ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଭାଷାରେ – "ଅନଳ ନୁହଇ ଦେହ ବହଇ/ ଅସ୍ତ୍ର ନୁହଇ ମରମ ଭେଦଇ ନୁହତ ଜଳ ବୁଡ଼ାଏ କୂଳ/ ନୁହଇ ମାଦକ କରେ ବିହ୍ୱଳ ।"

ସମାଲୋଚକ ବିଶିଷ୍ଟ ପାଶ୍ଚାତ୍ୟ କବି Scoot ପ୍ରେମର ସ୍ୱରୂପ ଉଦ୍‌ଘାଟନ କରି କୁହନ୍ତି – "Love rules the court the camp the Irave man be low and saints above and heart is love."

ସୃଜନ କଳାର ପ୍ରଥମ ପ୍ରେରଣା 'ପ୍ରେମ' । ତେଣୁ ବିଶ୍ୱର ସମସ୍ତ ଲେଖକ, କବି, କଳାକାରଙ୍କ ସୃଜନଶୀଳତାର ପ୍ରାରମ୍ଭିକ ପର୍ଯ୍ୟାୟକୁ ପ୍ରେମ ହିଁ ପ୍ରୋତ୍ସାହିତ କରିଥାଏ । କବିତାରେ ପ୍ରେମ ହେଉଛି ଭାବନାଭିତ୍ତିକ ସ୍ୱତଃସ୍ଫୂର୍ତ୍ତ ଉଦ୍‌ବେଳନ । ପ୍ରେମ ଜୀବନକୁ ବିକଶିତ, ପଲ୍ଲବିତ ଓ ପରିପୂର୍ଣ୍ଣ କରେ । ପ୍ରେମ ଜୀବନର ଏକ ବଳିଷ୍ଠ ଅନୁଭବ, ପବିତ୍ର ତପସ୍ୟା ।

ଏହି ପ୍ରେମକୁ ନେଇ ଚର୍ଚ୍ଚାର ଅନ୍ତ ନାହିଁ । ମହାପାତ୍ର ନୀଳମଣି ସାହୁଙ୍କ ମତରେ- "ପ୍ରେମ ହେଉଛି ଜୀବନର ସବୁଠାରୁ ବାଞ୍ଛିତ ସଂପଦ, ଜୀବନର ସବୁ ନକାରତ୍ମତାକୁ ପ୍ରେମ ହିଁ ସାମ୍ନା କରିପାରେ ଓ ଏହା ଜୀବନକୁ ସ୍ୱର୍ଗୀୟ ଜୀବନରେ ପରିଣତ କରିପାରେ ।

କବିତାରେ 'ପ୍ରେମ' ଏକ ବଳିଷ୍ଠ ଭାବାତ୍ମକ ଆତ୍ମିକ ଉପାଦାନ । ଆଦି ଯୁଗର ମୌଳିକ ସାହିତ୍ୟ ହେଉ କିମ୍ବା ସନ୍ଥ ସାହିତ୍ୟର ଧର୍ମୀୟ ଭାବନା, ଅଥବା ରୀତି ଯୁଗର ଆଳଙ୍କାରିକତା ହେଉ ସବୁଥିରେ 'ପ୍ରେମ'ର ମଂଜୁଳ ବର୍ଣ୍ଣବିଭା ପରିଲକ୍ଷିତ ହୁଏ ।

'ପ୍ରେମ' ଅମୃତମୟ, ଆକର୍ଷଣୀୟ, ନୈସର୍ଗିକ ମାନବର ଜୈବିକ ଲାଳସାରେ ଏକ ପରିମାର୍ଜିତ କଳାତ୍ମକ ଅଭିବ୍ୟକ୍ତି । **D. W. Lawrence** କୁହନ୍ତି **'Love is the Happiness of the world'** ଆଦିମ ମଣିଷ 'ଆଦାମ୍' ଓ 'ଇଭ'ଙ୍କ ନିକଟରୁ ଜନ୍ମ ନେଲା ପ୍ରେମର ପହିଲି ପୁଲକ ।

ଓଡ଼ିଆ କବିତାର ଆଦ୍ୟ ସ୍ୱରୂପ ଚର୍ଯ୍ୟାଗୀତିକାରେ କାହ୍ନୁପାଙ୍କ ଏକ ପଦରେ ପ୍ରେମର ଚିତ୍ର ପରିଲକ୍ଷିତ ପୁଣି ସାରଳାଙ୍କ ମହାଭାରତରେ ଗଙ୍ଗା-ଶାନ୍ତନୁ ପ୍ରଣୟ, ପଞ୍ଚସଖାଙ୍କ ସୃଷ୍ଟି ସମ୍ଭାରରେ ଆତ୍ମା ଓ ପରମାତ୍ମାଙ୍କ ଆଧାତ୍ମିକ ସଂପ୍ରୀତି, ରାଧାନାଥୀୟ କାବ୍ୟରେ ରୋମାଣ୍ଟିକ ପ୍ରେମ, 'ଫକୀରମୋହନଙ୍କ 'ବିଷାଦ ପ୍ରେମ', ମଧୁସୂଦନଙ୍କ 'ଐଶ୍ୱରୀୟ ପ୍ରେମ', ଗଙ୍ଗାଧରଙ୍କ 'କାବ୍ୟମାନସ'ରେ ଦାମ୍ପତ୍ୟ ପ୍ରେମ, ଗୋପବନ୍ଧୁଙ୍କ କବିତାରେ ମାନବିକ ପ୍ରେମ, ଦେଶପ୍ରୀତି ଥିବାବେଳେ ବୈକୁଣ୍ଠନାଥଙ୍କ କବିତାରେ ପ୍ରେମ ରୋମାଣ୍ଟିକ ଚେତନାର ଭାବାତ୍ମକ ସ୍ୱାକ୍ଷର ।

ପ୍ରେମ ଦେବତ୍ୱ ଓ ମହତ୍ତ୍ୱ ପ୍ରଦାନ କରେ । ପ୍ରେମ ଐଶ୍ୱର୍ଯ୍ୟର ଅହଂକି ଦାରିଦ୍ର୍ୟର ତୁଚ୍ଛତା ନିକଟରେ କଦାପି ପରାସ୍ତ ହୁଏନି । ତେଣୁ କବି କହନ୍ତି - ଯେଉଁ ପ୍ରେମର ଶେଷ ପରିଣତି ଆସିଯାଏ, ସେ ପ୍ରେମ କ'ଣ ଅପାର୍ଥିବ ?

"ଟିକେ ଅଭାବ ରହିବାରେ ହିଁ ସବୁ ଭଲ ପାଇବାର ସାର୍ଥକତା / ଟିକିଏ ଅପୂର୍ଣ୍ଣ ରହିବାରେ ହିଁ ସବୁ ସ୍ୱାର୍ଥର ନିବିଡ଼ତା / ଏମିତି ଭଲପାଅନା ଯେ ଏକାଥର କେ ମିଳିଯିବ ସବୁତକ ଭଲପାଇବା ।" (ଅପାର୍ଥିବ ପ୍ରେମ, ହର ପ୍ରସାଦ ଦାସ)

କମଳାକାନ୍ତ ଲେଙ୍କା, ଫନୀ ମହାନ୍ତି, ସୌରୀନ୍ଦ୍ର ବାରିକ, ଶରତଚନ୍ଦ୍ର ପ୍ରଧାନ, ପ୍ରସନ୍ନ ମିଶ୍ର, ନିତ୍ୟାନନ୍ଦ ନାୟକ, ଶ୍ରୀହରିଧଳ, ବଂଶୀଧର ଷଡଙ୍ଗୀ, ରୋହିଣୀ କାନ୍ତ ମୁଖାର୍ଜୀ, ଅବନୀ ପ୍ରଧାନ, ଶୁଭେନ୍ଦୁ ମୁଣ୍ଡ, ଶତ୍ରୁଘ୍ନ ପାଣ୍ଡବ, ଆଶୁତୋଷ ପରିଡ଼ା, ଅପର୍ଣ୍ଣା ମହାନ୍ତି, ପ୍ରବାସିନୀ ମହାକୁଡ଼ ତିୱାରୀ, ପ୍ରମୁଖ କବିଙ୍କ କବିତା ସଂକଳନରେ ବାସ୍ତବ ପ୍ରେମ ଓ କଳ୍ପିତ ପ୍ରେମର ବହୁପ୍ରକାର ଭାବନାର ସଂହାର ପରିଦୃଶ୍ୟମାନ ହୁଏ ।

ସ୍ୱାଧୀନତା ପରବର୍ତ୍ତୀ କବିମାନଙ୍କ କବିତାରେ ପ୍ରେମ କିପରି ଏକ ସଶକ୍ତ ଆତ୍ମିକ ଭାବପକ୍ଷ ରୂପେ ପରିଗଣିତ ହୋଇଛି ତାହାର ଏକ ସଂକ୍ଷିପ୍ତ ତାଲିକା ପ୍ରକାଶ କରାଯାଇ ପାରେ –

(କ)"ଇଚ୍ଛା ହୁଏ ମୁଁ ତୁମକୁ
ପୁଣି ଥରେ ପାଆନ୍ତି କି ଭଲ ?
ଭୀରୁ ଏଇ ସ୍ୱପ୍ନର ଅୟନେ
ବୟସକୁ ଧୋଇ ଦେଇ
ଫାଲଗୁନର ନରମ ଖରାରେ
ହୁଅନ୍ତି କି ପୁଣିଥରେ
ଫୁଟନ୍ତା କିଶୋରୀ ।"
(ବସନ୍ତ ମାପିଛି କେତେ ଫୁଲର ବୟସ, ସରୋଜିନୀ ଷଡ଼ଙ୍ଗୀ)

(ଖ)"ଆଜି ଏହି ଫୁଲଫୁଟା ସକାଳରେ
ବସନ୍ତର ଶ୍ଳୋକ ହେଉ
ଜୀବନକୁ ଭଲପାଇବାର
ଅନୁଢା ରାଗିଣୀରେ ମୁଖରିତ ହେଉ ଆଜି
ଜୀବନର ପ୍ରତିଟି ଅନ୍ତର ।"
(ବସନ୍ତ, ମନୋରମା ବିଶ୍ୱାଳ ମହାପାତ୍ର)

(ଗ)"ହଁ ମନିକା ! ତୁମେ ପହଞ୍ଚିବା ଯାଏ /
ରକ୍ତ ନଥିଲେ ବି ଧମନୀରେ
ଚଲିଥିବ ସ୍ୱପ୍ନର ସହସ୍ର ଧାରା /
ଅନ୍ତିମ ସ୍ୱପ୍ନ ଶେଷ ହୋଇ ନଥିବ ।"
(ମନିକାର ହସ, ପ୍ରସନ୍ନ ମିଶ୍ର)

(ଘ)"ଆମେ ଏଠି ଶୋଇ ଶୋଇ
ସମୁଦ୍ରର ଶାମୁକା ପରାୟ
ଭବ ଦେଲୁ ସମୁଦ୍ରରେ ।
ପହଁରିଲୁ ଅକାତ ଜଳରେ
ଗାଧୋଇଲୁ ଗୋଟା ପଣେ
ସମୁଦ୍ରରେ ଫେରିବା ବାଟରେ
ଆଖିରେ ଅରଣ୍ୟ ନିଦ ।
ଫୁଲ ଝରେ ବାଲିର ଶେଯରେ ।"
(ସ୍ମରଣ ବିସ୍ମରଣ, କମଳାକାନ୍ତ ଲେଙ୍କା)

(ଙ)"ଭଲ ଯଦି ପାଅ ମୋତେ
ଜନ୍ମ ଜନ୍ମାନ୍ତର ପାଇଁ
କଡ଼ ଛଡ଼ା ଦିଅ ନାହିଁ
ଈର୍ଷା କର ନାହିଁ ।"
(ପ୍ରିୟତମା, ଫନୀ ମହାନ୍ତି)

ତେବେ ପ୍ରଣୟ ପୂଜାରୀ ମାୟାଧର ମାନସିଂହଙ୍କ ପ୍ରେମାନୁଭୂତି ନିଆରା ତାଙ୍କ ପ୍ରେମରେ ବିରହ, ବେଦନା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ।

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ /
ଆସିବ ମୋର ଭସ୍ମ ପାଶେ
ଦେବ ଗୋ ତୋର ଦେହର ଛାଇ ।"

ସମୟର ପରିବର୍ତ୍ତନର ପ୍ରଭାବ 'ପ୍ରେମ' ଉପରେ ମଧ ସ୍ପଷ୍ଟ ପରିଲକ୍ଷିତ । ପ୍ରେମ ସଂପ୍ରତି ହରାଇ ବସିଛି ତା'ର ଲାବଣ୍ୟ, ମାଧୁର୍ଯ୍ୟ, 'ପ୍ରେମ' ଏବେ ଫୁଲବନର ଛାଇ ନୁହେଁ ଦହନ ଜ୍ୱାଳା ପ୍ରଦାୟୀ ଭାବନାରେ କବିଙ୍କ ସାମ୍ନାରେ ଉପସ୍ଥିତ । ସାଂପ୍ରତିକ କବିତାରେ 'ପ୍ରେମ' ଏକ ଭିନ୍ନ ରୂପ ଧାରଣ କରିଛି । ଅଧୁନା କବି ସୁଖ, ଦୁଃଖ, ଜୀବନ, ମରଣ, ପାପ-ପୁଣ୍ୟ, ମିଳନ-ବିରହ, ଇନ୍ଦ୍ରିୟ-ଅତିନ୍ଦ୍ରୀୟ ପ୍ରଭୃତି ଭାବକୁ ଅଧିକତର ଭାବେ ବ୍ୟଞ୍ଜିତ କରି ପ୍ରେମର ଏକ ମହ୍ଲାର ରାଗ ସୃଷ୍ଟି କରିଛି ।

କବି ସୁରେଶ ଚନ୍ଦ୍ର ପଣ୍ଡାଙ୍କ କବିତା 'ମହ୍ଲାର' ଏକ ନିଖୁଣ ଭଲପାଇବାର ବାକ୍ୟିକ ସ୍ୱର । କାବ୍ୟନାୟକର ତନୁ ତନିମାରେ ସଂଚରିଯାଏ ପ୍ରେମର ମାନ୍ତ୍ରିକ ଉନ୍ମାଦନା –

"ପାହାନ୍ତି ପହରୁ ନିଦ ଭାଙ୍ଗିଗଲେ
ଉଲ୍ଲସିତ ହୁଏ ମନ,
ଲାଗେ ସତେ ତୁମ ପଣତକାନିରେ
ଆଶ୍ରିତ ଏ ଜୀବନ ।"

ଉପେନ୍ଦ୍ର ପ୍ରସାଦ ନାୟକଙ୍କ ସଂକଳନ 'ଅଥୟପଣ' ଏକ ମନୋଜ୍ଞ ସଂକଳନ॥ 'ପ୍ରେମ'ର ପୂର୍ବରାଗ ସେ ଗାନ କରିଛନ୍ତି :-

"ପ୍ରେମର ବିକାଶ / ତ୍ୟାଗ ସାଧନାରେ
ପ୍ରେମରେ ଜୀବନ ହସେ
ଦୁଇ ହୃଦୟର ନବ ନୁହଁ
ସୁଖ ସମ୍ଭାର ଦିଶେ ।"
(ଅଥୟପଣ, ଉପେନ୍ଦ୍ର ନାୟକ)

'ଫୁଲରସିଆ' କବିତାରେ କବି ପ୍ରେମର ବେଶ୍ ଭାବପ୍ରବଣ କବିଙ୍କ ଭାଷାରେ- "ସେ ଦେଇଥିଲା ରୁମାଲ / ହଜିଗଲା ଖୁବ୍ କାନ୍ଦ ମାଡୁଛି / ତା' ପାଇଁ ଖାସ୍ କାନ୍ଦିବ ବୋଲି ହଜାଇ ଦେଇଚି ରୁମାଲ ଭାବିଲେ କଥାଟା ଟିକେ ରୋମାଣ୍ଟିକ୍ ଲାଗୁଚି ।" (ଫୁଲରସିଆ, ଅଭୟ ନାୟକ)

ସଂପ୍ରତି ସମୟ ଖଣ୍ଡର ଉତ୍ତର ଆଧୁନିକ କବିମାନଙ୍କ ରଚନାରେ ମଧ 'ପ୍ରେମ'ର ମହ୍ଲାର ରାଗ ଶତ୍ରୁଗୋଚର ହୁଏ । 'ପ୍ରେମ' ହିଁ ଈଶ୍ୱର ଭାଷା । ଈଶ୍ୱରଙ୍କ ସାନ୍ନିଧ ଲାଭର ସର୍ବଶ୍ରେଷ୍ଠ ମାଧ୍ୟମ । ମାଧୁରୀ ପଣ୍ଡାଙ୍କ ଭାଷାରେ –

"ପ୍ରେମର ପାରାବାରେ
ଶବ୍ଦର ଲହରୀ
ଅହରହ ଶୁଭେ କାହା ବଂଶୀ
ପାପ ପୁଣ୍ୟ ଆଉ ପାପ ପୁଣ୍ୟରେ ନଥାଏ
ସବୁକିଛି ଶୂନ୍ୟରେ ମିଳେଇ ଯାଉଥାଏ
ଯାହାକିଛି ମିଳେ
ଶବ୍ଦର ଝିଲମିଲ ତାରାର ନକ୍ଷତ୍ର ।"

କବି ସ୍ୱପ୍ନା ମିଶ୍ରଙ୍କ ପ୍ରଣୟାନୁଭବ ନିଆରା କବି ସଂପୂର୍ଣ୍ଣ ସମର୍ପିତ ପ୍ରେମ ପାଖରେ ଏବଂ ଏକ ଭିନ୍ନ ପୃଥିବୀରେ ସେ ପ୍ରିୟତମକୁ ପଚାରିଛନ୍ତି ପ୍ରେମର ପରିଭାଷା –

"ହେ ମୋର ଦୂରନ୍ତ ପ୍ରେମିକ / ପ୍ରେମ କ'ଣ
ଜାଣନା / ଜାଣେ ନାହିଁ ସମ୍ପର୍କର ଅର୍ଥ /
ସମ୍ପର୍କ କି
ରାସ୍ତାପରି ଲମ୍ବିଥାଏ କେବେ ଅନ୍ଧାର ପୁଣି
କେବେ ଆଲୋକିତ ।"
(ପ୍ରୀତିଗୀତି, ସ୍ୱପ୍ନାମିଶ୍ର)

ପ୍ରେମ ସମାଜ ପାଇଁ କାଳେ କାଳେ ମୁଣ୍ଡବ୍ୟଥାର କାରଣ ସାଜିଛି ଆଜିଯାଏ ସମାଜ 'ପ୍ରେମ'କୁ ସହର୍ଷେ ସ୍ୱୀକାର କରିପାରିନାହିଁ । ତେଣୁ କବି କ୍ଷୋଭ ପ୍ରକାଶ କରେ-

"ଏ ସମାଜ ବୁଝେନି / ପ୍ରେମର ମହନୀୟତା
କିମ୍ବା ଗଭୀରତା /
ପ୍ରେମର ବାଧା ଦେବା ପରିଣତି
ଯେ ଆତ୍ମହତ୍ୟା ଜାଣି ମଧ ଦେଖି
ବି କେବେ ଶିଖିପାରିନି ଏ ସମାଜ ।"
(ସ୍ୱାଗତିକା, ଶଂଶାକଶେଖର ସାମଲ)

କବି ଭିକାରୀ ଧଳଙ୍କ 'ପ୍ରୀତି ପାଇଁ କବିତା'ରେ ପ୍ରେମାନୁଭୂତି ତ୍ୟାଗରେ ପର୍ଯ୍ୟବେସିତ । ଦୁଇଟି ଦେହ ଓ ଆତ୍ମାର ପବିତ୍ର ମିଳନ ।

"ପ୍ରୀତି ସ୍ୱଦା ତୁମେ କେବେ କେବେ
ଗୁଡ଼ାଇ ହୋଇ ପଡ଼ିଛ
ମୋ ଦେହରେ ଏକାନ୍ତ ଭାବରେ
ସମସ୍ତ ଅନିଚ୍ଛାର ମନ୍ତ୍ରକୁ ଫିଙ୍ଗି ଦେଇ /
ନିକଟରୁ ନିକଟତର ହୋଇଛ ।"

'ପ୍ରେମ' କବି ଦୃଷ୍ଟିରେ ଏକ ମହନୀୟ, କମନୀୟ ରୂପ ଧାରଣ କରିଛି । 'ପ୍ରେମ' ପଥର ଯାତ୍ରୀ ସାଜି ସେ ନିଜକୁ ଧନ୍ୟ ମନେ କରୁଛି ତେଣୁ ସେ ଉଦ୍‌ଘୋଷଣା କରୁଛି – "ଭଲ ମୁଁ ପାଇଛି / ହୃଦୟ ଦେଇଛି କରିନି ତ କିଛି ପାପ / ତାହେଲେ କାହିଁକି କେଉଁ ଭୁଲ ପାଇଁ କରିବି ମୁଁ ଅନୁତାପ ।"(ଫୁଲ ଫଗୁଣ, ବିପିନ ମହାନ୍ତି)

ଅଧୁନା ସମାଜରେ ପ୍ରେମର ସଂଜ୍ଞା, ସ୍ୱରୂପ, ପରିବର୍ତ୍ତିତ ଆଉ କବିଟିଏ ସମାଜର ଚିତ୍ରକାର । ତେଣୁ ସମାଜର ପାରିପାର୍ଶ୍ୱିକ ଘଟଣା ଦୁର୍ଘଟଣାରୁ ଉପାଦାନ ଆହରଣ କରି ସେ ତା'ର କଳାତ୍ମକ ରୂପ ପ୍ରଦାନ କରିଛି । ସମାଜରେ ବର୍ତ୍ତମାନର ଦାମ୍ପତ୍ୟ ପ୍ରେମ, ପରକୀୟା ପ୍ରୀତି, ଏକତରଫା ପ୍ରୀତି, ପ୍ରତିହିଂସାତ୍ମକ ପ୍ରେମ, ଚୁକ୍ତିଭିତ୍ତିକ ପ୍ରେମ, ଲିଭ-ଇନ୍-ରିଲେସନ୍, ସୋସିଆଲ୍ ସାଇଟ ପ୍ରେମ, ୟ୍ୟୁଜ ଏଣ୍ଡ ଥ୍ରୋ ପ୍ରେମ ଆଦି କନସେପ୍ଟ ସବୁ କବିର କବିତାର ସାଂପ୍ରତିକ ଉପାଦାନ ପାଲଟିଛି । କବି ଦେଖିଛି ପ୍ରେମର ଏ ଅବକ୍ଷୟୀ ରୂପ ବିଦ୍ରୋହ କରିଛି, କ୍ଷୋଭ ପ୍ରକାଶ କରିଛି, ଦୁଃଖୀ ହୋଇଛି । କବି କହିଉଠିଛି–

"ପ୍ରେମ ରୂପେ ଯାହା ଦିଶେ ସବୁଆଡ଼େ /
ତୁମେ ଖାଲି ଭୋକ / ଦେହ ଖେଳ /
ଦେହ, ଦେହ ଆଉ ଦେହ ।"
(ପ୍ରେମୀ ଅମୃତଫଳ, ରତ୍ନାକର ରାଉତ)

ଏବେ ପ୍ରେମ ଜୀବନର ପ୍ରଥମଯୁଦ୍ଧ ପାଲଟିଛି ଶେଷ ରକ୍ତପାତ ସାଜିଛି, ପ୍ରେମ ବାସ୍ତବବାଦୀ ଦୁନିଆରେ ଦେହଜ ହୋଇଛି, କାମନାର ଯଜ୍ଞରେ ଆହୁତି ଦେଇଛି । ପ୍ରେମିକାର ଦେହ ଏବେ ପ୍ରେମିକର ସ୍ନାୟୁଉତ୍ତେଜକ ବସ୍ତୁ ପାଲଟିଛି । ନୃସିଂହ ତ୍ରିପାଠୀଙ୍କ ଭାଷାରେ 'ପ୍ରେମ' ଏହି ପରାହତ ପରିବର୍ତ୍ତିତ ସଂଜ୍ଞାକୁ ଲକ୍ଷ୍ୟ କରାଯାଇପାରେ ।

"ତମ ଦେହ ଖୋଲା ଦେହ
ଇଟା ମାଟିର ଆଟୁଘର
ଖରାଦିନେ ଥଣ୍ଡା ଲାଗେ
ଶୀତଦିନେ ଉଷୁମ, ନରମ ।"
ପରିବର୍ତ୍ତିତ ସମୟ ସ୍ରୋତରେ
ପ୍ରେମର ପରିଭାଷା ବଦଳିଛି ।

"ପ୍ରେମ କିଛି ସୁଦୀର୍ଘ ଚୁମ୍ବନ ନୁହେଁ
ଯେଉଁଥିରେ ନିଃଶ୍ୱାସ ରୁଦ୍ଧି ହୋଇଯାଏ
ପୃଥିବୀରେ ଚଳିଛି ପାଣିଚିଆ
ପ୍ରେମର ରାଜତ୍ୱ ।"
(ଧୂସର ବର୍ଣ୍ଣମାଳା, ଭାନୁଜୀ ରାଓ)

ସୋହାଗ ପାଇଁ ସମୟ କାହିଁ ପ୍ରିୟତମା
ପ୍ରେମ ଲାଗି ତର କେଉଁଠି ?
(ପ୍ରତ୍ୟୟର ପରିଧି, ପ୍ରସନ୍ନ ମହାନ୍ତି)

ପ୍ରେମର ଅପବାଦ ଅଛି, ବିରହର ଯନ୍ତଣା ଅଛି, ପ୍ରେମରେ ଅପବାଦ ପ୍ରେମୀଯୁଗଳ ପାଇଁ ଅଳଂକାର, ଯାହାକୁ ମଣ୍ଡନ କରି ସେ ଗୌରାବାନ୍ୱିତ ହୁଏ । ପ୍ରେମର ବିକାଶ ଓ ଉତ୍ତରଣ ଠିକ୍ ଜୀବନ ପରି । ପ୍ରେମ ମଣିଷ ମନର ଅବଚେତନର ଭାଷା, ଯାହାକୁ ସାରା ଜୀବନ ଭୁଲି ହୁଏନା ।

କବି କାଳୀପଦ ପଣ୍ଡା ତାଙ୍କ 'ବୟସ ବସନ୍ତ' କବିତା ସଂକଳନରେ ପ୍ରେମ ସଂପର୍କରେ କହିଛନ୍ତି - ତୁମେ କ'ଣ ଜାଣନା / ଦିନେ ତୁମେ ହେବ ଜରାଜୀର୍ଣ୍ଣ ରାତ୍ରୀ / ଲୋଳିତ ଚର୍ମ ପଙ୍ଗୁଳା ଦେହ ନେଇ / ଅଗ୍ନି ସଂଯୋଗକୁ / ମାଟି ସହ ଏକାକାର ହୋଇଯିବାରେ / ହେବ ଅପେକ୍ଷାରତ / ଜୀବନ ଯୌବନ-ବସନ୍ତ ହେବ ଅସ୍ତମିତ / ମୁକ୍ତି ପାଇଁ ପାର୍ଥିବ ଶରୀର ଛାଡ଼ିବ / ନଥିବ ଦେହଜ କ୍ଷୁଧା / ବୟସ ବସନ୍ତରେ ହୋଇ ଉନ୍ମାଦନା / ହୃଦୟକୁ ବାରବାର କ୍ଷତାକ୍ତ କରି / କି ଲାଭ ପାଅ / ଜାଣନା ତୁମର ବୟସର ଖେଳ / କାହା ପାଇଁ ହେଉଛି କାଳ ।

ଅତଏବ ଏହି 'ପ୍ରେମ' କବି ପାଇଁ ଏକ ପ୍ରଧାନ ଆତ୍ମିକ ବିଭବ ରୂପେ ପରିଗଣିତ । 'ପ୍ରେମ' କବି ପାଇଁ 'ଲୁହାରଡ୍', 'ମଲାକଇଁ' ତ କେବେ ଜୀବନର ଅନ୍ତଃସାର ଶୂନ୍ୟତା । ଏହା କେତେବେଳେ ଦେହର ଉତ୍ତାପରେ ପ୍ରଜ୍ଜ୍ୱଳିତ ତ କେତେବେଳେ ଇନ୍ଦ୍ରିୟୋତ୍ତର ଭାବନାରେ ପରିବ୍ୟାପ୍ତ । ଆଧୁନିକ କବିର ପ୍ରଣୟ- ଚେତନା ଆଜି ଅନେକାଂଶରେ ଅସ୍ଥିମାଂସ ସମ୍ବନ୍ଧୀୟ । ଓଡ଼ିଆ ସାହିତ୍ୟର କଳେବରକୁ ଅନୁଧ୍ୟାନ କଲେ ଜଣାଯାଏ, ଲୋକକବିଠାରୁ ଉତ୍ତର ଆଧୁନିକ କବି ପର୍ଯ୍ୟନ୍ତ ସମସ୍ତଙ୍କ ରଚନାରେ ପ୍ରେମ ପ୍ରତି ଏକ ସକରାତ୍ମକ ଦୃଷ୍ଟିଭଙ୍ଗୀ ରହିଛି ।

'ପ୍ରେମ' ସୃଷ୍ଟିର ଓଁକାରରେ ଥିଲା ସୃଷ୍ଟିର ସଂହାରରେ ମଧ ରହିଥିବ । ତେଣୁ ତ କୁହାଯାଇଛି ପ୍ରେମ ଶାଶ୍ୱତ ସତ୍ୟ-ଶିବ-ସୁନ୍ଦର, ଅଜୟ, ଅମର । ଏହି ଚେତନାକୁ ପାଥେୟ କରି ସ୍ୱାଧୀନତା ପରବର୍ତ୍ତୀ ପ୍ରବୀଣ ଆଧୁନିକ କବି ତଥା ଉତ୍ତର ଆଧୁନିକ ଦର୍ଶନ ଯୁବ କବିଗଣ ଆଧୁନିକ ଓଡ଼ିଆ କବିତାର ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ।

♥ ଅରଡ଼ବଜାର, ବାଲେଶ୍ୱର
ମୋ: ୭୮୭୩୭୭୧୦୨୬

# ମହିଳାମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ



ବାଲେଶ୍ୱର, ୧୬/୧୨ (ନି.ପ୍ର): ଆଜି ମହିଳାମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକର ମଞ୍ଚ ସଞ୍ଚାଳନ ମହିଳାମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ସୁସ୍ମିତା ପଣ୍ଡା କରିଥିଲେ। ଭାରତମାତା ପୂଜନ ଓ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥଲା। ସଭାନେତ୍ରୀ ସିପ୍ରାରେଖା ମହାପାତ୍ର ତାଙ୍କର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ମହିଳାମୋର୍ଚ୍ଚା ସଭାପତି ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ମହିଳାମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ଡ଼ଃ ପ୍ରିତି ପ୍ରତିଭା ଭୋଳ ଓ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର କାର୍ଯ୍ୟକାରିଣୀ ବୈଠକକୁ ସମ୍ବୋଧନ କରି ମୋର୍ଚ୍ଚାର ସାଂଗଠନିକ ସ୍ଥିତି, ଆଗାମୀ ଯୋଜନା ସମ୍ବନ୍ଧରେ ସବିଶେଷ ତଥ୍ୟ ଓ ଅଗ୍ରଗତି ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ। ସଂସଦର ଉଭୟ ଗୃହରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ବିଲ୍ ପାରିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ଆଜିର କାର୍ଯ୍ୟକାରିଣୀରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା, ଧନ୍ୟବାଦ ପ୍ରସ୍ତାବ ଜିଲ୍ଲା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ମାଳତୀ ନାୟକ ଆଗତ କରିଥିଲେ। ରାଜନୈତିକ ଚିଠା ପ୍ରସ୍ତାବରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଯୋଜନା ପ୍ରସ୍ତୁତ କରାଯାଇଥିଲା, ରାଜନୈତିକ ଚିଠା ପ୍ରସ୍ତାବକୁ ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦିକା ସୁମତୀ ଦେ କରିଥିଲେ। ମୁଖ୍ୟବକ୍ତା ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ମୁଖ୍ୟଅତିଥି ଶ୍ରୀମତୀ ବିଶ୍ୱାଳ ତାଙ୍କ ସମ୍ବୋଧନରେ ମୋର୍ଚ୍ଚାର କାର୍ଯ୍ୟ ଶୈଳୀ , ସାଂଗଠନିକ ସଂରଚନା, ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଯୋଜନା ପ୍ରସ୍ତୁତ, କେନ୍ଦ୍ର ସରକାରଙ୍କ ମହିଳାଙ୍କ ପାଇଁ ଅସୁମାରୀ ଯୋଜନାର ଉପାଦେୟତା ଘରକୁ ଘର ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି ବର୍ତ୍ତମାନ ଦେଶବାସୀଙ୍କ ମଧ୍ୟରେ ଏକ ଆଶାର ସଞ୍ଚାର କରିଛି, ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି ବିଷୟରେ ମହିଳାଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ସଭାନେତ୍ରୀ ଶ୍ରୀମତୀ ବିଶ୍ୱାଳ କହିଥିଲେ। କାର୍ଯ୍ୟକ୍ରମରେ ମହିଳାମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରା ଜିଲ୍ଲା ମହିଳାମୋର୍ଚ୍ଚାର ବୃତପାଠ ନେଇଥିଲେ। ବୈଠକରେ ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର, ପର୍ଶୁରାମ ବେହେରା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଉପସଭାପତି ପ୍ରବୀର ପ୍ରଧାନ, ଜିଲ୍ଲା ସଭାନେତ୍ରୀ ମମତା ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ରେଣୁ ବିଶ୍ୱାଳ, କୃଷକମୋର୍ଚ୍ଚା ଜିଲ୍ଲା ସଭାପତି ଅନୀଲ କୁମାର ସାହୁ, ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନା, ଭୋଗରାଇ ବିଧାୟକ ପାର୍ଥ୍ୟ ଅଂଶୁମାନ ମହାନ୍ତି, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା, ମହିଳାମୋର୍ଚ୍ଚା ଜିଲ୍ଲା ଉପସଭାପତି ସଞ୍ଜୁକ୍ତା ମହାପାତ୍ର, ଅପିସ୍ୱା ନାୟକ, ଅନିମା ପାଣିଗ୍ରାହୀ ଓ ପ୍ରଶାନ୍ତୀ ପଣ୍ଡା, ମହିଳାମୋର୍ଚ୍ଚା ଜିଲ୍ଲା ସମ୍ପାଦିକା ପୂଜା ତରେଇ, ମଧୁଶ୍ରୀ ପଣ୍ଡା, ହେମାଙ୍ଗୀ ରାଉତ, କଲ୍ୟାଣୀ ମହାନ୍ତି ଓ ଜୁବଲୀ ମହାନ୍ତି, କୋଷାଧକ୍ଷ ଦମୟନ୍ତୀ ବାଗଙ୍କ ସତେତ ମୋର୍ଚ୍ଚାର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ମୋର୍ଚ୍ଚାର ମିଡ଼ିଆ ସଂଯୋଜକ ସୁଇଟି ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ

ପୁରୀ, ୧୬/୧୨ (ନି.ପ୍ର): ପୌଷ ମାସର ଧନୁ ସଂକ୍ରାନ୍ତି ଅବସରରେ ଧନୁ ମୁଆଁର ଆଦର ଓଡ଼ିଆଙ୍କ ଘରେ ଘରେ ରହିଥାଏ । କେବଳ ଗୁଡ଼ିଆ ଘର ପ୍ରସ୍ତୁତ ଖଇ ଓ ଗୁଡ଼ର ଧନୁ ମୁଆଁ ନୁହେଁ ଆଜିକାଲି ଗୁଡ଼ ବା ଚିନି ପ୍ରସ୍ତୁତ ଧନୁ ମୁଆଁ ସମସ୍ତଙ୍କର ପସନ୍ଦ । ଧନୁ ସଂକ୍ରାନ୍ତିର ପବିତ୍ର ଅବସରରେ ଓଡ଼ିଆ ଚଳଣୀର ଘରେ ଘରେ ବେଶ୍ ଆଦର ଥିବା ମୁଆଁର ଶ୍ରଦ୍ଧା ବେଶ୍ ନିଆରା । କୃଷିଭିତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସର ପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗବଶତଃ ଏହି ସମୟରେ ଆଖୁ ଅମଳ ମଧ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରଧଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ ।

# ମହାମହିମ ରାଷ୍ଟ୍ରପତିଙ୍କୁ ଭେଟିଲେ ମହାପୁରୁଷ ଅଚ୍ୟୁତାନନ୍ଦ ଧାମର ଉପସଭାପତି: ଫଟୋ ଓ ଗ୍ରନ୍ଥାବଳୀ ପ୍ରଦାନ



ପାରାଦୀପ, ୧୬/୧୨ (ନି.ପ୍ର): ବିଶ୍ୱର ସର୍ବବୃହ ସମବାୟଭିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ସାର କାରଖାନା ପାରାଦୀପ ୟୁନିଟ୍ର ପ୍ରଶାସନିକ ଅଧିକାରୀ ଓ ଲୋକସମ୍ପର୍କ ଅଧିକାରୀ ତଥା ମହାପୁରୁଷ ଅଚ୍ୟୁତାନନ୍ଦଧାମ ନେମାଳ ମନ୍ଦିର ନିର୍ମାଣ କମିଟିର ଉପସଭାପତି ପ୍ରସନ୍ନ କୁମାର ବେଉରା ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଏହି ଅବସରରେ ଶ୍ରୀ ବେଉରା ମହାମହିମ ରାଷ୍ଟ୍ରପତିଙ୍କୁ ଭେଟି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଫଟୋ ପ୍ରଦାନ କରିବା ସହିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦ୍ୱାରା ରଚିତ ଶୂନ୍ୟ ସଂହିତା, ହରିବଂଶ, ଆଗତ ଭବିଷ୍ୟତ ମାଳିକା ଗ୍ରନ୍ଥ ପ୍ରଦାନ କରିଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସାଧକ ଥିଲେ। ତାଙ୍କର ସାଧନାସ୍ଥଳ ପଦ୍ମବନ ନେମାଳ ପ୍ରତି ଭକ୍ତମାନଙ୍କର ରହିଛି ଅହେତୁକ ଭକ୍ତି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦ୍ୱାରା ରଚିତ ମାଳିକା ଓଡିଶାର ଘରେ ଘରେ ପରିଚିତ। ଶହଶହ ବର୍ଷ ପୂର୍ବେ ରଚିତ ମାଳିକାଗ୍ରନ୍ଥର ସତ୍ୟବଚନ ବିଭିନ୍ନ ଘଟଣାର ପ୍ରାମାଣିକ ତଥ୍ୟ ଭାବେ ଲୋକମାନେ ମାନୁଛନ୍ତି। ଏହି ପୀଠ ସମ୍ପର୍କରେ ସବିଶେଷ ତଥ୍ୟ ଶ୍ରୀ ବେଉରା ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ଏଥି ସହିତ ନେମାଳ ଆସିବା ପାଇଁ ଶ୍ରୀ ବେଉରା ମହାମହିମ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ମହାମହିମ ରାଷ୍ଟ୍ରପତି ସୁବିଧା ହେଲେ ନେମାଳ ଆସିବା କଥା ପ୍ରକାଶ କରିଛନ୍ତି ଶ୍ରୀ ବେଉରା ।

# ଜୀ-ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଏବେ ୩୦୦ ଅଧ୍ୟାୟରେ



ଭୁବନେଶ୍ୱର, ୧୬ /୧୨ (ନି.ପ୍ର): ଜୀ-ସାର୍ଥକ ଓଡିଶାରେ ନମ୍ବର-୧ ମନୋରଞ୍ଜନ ଚ୍ୟାନେଲ ହୋଇପାରିଛି କେବଳ ଦର୍ଶକଙ୍କୁ ସର୍ବଦା ନୂଆ ନୂଆ କାହାଣୀ ଓ ପାରିବାରିକ ଘଟଣାକୁ ନେଇ ଦର୍ଶକମାନଙ୍କ ମନୋରଞ୍ଜନ କରିବା ପାଇଁ । ଓଡିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣୀତ ଓ ପ୍ରଗତିଶୀଳ ଓଡିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜବୁତ କରିବା ପାଇଁ ଜୀ-ସାର୍ଥକ ସବୁବେଳେ ଚେଷ୍ଟାରତ । ସେହି ପରିପ୍ରେକ୍ଷିରେ ଜୀ-ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଦର୍ଶକଙ୍କ ମନ ଜିତିବା ସହ ସଫଳତାର ସହ ୩୦୦ ଅଧ୍ୟାୟରେ ପହଞ୍ଚି ସାରିଛି ।ବିଭିନ୍ନ ଅପ୍ରତ୍ୟାଶିତ ମୋଡ ଦେଇ କାହାଣୀ ଗତି କରୁଥିବା ବେଳେ କାହାଣୀର ମୁଖ୍ୟ ନାୟକ, ଏଜେ ସମୟକ୍ରମେ ଜେଲରେ ପହଞ୍ଚିଛି ଓ ଅମ୍ବିକା ଦ୍ୱାରା ପ୍ରରୋଚିତ ହୋଇ କାହାଣୀର ମୁଖ୍ୟ ନାୟିକା, ମାନିନୀକୁ ଦୋଷୀ ଭାବିଛି ଓ ପ୍ରତିଶୋଧ ନେବାକୁ ମନ କରିଛି । ସେପଟେ ମାନିନୀ ମନେ ମନେ ଭଲ ପାଇ ବସିଛି ଏଜେକୁ ଓ ପ୍ରପୋଜ କରିବା ଦିନ ହିଁ ଏଜେ ମାନିନୀକୁ ବହୁତ ଅପମାନ ଦେଇଛି ଓ ଘରୁ ଚାଲିଯିବା ପାଇଁ କହିଛି ଏପରିକି ତିନି ବୋହୂ ଅମ୍ବିକା, ଲକ୍ଷ୍ମୀ ଓ ସରସ୍ୱତୀ ମିଶି ମାନିନୀକୁ ହଇରାଣ କରିଛନ୍ତି । ମାନିନୀ ମଧ ନିଜକୁ ଦୋଷୀ ଭାବି ସେଠାରୁ ପଳେଇଛି ହେଲେ କାହାଣୀରେ ପୁଣି ଆସିଛି ଆଉ ଏକ ଅପ୍ରତ୍ୟାଶିତ ମୋଡ । ଘର ଛାଡିବା ପୂର୍ବରୁ ମାନିନୀ ଏଜେ ପାଇଁ ଲେଖିଥିବା ଚିଠିଟି ମିଳିଛି ଶାଶୁ ସୁହାସିନୀଙ୍କୁ ସେ ମାନିନୀକୁ ସତ ବୁଝାଇ ଘରକୁ ଫେରାଇ ଆଣିଛନ୍ତି ହେଲେ ଏଥର ଫେରିଥିବା ମାନିନୀ ପରିବର୍ତ୍ତନ ହୋଇଛି ମାନିନୀ ୨.୦ ରେ ଯିଏ ନିଜେ ନ କାନ୍ଦି ଅନ୍ୟକୁ କନ୍ଦେଇବା ଶିଖିଛି ଓ ନିଜ ସ୍ୱାମୀକୁ ଫେରି ପାଇବା ପାଇଁ ସବୁ କିଛି କରିବାକୁ ଚେଷ୍ଟା କରୁଛି । ତେବେ କଣ ହେବ ଆଗକୁ ମାନିନୀ କଣ ପ୍ରତିଶୋଧ ନେଇପାରିବ ? ପୁଣି ନିଜ ସ୍ୱାମୀ ଏଜେକୁ ଫେରି ପାଇବ ? କଣ ହେବ କାହାଣୀରେ ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସିଛି 'ତୁ ଖରା ମୁଁ ଛାଇ' ।ଜୀ-ସାର୍ଥକର ସଦା ସର୍ବଦା ଓଡ଼ିଶାର ମହିଳାମାନଙ୍କ ଆତ୍ମବିଶ୍ୱାସ ବଢାଇବା ସହିତ ଓଡିଆ ଘରର କାହାଣୀକୁ ନେଇ ରାଜ୍ୟର ଦର୍ଶକଙ୍କ ମନୋରଞ୍ଜନ କରିଆସିଛି ଯେଉଁଥିପାଇଁ ଆପଣ ମାନେ ଏହି ଚ୍ୟାନେଲ କୁ ସବୁବେଳେ ଏକ ନମ୍ବର ଚ୍ୟାନେଲ କରି ରଖିଛନ୍ତି । ଆଗକୁ ମଧ ଏହି ମେଗା ଧାରାବାହିକରେ ଆହୁରି ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ବ୍ୟକ୍ତ କରିଛନ୍ତି ।

Tel: 06767-240050
e-mail : champuanac@gmail.com

OFFICE OF THE NOTIFIED AREA COUNCIL, CHAMPUA
DIST.- KEONJHAR- 758041

QUOTATION CALL NOTICE

No.- 4364 // Date- 15.12.2023

Sealed quotations are invited from the intending registered firms/ authorized dealers/ distributors/ supplier's and manufacturer's for Supply & Installation of sanitation materials and etc. to Champua NAC office. The prescribed quotation schedule can be obtained from the office of the Champua NAC on payment of Rs.2,000/- (Rupees two thousand) only including GST (Non-refundable) in shape of cash / bank draft / bankers cheque drawn in favour of the Executive Officer, Champua N.A.C. payable at Champua from any nationalized bank from date.- 18.12.2023 to date- 26.12.2023 up to 11.30 A.M. during office hour except holidays.

The quotation paper along with all documents should reach the undersigned by Regd. Post /Speed Post/Courier Service or by person on or before date- 27.1.2023 up to 01.30 P.M. and the quotation will be opened on the same date- 27.12.2023 at 3.00 P.M. in presence of the quotationer or their authorized representative if any. The undersigned will be no responsible for any delay in receipt of the quotation paper. The quotation received beyond the schedule date and time will not be considered at all. All terms and conditions may be seen in the quotation schedules.

The undersigned has the rights to accept, cancel or reject any or all the quotations without assigning any reason thereof.

OIPR: 13157/11/0019/2324

Sd/-
Executive Officer,
N.A.C., Champua

# ଯୋଡା ମହିଳା ମହାବିଦ୍ୟାଳୟର ରକ୍ତଦାନ ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ

ବଲାଣି, ୧୬/୧୨ (ନି.ପ୍ର): ଯୋଡା ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷା ଡଃ ମୃଦୁଳା ମହାନ୍ତି ଉଦଘାଟନ କରିବା ସହିତ ଏହି ରକ୍ତଦାନ ଶିବିରକୁ ତଦାରଖ କରିଥିଲେ । ଭୁବନେଶ୍ୱରରୁ ଆସିଥିବା ଓଡିଶା ରାଜ୍ୟ ନୂଆ-ଓ ସଂଯୋଜକ ରାଜେଶ ସାହୁ, କେନ୍ଦୁଝର ଜିଲା ନୂଆ-ଓ ସଂଯୋଜକ ଡଃ ଦାମୋଦର ସାହୁ ଓ ଯୋଡାର ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଏହି ଶିବିରକୁ ପରିଦର୍ଶନ କରିବା ସହିତ କଲେଜରେ ନୂଆ-ଓ କାର୍ଯ୍ୟକ୍ରମର ତଦାରଖ କରିଥିଲେ ଓ କଲେଜ ପରିସରରେ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ନୂଆ ଓ ସମ୍ବନ୍ଧରେ ବିଶଦ ଭାବରେ ବୁଝାଇଥିଲେ। ଏହି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଯୁକ୍ତ ୨ ଓ ଯୁକ୍ତ ୩ ନୂଆ-ଓ ସଂଯୋଜକ ଅଧ୍ୟାପକ କିଷାନ କୁମାର ନାଏକ ଓ ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି । କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ , ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ର ସ୍ୱେଚ୍ଛାସେବୀ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ଦୁଇ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ଶୁଚିସ୍ମିତା ସିଂ ଓ ଅଧ୍ୟାପିକା ସୁମନପ୍ରଭା ତିର୍କୀ ଏବଂ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ଯୁବ ରେଡ କ୍ରସ ଓ ରେଡ୍ ରିବନ କ୍ଲବ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ଓ ଅଧ୍ୟାପକ ପବିତ୍ର ମୋହନ କର ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଓଡିଶାରେ କାଶ୍ମୀର...

କହି ୨୦୧୮ରୁ ଓଡ଼ିଶାରେ ରହୁଥିଲା ବୁଖାରୀ। କେତେବେଳେ ପିଏମଓ ଅଧିକାରୀ ଓ ଏନଆଇଏ ଅଧିକାରୀଙ୍କ ନିକଟତମ ବି କହୁଥିଲା ।୬/୭ ବିବାହ କରିଥିବା ସୂଚନା ମିଳିଛି, ଅଧିକ ବି କରି ଥାଇପାରେ। ସନ୍ଦିଗ୍ଧ ଯୁବକ ନିକଟରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଜାଲ୍ ଡକ୍ୟୁମେଂଟ ଜବତ ହୋଇଛି। ଜବତ ଡକ୍ୟୁମେଂଟ ମଧ୍ୟରେ ବିଦେଶୀ ମେଡିକାଲ ଡିଗ୍ରୀ ସାର୍ଟିଫିକେଟ୍, କିଛି ସାଧା କାଗଜରେ ଦସ୍ତଖତ ଥିବା ଡକ୍ୟୁମେଂଟ, ଆଫିଡେଭିଟ୍, ପରିଚୟ ପତ୍ର ଓ ବଣ୍ଡ ରହିଛି। ଇଶାନ ବୁଖାରୀ କଶ୍ମୀର ବାସିନ୍ଦା ହୋଇଥିବା ବେଳେ ସେଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିଲେ। ଏହାପରେ ଗିରଫଦାରୀ ଭୟରେ ସେଠାରୁ ଫେରାର ହୋଇ ସେ ଗତ ୫ ବର୍ଷ ହେବ ଓଡ଼ିଶାରେ ରହୁଥିଲେ। ବୋଲି ବରିଷ୍ଠ କ୍ରାଇମବ୍ରାଂଚ ଆଇଜି ସୂଚନା ଦେଇଛନ୍ତି। ଏଥିସହ ଇଶାନ ବୁଖାରୀ କେରଳର କିଛି ସନ୍ଦୀଗ୍ଧ ଓ ପାକିସ୍ତାନୀଙ୍କ ସହ ବି ଯୋଗାଯୋଗରେ ଥିଲା। ତା' ବିରୋଧରେ ଅଧିକ ତଥ୍ୟ, ପ୍ରମାଣ ଯୋଗାଡ଼ କରିବାକୁ କଶ୍ମୀର ଓ ପଞ୍ଜାବ ପୁଲିସ୍ ସହ ଜାତୀୟ ଗୁଇନ୍ଦା ସଂସ୍ଥା ସହ ଯୋଗାଯୋଗରେ ଥିବା ନେଇ ମଧ କ୍ରାଇମବ୍ରାଂଚ ଆଇଜି ସୂଚନା ଦେଇଛନ୍ତି।

## ରାଜ୍ୟରେ ବଢୁଛି ....

ସମ୍ବଲପୁରର ଚିପିଲିମା ୧୦ ଡିଗ୍ରୀ, ଅନୁଗୋଳ ୧୦ ଡିଗ୍ରୀ, କେନ୍ଦୁଝର ୧୦ ଡିଗ୍ରୀ, ସୁନ୍ଦରଗଡ଼ ୧୦ ଡିଗ୍ରୀ, କନ୍ଧମାଳର ଦାରିଙ୍ଗିବାଡ଼ି ୧୦ ଡିଗ୍ରୀ ଓ ଝାରସୁଗୁଡ଼ା ୧୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଚଳିତ ସିଜିନରେ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ଓ କଟକର ତାପମାତ୍ରା ୧୩ ଡ଼ିଗ୍ରୀ ଛୁଇଁଛି । ଭୁବନେଶ୍ୱରରେ ୧୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ କଟକର ରାତି ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ କରାଯାଇଛି।

## ୨୦୨୪ ପାଇଁ ଭୁବନେଶ୍ୱର...

ଏଣୁ ଶ୍ରୀମୟୀ ମିଶ୍ରଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ସେ ସମସ୍ତଙ୍କୁ ଯୋଡ଼ହସ୍ତରେ ଅନୁରୋଧ କରିଥିଲେ। ଏହି ଅବସରରେ ସେ ଭୁବନେଶ୍ୱରର ବର୍ତ୍ତମାନର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନାଁ ନନେଇ ତାଙ୍କୁ ସମାଲୋଚନା କରିଥିଲେ। ଶ୍ରୀ ପଣ୍ଡା କହିଥିଲେ ଯେ ଗଲା ୫ ବର୍ଷ ହେଲାଣି ସବୁ ଖାଲି ରିପୋର୍ଟ କାର୍ଡରେ ରହିଗଲା। ସେ କାର୍ଡ କଳା କି ଧଳା କି ହଳଦିଆ, ତାହା ବି ଜଣାପଡ଼ିଲାନି। ବିଜେଡିର ଏହି ଜନସଂପର୍କ ପଦଯାତ୍ରା ବେଳେ ଶ୍ରୀମୟୀ ମିଶ୍ର ଉପସ୍ଥିତ ଥିଲେ। ସେହିଭଳି ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଏହି ଖବର ଗଣମାଧ୍ୟମରେ ଆସିବା ପରେ ଶ୍ରୀ ପଣ୍ଡା ପ୍ରାର୍ଥୀ ଘୋଷଣା କଥାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମୁଁ ପ୍ରାର୍ଥୀ କଥା କହିନି। କିଏ ପ୍ରାର୍ଥୀ ହେବେ, ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀମୟୀ ଆମ ସହ ବୁଲୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା ପାଇଁ ତାଙ୍କୁ ଜୟଯୁକ୍ତ କରିବାକୁ ଲୋକଙ୍କୁ କହିଥିଲି। ମୁଁ କେଉଁଠି ପ୍ରାର୍ଥୀ କଥା କହିନାହିଁ। କଥାକୁ କଦର୍ଥ କରାଯାଇଛି।

## ଅଶୋକଙ୍କ ଘୋଷଣାରେ...

ଦଳ ଥରେ ଭୁଲ୍ କରିଥିଲା, ଯାହା ଅବସ୍ଥା ହେଲା ସମସ୍ତେ ଜାଣିଛନ୍ତି। ପ୍ରସନ୍ନ ପାଟ୍ଟଶାଣୀଙ୍କ ମନ୍ତବ୍ୟରୁ ଜଣାପଡୁଛି ଯେ ସେ ୨୦୨୪ ସାଧାରଣ ନିର୍ବାଚନରେ ପୁଣି ଥରେ ବିଜେଡି ଟିକେଟ୍‌ରେ ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ୨୦୧୯ରେ ଟିକେଟ୍ ମିଳି ନଥିବାରୁ ତାଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ବି ସେ ପ୍ରକାଶ କରି ଦେଇଛନ୍ତି। ପ୍ରସନ୍ନ ପାଟ୍ଟଶାଣୀ ଲଗାତାର ୫ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୯୮, ୧୯୯୯, ୨୦୦୪, ୨୦୦୯ ଓ ୨୦୧୪ ରେ ଭୁବନେଶ୍ୱର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କ ବଦଳରେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକଙ୍କୁ ଟିକେଟ୍ ଦେଇଥିଲେ। ସେ ବିଜେପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଠାରୁ ହାରି ଯାଇଥିଲେ। ଭୁବନେଶ୍ୱର ଲୋକସଭା ଆସନ ଅନ୍ତର୍ଗତ ଜଟଣୀ, ଜୟଦେବ ଓ ବେଗୁନିଆରେ ଦଳୀୟ କାର୍ଯ୍ୟକ୍ରମରେ ଖୋଲାଖୋଲି ଭାବେ ଦଳ ପକ୍ଷରୁ ଶ୍ରୀମୟୀ ମିଶ୍ରଙ୍କୁ ସଂସଦୀୟ ଆସନର ପ୍ରାର୍ଥୀ ବୋଲି ଉପସ୍ଥାପନ କରାଯାଇ ସାରିଛି । ଦଳ ଶ୍ରୀମୟୀଙ୍କ ପାଇଁ ପଦଯାତ୍ରା ଓ କର୍ମୀ ସମ୍ମିଳନୀ ଆୟୋଜନ କରି ଅପରାଜିତାଙ୍କୁ କଡ଼ା ଟକ୍କର ଦେବାକୁ ରଣନୀତି ପ୍ରସ୍ତୁତ କରିଛି । ଗତ ୩ଦିନ ତଳେ ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀ ପଦଯାତ୍ରାବେଳେ ଶ୍ରୀମୟୀ ବିଜେଡିର ଲୋକସଭା ପ୍ରାର୍ଥୀ ଭାବେ ସ୍ଲୋଗାନ ପଡ଼ିଥିଲା । ଆଜି ଏକାମ୍ର ନିର୍ବାଚନମଣ୍ଡଳୀରେ ପଦଯାତ୍ରାବେଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା ଖୋଲାଖୋଲି ଭାବେ ଶ୍ରୀମୟୀଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳର ରଣନୀତି ସମ୍ପର୍କରେ ଘୋଷଣା କରିଥିଲେ ।

## ଗାନ୍ଧି ପରିବାରର ଏଟିଏମ...

ବେଶ୍ ନିକଟତର ଥିଲେ। ତେଣୁ ଏବେ ଆୟକର ବିଭାଗ ତଦନ୍ତ କରୁଛି, ସବୁ ସତ ପଦାକୁ ଆସିବ ବୋଲି ଦୋହରାଇଛନ୍ତି ଧର୍ମେନ୍ଦ୍ର। ସେ ଆହୁରି କହିଛନ୍ତି, ରେଡ୍ ?ର ସପ୍ତାହ ପରେ ଧୀରଜ ସାହୁଙ୍କ ମନ୍ତବ୍ୟ ଲୋକଙ୍କର ହଜମ ହେଉନି। ଅନେକ ରାଜ୍ୟର ଅବକାରୀ ନୀତିକୁ ଧୀରଜ ନିଜ ଇଚ୍ଛାରେ ଚଳାଉଥିଲେ। ବେଆଇନ ଭାବେ ଟଙ୍କା ଉପାର୍ଜନ କରିବା ତାଙ୍କର ବ୍ୟବସାୟ ପାଲଟିଥିଲା। ଧୀରଜ ଗାନ୍ଧି ପରିବାରର ଅତି ନିକତର ଥିଲେ। ସୂଚନାଯୋଗ୍ୟ, ଆୟକର ରେଡକୁ ନେଇ ଗତକାଲି ପ୍ରଥମ ଥର ପାଇଁ ପ୍ରତିକ୍ରିୟା ରଖିଥିଲେ ସାଂସଦ ଧୀରଜ ସାହୁ। ଜବତ ହୋଇଥିବା ଟଙ୍କା ସମ୍ପୂର୍ଣ୍ଣ ଭାବେ ମଦ ବିକ୍ରି ଟଙ୍କା। ସେଗୁଡ଼ିକ ତାଙ୍କ ପାରିବାରିକ ବ୍ୟବସାୟର ଟଙ୍କା ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ,ଯେଉଁ ନଗଦ ଟଙ୍କା ଜବତ ହୋଇଛି ମଦ ଫାର୍ମର ଟଙ୍କା । ମଦ ବିକ୍ରି ସହ ଜଡ଼ିତ ଥିବା ଏହି ଟଙ୍କା କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୀତିକ ଦଳର ନୁହେଁ । ମିଳିଥିବା ଟଙ୍କା ମୋ' ନିଜର ନୁହେଁ । ଏହା ଆମ ପରିବାରର ଓ ଅନ୍ୟ ସମ୍ବର୍ଦ୍ଧିତ ଫାର୍ମର। ପ୍ରତ୍ୟେକ ଟଙ୍କାର ହିସାବ ଦିଆଯିବ। ଅନ୍ୟପକ୍ଷରେ ଧର୍ମେନ୍ଦ୍ରଙ୍କ ଅଭିଯୋଗ ନେଇ ଧୀରଜ କିମ୍ବା କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନି।

## ଓଡ଼ିଶାର ମଦଭାଟିରୁ ଜବତ ...

ବୋଲି ସେ ସ୍ୱୀକାର କରୁଛନ୍ତି । ଯେଉଁ ନଗଦ ଟଙ୍କା ଜବତ ହୋଇଛି ତାହା ତାଙ୍କ ମଦ ଫାର୍ମର ଟଙ୍କା । ମଦ ବିକ୍ରି ସହ ଜଡ଼ିତ ଥିବା ଏହି ଟଙ୍କା କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୀତିକ ଦଳର ନୁହେଁ । ମିଳିଥିବା ଟଙ୍କା ମୋ' ନିଜର ନୁହେଁ । ଏହା ଆମ ପରିବାରର ଓ ଅନ୍ୟ ସମ୍ବର୍ଦ୍ଧିତ ଫାର୍ମର ବୋଲି ସେ କହିଛନ୍ତି । ଏବେ ଆୟକର ବିଭାଗ ଚଢ଼ଉ କରିଛି । ପ୍ରତ୍ୟେକ ଟଙ୍କାର ହିସାବ ଦିଆଯିବ । ସେ ନିଜ ଭାଇଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଆମେମାନେ ବହୁତ ବିକାଶମୂଳକ କାର୍ଯ୍ୟ କରିଛୁ । ରାଂଚି, ଲୋହରଦଙ୍ଗା ଅବା ଓଡ଼ିଶା ସବୁଠି ଆମ ପରିବାର ବହୁତ କିଛି କାର୍ଯ୍ୟ କରିଛି । ଆମ ପିତା ସ୍ୱର୍ଗତ ରାୟସାହବ ବଳଦେବ ସାହୁ ମଧ ସମାଜ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ସ୍କୁଲ-କଲେଜ ଖୋଲିଛନ୍ତି । ଏବେ ଆମ ସହ ଯାହା ହୋଇଛି ତାହା ଆମ ସମସ୍ତଙ୍କୁ ଖରାପ ଲାଗୁଛି । ତେବେ ଏତିକି ଜୋର ଦେଇ କହିପାରିବି ଯେ, ଯେତିକି ଟଙ୍କା ଆୟକର ବିଭାଗ ଜବତ କରିଛି ସେସମସ୍ତ ଟଙ୍କା ତାଙ୍କ ଫାର୍ମର । ମଦ ବ୍ୟବସାୟରେ ଆମ ପରିବାର ୧୦୦ବର୍ଷରୁ ଅଧିକ ଦିନ ଧରି ରହିଛି । ସମସ୍ତ ସୂଚନା ଆୟକର ବିଭାଗକୁ ଦିଆଯିବ । ସୂଚନାଯୋଗ୍ୟ, ସାହୁ ବ୍ରଦର୍ସ ପରିବାରର ମାଲିକାନାରେ ଥିବା ବୌଦ୍ଧ ଡିଷ୍ଟ୍ରିଲେରୀ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ସହ ଜଡ଼ିତ ୭ଟି ସ୍ଥାନରେ ଆୟକର ବିଭାଗ ଚଢ଼ଉ ହୋଇଥିଲା । ଡିସେମ୍ବର ୬ରୁ ଆରମ୍ଭ ହୋଇଥିବା ଏହି ଚଢ଼ଉ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ପ୍ରାୟ ୩୦-୩୪ଟି ସ୍ଥାନରେ ଅନେକ ସ୍ଥାନରେ ହୋଇଛି । ବହୁ ପରିମାଣର ଆୟବର୍ହିଭୁତ ସମ୍ପତ୍ତି ମିଳିଛି । କର୍ମଚାରୀ ଓ ସାକ୍ଷୀଙ୍କ ବୟାନ ରେକର୍ଡ ଓ ସ୍ୱୀକାରୋକ୍ତି ସହ ଏହି ଚଢ଼ଉ ଖୁବଶୀଘ୍ର ଶେଷ ହୋଇଛି । ମୋଟ ୩୫୧କୋଟି ଟଙ୍କା ସହ ୩କିଲୋ ଓଜନର ସୁନା ଅଳଙ୍କାର ମଧ ଜବତ ହୋଇଥିବା ସୂଚନା ମିଳିଛି । ଏହି ଜବତ ଟଙ୍କା ଭିତରୁ ବଲାଙ୍ଗିରର ସୁଦୁପଡ଼ାଠାରେ ଥିବା ମଦ ଭାଟିରୁ ପ୍ରାୟ ୯୦ ପ୍ରତିଶତ ଟଙ୍କା ଜବତ ହୋଇଛି ।

## ଜଗାର ସ୍ୱାସ୍ଥ୍ୟ ପରୀକ୍ଷା...

ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଜଗା ସହିତ ଦୀର୍ଘ ସମୟ ଧରି କଥା ହୋଇଥିଲେ। ତା'ପରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଗା ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ତାକୁ ସ୍କୁଲ ପଠାଇବା ପାଇଁ ଉଡଗଡଙ୍କୁ ପ୍ରଫେସର ଗୁପ୍ତା ପରାମର୍ଶ ଦେଇଥିଲେ। ଏହା ସହିତ ସମୟ ଆସିଲେ ଦ୍ୱିତୀୟ ଫେଜ୍ ଅପରେଶନ୍ କରିବାକୁ କୁହାଯାଇଥିବା ଜଗାର ବାପା କହିଛନ୍ତି।

## ୭ ଦିନିଆ ରିମାଣ୍ଡରେ ...

ଏହାପରେ ଆଜି ତାକୁ ଗିରଫ କରାଯାଇଛି। ପୁଲିସ ମହେଶର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଡି-କୋଡ୍ କରିଛି। ଏଥିରୁ ବଡ଼ ଖୁଲାସା ହୋଇଛି। ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଜରିଆରେ ଯୁବକମାନଙ୍କୁ ଉସ୍‌କାଉଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋକୁ ବ୍ୟବହାର କରି ସରକାରୀ ବିରୋଧୀ ଭିଡିଓ ଜରିଆରେ ସେ ଯୁବକଙ୍କ ବ୍ରେନ୍ ୱାସ୍ କରୁଥିଲା ବୋଲି ପୁଲିସ କହିଛି। ପୁଲିସ ସୂଚନା ମୁତାବକ, ମହେଶ ହେଉଛି ରାଜସ୍ଥାନ ନାଗୌରର ବାସିନ୍ଦା। ସେ ଡିସେମ୍ବର ୧୩ ତାରିଖରେ ଦିଲ୍ଲୀ ଆସିଥିଲା। ଘଟଣା ପରେ ଲଳିତ ଝା'କୁ ଫେରାର ହେବା ପାଇଁ ମହେଶ ସହାୟତା କରିଥିଲା। କେବଳ ସେତିକି ନୁହେଁ ଯେଉଁ ମୋବାଇଲରେ ସମସ୍ତ ତଥ୍ୟ ରହିଛି ସେହି ମୋବାଇଲକୁ ଜାଳିବାରେ ମଧ ମହେଶର ହାତ ଥିବା ପୁଲିସ କହିଛି।

ରବିବାର, ଡିସେମ୍ବର ୧୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲା ସ୍ତରୀୟ ବ୍ୟାଙ୍କର୍ସ ଓ ସରକାରୀ ଯୋଜନା ସମୀକ୍ଷା ଓ ପରାମର୍ଶ କମିଟି ବୈଠକ

ଭଦ୍ରକ, ୧୬/୧୨ (ନି.ପ୍ର): ବିଭିନ୍ନ ବ୍ୟାଙ୍କ ଜରିଆରେ ବିଭିନ୍ନ ଯୋଜନାରେ ଋଣ ସବ୍‌ସିଡି ଆଦି ପ୍ରଦାନ ନେଇ ସଂପୃକ୍ତ ସରକାରୀ ବିଭାଗ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ବ୍ୟାଙ୍କର୍ସ ଓ ସରକାରୀ ଅଧିକାରୀ ମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଓ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ବୈଠକର ଆବାହକ ଏଲ୍.ଡି.ଏମ୍. ନାଗେଶ୍ୱର ରାଓ, ସି.ଡି.ଓ. ସରୋଜ କୁମାର ଦତ୍ତ, ଏ.ଡି.ଓ. ଆର.ବି.ଆଇ., ଡି.ଡି.ଏମ୍. ନାବାର୍ଡ ଯୋଗଦେଇଥିଲେ। ମିଶନ୍ ଶକ୍ତି ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ବିଶେଷ କରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଏସ୍.ବି.ଆଇ. ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କର ପୁନଃ ନବୀକରଣ କାର୍ଯ୍ୟ ୧୫ ଫେବୃୟାରୀ ୨୦୨୪ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ପାଇଁ ଏଲ୍.ଡି.ଏମ୍. ଶ୍ରୀଯୁକ୍ତ ରାଓ ସମସ୍ତ ବ୍ୟାଙ୍କର ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ପରବର୍ତ୍ତୀ ୧୫ ଦିନ ମଧ୍ୟରେ ପ୍ରତି ବ୍ୟାଙ୍କକୁ ଅତି କମ୍‌ରେ ୧୦ଟି ଲେଖାଏଁ ପି.ଏମ୍.ଇ.ଜି.ପି. ଦରଖାସ୍ତ ପ୍ରଦାନ କରିବାକୁ ଜିଲ୍ଲାପାଳ କହିଥିଲେ। ମିଶନ ଶକ୍ତି ସ୍କୁଟର ଯୋଜନାରେ ୟୁକୋ, ଓ.ଜି.ବି. ଏବଂ ପି.ଏନ୍.ବି. ଆଦି ବ୍ୟାଙ୍କ ଦ୍ୱାରା ଅର୍ଥ ମଞ୍ଜୁର ପରିମାଣକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ ଏବଂ ବାକିଥିବା ସମସ୍ତ ଦରଖାସ୍ତକୁ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ। ମାସ ଶେଷ ସୁଦ୍ଧା ମୋ ଘର ପ୍ରସ୍ତାବ ଅତି କମ୍‌ରେ ପ୍ରତି ବ୍ୟାଙ୍କ ୨୦ଟି ଲେଖାଏଁ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀମତୀ ମଣ୍ଡଳ ପୁରୁଣାବଜାରରେ କାନାରା ବ୍ୟାଙ୍କ ଦ୍ୱାରା, ତିହିଡ଼ିର କୋହ୍ଲ ବଜାରରେ ପି.ଏନ୍.ବି. ଦ୍ୱାରା ଯଥା ଶୀଘ୍ର ଶାଖା ଖୋଲିବା ଉପରେ ଆଲୋକପାତ କରିଥିଲେ। ଏକ୍ସିସ୍ ବ୍ୟାଙ୍କ ଦ୍ୱାରା ନୂଆ ଶାଖା ଖୋଲିବା ପାଇଁ ଜିଲ୍ଲାପାଳ କହିଥିଲେ। ବୈଠକରେ ଶିଳ୍ପ, କୃଷି, ମିଶନ ଶକ୍ତି, ମତ୍ସ୍ୟ, ପ୍ରାଣୀ ସମ୍ପଦ ପ୍ରଭୃତି ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ସମସ୍ତ ବ୍ୟାଙ୍କର ଜିଲ୍ଲା ସ୍ତରୀୟ ସଂଯୋଜକ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ

### ଲମ୍ଫଡିଆଁ ଓ ଉଚ୍ଚଡିଆଁରେ ପାରଦର୍ଶିତା ଦେଖାଇଲେ ଛାତ୍ରଛାତ୍ରୀ



ଖଇରା, ୧୬/୧୨ (ନି.ପ୍ର): ବାଲେଶ୍ୱର ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଶନିବାର ଲମ୍ଫଡିଆଁ, ଉଚ୍ଚଡିଆ ସାଙ୍ଗକୁ କ୍ୟାରାମ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ମାନେ ନିଜର ପାରଦର୍ଶିତା ଦେଖାଇଛନ୍ତି।ସେହିଭଳି ଶୁକ୍ରବାର ଦିନ ଛାତ୍ର ମାନଙ୍କ ମଧ୍ୟରେ କ୍ରିକେଟ ଓ ଛାତ୍ରୀ ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ କବାଡି ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୋଡାଲ ଅଫିସର ନିରଞ୍ଜନ ନାୟକ, ଅଧ୍ୟାପକ ଉମାକାନ୍ତ ନାୟକ, ଯାଜ୍ଞବଲ୍କ୍ୟ ପଣ୍ଡା, ରବିନ୍ଦ୍ର ପତ୍ରୀ ଓ ପ୍ରଶାନ୍ତ କୁମାର ତ୍ରିପାଠୀ, କର୍ମଚାରୀ ଦୁଷ୍ମନ୍ତ କୁମାର ଲେଙ୍କା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ୮୦ପ୍ରତିଶତରୁ ଉର୍ଦ୍ଧ ପିଲା ଅଂଶ ଗ୍ରହଣ କରିଥିବା ବେଳେ ସରକାର ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଯୁବକ ଓ ଛାତ୍ରଙ୍କ ପାଇଁ ଏକ ସଫଳ ଏବଂ ସୁଦୁରପ୍ରସାରୀ ଯୋଜନା ବୋଲି ଅଧ୍ୟକ୍ଷ ଶ୍ରୀଧର ପଣ୍ଡାଙ୍କ ସମେତ ଅଧ୍ୟାପନା ମଣ୍ଡଳୀ ପ୍ରକାଶ କରିଛନ୍ତି ।

## ହୀରାପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ପାଳିତ




ବସ୍ତା , ୧୬/୧୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ନୀଳିମା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ର ଛାତ୍ରୀ ବିଦ୍ୟାଳୟର ଅତୀତ ଓ ବର୍ତ୍ତମାନ ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ଭାବେ କାର୍ଯ୍ୟ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା, ମହାପାତ୍ର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସମ୍ପାଦକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ନୀଳମଣି ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସମ୍ପାଦକ ବାଞ୍ଛାନିଧି ଦେ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ଛାତ୍ରୀ ମାନେ ଅଧିକ ସଂଖ୍ୟାରେ ବିଦ୍ୟାଳୟ ବିକାଶ କାର୍ଯ୍ୟକ୍ରମରେ ଯୋଗଦାନ କରିବା ଏକାନ୍ତ ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଧୁସ୍ମିତା ନାୟକ, ଶ୍ୱେତପଦ୍ମା ଶୁକ୍ଳା, ସୋମନାଥ ପାତ୍ର, କାହ୍ନୁ ଚରଣ ସ୍ୱାଇଁ, ଅପାଳି ଅପରାଜିତା ଡଗର, ଯାଜ୍ଞସେନୀ ରାଉତ, ଜଗଦୀଶ ବ୍ରହ୍ମଚାରୀ, ସଞ୍ଜୟ ପୋଥାଳ, ସସ୍ମିତା ମହାନ୍ତି ଓ ମୁସାରତ ଯାହାଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ପରିଚାଳନା କରିଥିଲେ। ପ୍ରତ୍ୟୁଷା ସିଂହ, ଲକ୍ଷ୍ମୀପ୍ରିୟା ସାହୁ, ସ୍ୱସ୍ତିକା ଧଳ ଓ ତନିଶା ପ୍ରୀତି ପଣ୍ଡା ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ କୁନି ଛାତ୍ରୀ ଅନିତା ଦାସ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଅତିଥିମାନେ ବିଭିନ୍ନ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ହରେକୃଷ୍ଣ ସାହୁ, ଜ୍ୟୋତିରଞ୍ଜନ ବର, ଅଶୋକ ମଦ୍ଦୁଆଳ, ଯଜ୍ଞେଶ୍ୱର ଗିରି, ନରେନ୍ଦ୍ର ପଣ୍ଡା, ବିଶ୍ୱନାଥ ପ୍ରଧାନ ଓ ମୋନାଲିସା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଭିକାରୀ ଚରଣ ମିଶ୍ରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପିପିଏଲକୁ ସମ୍ମାନଜନକ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର




ପାରାଦୀପ, ୧୬/୧୨ (ନି.ପ୍ର): ବିଶ୍ୱର ସର୍ବ ବୃହତ୍ତ ସମବାୟ ଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ପାରାଦ୍ୱୀପ ଫସଫେଟ ଲିଃକୁ ମର୍ଯ୍ୟାଦା ଜନକ ଜାତୀୟ ଶକ୍ତି ସଂରକ୍ଷଣ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି । ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପିପିଏଲ କୁ ଏହି ମର୍ଯ୍ୟାଦା ଜନକ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ଅନୀଲ ପଟ୍ଟନାୟକ, ଡିଜିଏମ୍ (କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ) ଏବଂ ହେଡ୍-କର୍ପୋରେଟ୍ ବ୍ୟାପାର ଶ୍ରୀ ସୁଧୀ ରଂଜନ ମିଶ୍ର ଗତ ଡିସେମ୍ବର ୧୪ ତାରିଖରେ ନୂଆ ଦିଲ୍ଲୀ ର ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶକ୍ତି ଓ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ଆର. କେ. ସିଂହଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ କ୍ରିଷନ ପାଲ, ଶକ୍ତି ବିଭାଗର ଆଇଏଏସ ସଚିବ ଶ୍ରୀ ପଙ୍କଜ ଅଗ୍ରୱାଲ ଏବଂ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସି ମହାନିର୍ଦ୍ଦେଶକ ଶ୍ରୀ ଅଭୟ ବାକରେ ପ୍ରମୁଖ ଉପସ୍ଥିତ ଥିଲେ। ପିପିଏଲ ଶକ୍ତି ସଂରକ୍ଷଣ ସହିତ ପରିବେଶ ର ସୁରକ୍ଷା, ପାରିପାର୍ଶ୍ୱିକ ଉନ୍ନୟନ କୁ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଏହି ପୁରସ୍କାର ପିପିଏଲକୁ ଔଦ୍ୟୋଗିକ ସୁରକ୍ଷା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ।

## ମାୟାନିଦ୍ରା ଫାଉଣ୍ଡେସନ ପକ୍ଷରୁ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ

ଭଦ୍ରକ, ୧୬/୧୨ (ନି.ପ୍ର): ଗେଲଟୁଆ ପଂଚାୟତର ବଗମରା ଗ୍ରାମରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଗୌରୀବାଳା ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ପରିବାରରେ ସମସ୍ତ ସଦସ୍ୟଙ୍କର ସ୍ୱାସ୍ଥ୍ୟରକ୍ଷା, ମହିଳାମାନଙ୍କ ଉପରେ ନିର୍ଭର କରେ ଓ ଗର୍ଭଧାରଣ ଠାରୁ ଆରମ୍ଭ କରି ଶିଶୁଜନ୍ମ ହେବା ପର୍ଯ୍ୟନ୍ତ କେଉଁ କେଉଁ ଦିଗପ୍ରତି ସଚେତନ ହେବା ଉଚିତ୍ ଏ ବିଷୟରେ ଫାଉଣ୍ଡେସନର ମୁଖ୍ୟ ଡାକ୍ତର ଶ୍ରୀକାନ୍ତ ବାରିକ ନିଜର ମତବ୍ୟକ୍ତ କରିଥିଲେ। ପରିବାରର ସମସ୍ତ ସଦସ୍ୟଙ୍କ ନିରୋଗ ଜୀବନ ମହିଳାମାନଙ୍କ ଉପରେ ନିର୍ଭର କରେ। ତେଣୁ ମହିଳାମାନେ ରୋଷେଇ କରିବା ଠାରୁ ଖାଦ୍ୟ ପରିବେଷଣ ପର୍ଯ୍ୟନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ସମ୍ମାନିତ ବକ୍ତା ସମାଜସେବୀ ତପସ୍ୱିନୀ ବାରିକ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ। ସରକାରଙ୍କ ମାଧ୍ୟମରେ ଗର୍ଭବତୀ ମହିଳାମାନଙ୍କ ସମ୍ବନ୍ଧରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଥିଲେ ମଧ ସମାଜସେବା ଅନୁଷ୍ଠାନ ତରଫରୁ ଏ ବାବଦରେ ମହିଳାମାନଙ୍କୁ ସଚେତନ କରି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀମତୀ ପଣ୍ଡା ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଭାବେ ଫେଲୋସିପ୍‌ର ସସ୍ମିତା ପ୍ରିୟଦର୍ଶିନୀ ନବଜାତ ଶିଶୁମାନଙ୍କୁ ପୁଷ୍ଟିହୀନତା ରକ୍ଷା କରିବା ପାଇଁ ମା' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ସଶକ୍ତିକରଣ କରିବାକୁ ଗଲେ ସର୍ବପ୍ରଥମେ ସ୍ୱାସ୍ଥ୍ୟଗତ ସଚେତନତାର ଆବଶ୍ୟକତା ରହିଛି ବୋଲି ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ପ୍ରାକ୍ତନ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡାକ୍ତର ସୁଦର୍ଶନ ବାରିକ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମାଜସେବୀ ନିର୍ମଳା ବାରିକ, କାଳନ୍ଦୀ ହୁଜିତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାଶୀନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତାପ ଶାସନ ଡିଗ୍ରୀ କଲେଜ ତରଫରୁ ଯମରାଜ ବାଣ୍ଟିଲେ ଗୋଲାପ ଫୁଲ ଓ ଚକୋଲେଟ




ବାଲକାଟୀ , ୧୬/୧୨ (ନି.ପ୍ର): ପ୍ରତାପ ଶାସନ ଡିଗ୍ରୀ କଲେଜ ବାଲକାଟୀ ତରଫରୁ ଆଜି ଏକ ନିଆରା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନେ ଭୁବନେଶ୍ୱର ନିମାପଡ଼ା ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇ ହେଲମେଟ ପିନ୍ଧିନଥିବା, ସିଟ ବେଲ୍ଟ ବାନ୍ଧି ନଥିବା, ମୋବାଇଲ ଧରି ଗାଡି ଚଳାଉଥିବା, ଦୃତଗତିରେ ଗାଡି ଚଳାଉଥିବା ଆଦି ଯାତ୍ରୀଙ୍କୁ ସଚେତନ କରିଥିଲେ । ଜଣେ ଛାତ୍ର ଜମରାଜ ବେଶରେ ଟ୍ରାଫିକ ନିୟମ ଭଙ୍ଗକାରୀଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସଚେତନ କରିଥିଲେ । ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'ଆମ ଓଡିଶା ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମଥନୂଆ-ଓଧ'ର ସାମାଜିକ ବିଭାଗ ତରଫରୁ ଏହି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜର ଶହଶହ ଛାତ୍ରଛାତ୍ରୀ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇ ଯାତ୍ରୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ କଲେଜ ସଭାପତି ଡଃ ରଜନୀ ରଞ୍ଜନ ଦାଶ ଉଦଘାଟନ କରିଥିବା ବେଳେ ସମିତି ସଭ୍ୟ ଗଙ୍ଗାଧର ମହାରି ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗତକାଲି କଲେଜ ଛାତ୍ରଛାତ୍ରୀମାନେ ବାଲକାଟୀ ମୁଖ୍ୟ ମେଡିକାଲ ଓ ବଜାର ସଫେଇ କରିଥିଲେ । ଏଥିସହିତ ଆଜି ସଂସ୍କୃତିକ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା।

## ମକର ମିଳନ ପାଇଁ ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର, ୧୬/୧୨ (ନି.ପ୍ର): ସିଂଲା ବଂଶୀଧର ପାଠାଗାର ପକ୍ଷରୁ ଆସନ୍ତା ଜାନୁୟାରୀ ମାସ ୧୫ ତାରିଖ ଦିନ ମକର ମିଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବ।ଏଥିପାଇଁ ଶନିବାର ପାଠାଗାର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପାଇଁ ଆୟ ବ୍ୟୟ , ଅତିଥି ଚୟନ , ସମ୍ବର୍ଦ୍ଧନା , ବଂଶୀସ୍ୱନ ପ୍ରକାଶନ ନେଇ ଆଲୋଚନା ହୋଇଥିଲା।ଉତ୍ସବ ଦିବା ୧୦ ଟା ରେ ଆରମ୍ଭ ହୋଇ ୨ଟା ରେ ଶେଷ ହେବ।ପାଠାଗାର ମୁଖ୍ୟ ସାମ୍ବାଦିକ ବ୍ରଜ ମୋହନ ମିଶ୍ରଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ବୈଠକରେ ବିଜୟ କୁମାର ନନ୍ଦ ,ଡାକ୍ତର ପ୍ରଦୀପ କୁମାର ମିଶ୍ର, ଭାଗବତ ସାହୁ ,ରମେଶ ଚନ୍ଦ୍ର ନାୟକ ,ପଦ୍ମ ଲୋଚନ ପାତ୍ର, ରାମ ଚନ୍ଦ୍ର ରାଉତ ,ସୁଧାଂଶୁ ଶେଖର ବିଶ୍ୱାଳ,ଅଶୋକ କୁମାର ଦାସ, ଅଧ୍ୟାପକ ନିରଞ୍ଜନ ବେହେରା, ଡ଼ଃ ସୁକାନ୍ତ କୁମାର ଗିରି, ରଘୁନାଥ ରାଉଳ, ନିରଞ୍ଜନ ଶୁକ୍ଳ ,ରମେଶ ଚନ୍ଦ୍ର ପ୍ରଧାନ, କୃତ୍ତିବାସ ରାଉଳ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଡିସେମ୍ବର ୧୭ ରୁ ୨୪ ଐତିହାସିକ ଖୋର୍ଦ୍ଧା ମହୋତ୍ସବ




ଖୋର୍ଦ୍ଧା, ୧୬/୧୨ (ନି.ପ୍ର): ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ତଥା ଭାରତ ସ୍ୱାଧୀନତା ସଂଗ୍ରାମ ର ଏନ୍ତୁଡ଼ିଶାଳ ଖୋର୍ଦ୍ଧା ର ହାବେଳୀ ପଡିଆଠାରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଡିସେମ୍ବର ମାସ ୧୭ ରୁ ୨୪ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଭାରତ ବର୍ଷ ର ବିଭିନ୍ନ ରାଜ୍ୟ ଯଥା ଆସାମ ର ବିହୁ ନୃତ୍ୟ, ପଞ୍ଜାବ ର ଭାଙ୍ଗଡ଼ା ନୃତ୍ୟ, କେରଳ ର କଲରା ପାଇଟୁ, ମଣିପୁର ର ଥାଙ୍ଗଟା, ଓଡିଶୀ ତଥା ପାଇକ ଆଖଡ଼ା ଦଳ ମାନ ଅଂଶ ଗ୍ରହଣ କରି ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିବେ । ଏହି ମହୋତ୍ସବ ରେ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ, ବୟନ ଶିଳ୍ପ ଆଦିର ପ୍ରଦର୍ଶନୀ ମଣ୍ଡପ ମାନ ମଧ ସ୍ଥାନ ପାଇବ ବୋଲି ସ୍ଥାନୀୟ ମହୋତ୍ସବ ପଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ମହୋତ୍ସବ କମିଟି ର ସଭାପତି ତଥା ଖୋର୍ଦ୍ଧା ର ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଜଣାଇଛନ୍ତି । ଏଥିରେ ଦଳ ମତ ନିର୍ବିଶେଷରେ ପ୍ରତେକ ଦଳ ର ରାଜନେତା, ସମାଜସେବୀ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ, ଗଣ ମାଧ୍ୟମ ର ପ୍ରତିନିଧି, ଐତିହାସିକ, ସାହିତ୍ୟିକ, ଆଇନଜୀବୀ ଆଦି ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ବିଭିନ୍ନ ଦିବସ ରେ ଅତିଥି ରୂପେ ଯୋଗଦାନ କରିବେ । ଏହି ମହୋତ୍ସବ କୁ ସଫଳ କରିବା ପାଇଁ ସମସ୍ତ ଜନସାଧାରଣ ତଥା ପ୍ରତେକ ବର୍ଗ ର ବ୍ୟକ୍ତି ମାନଙ୍କୁ ମହୋତ୍ସବ ଆୟୋଜନ କମିଟି ତରଫରୁ ଅନୁରୋଧ କରାଯାଇଛି ।

## ଅଲ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ନୀଳଗିରି , ୧୬/୧୨ (ନି.ପ୍ର): ଆଇ ଡି ଏସ ଅଧିନସ୍ଥ ଅଲ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ନୀଳଗିରି ଡାକ ବଙ୍ଗଳା ପରିସରରେ ସଭାନେତ୍ରୀ ସୌଭାଗ୍ୟବତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଙ୍ଗନୱାଡ଼ି କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସଙ୍ଗଠନର ଉପଦେଷ୍ଟା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗଦାନ କରି କର୍ମଚାରୀ ମାନଙ୍କର ଦୁଃଖ ଦୁର୍ଦ୍ଦଶା ବିଷୟରେ ଆଲୋଚନା କରି ଏହାର ପ୍ରତିକାର ପାଇଁ ସମସ୍ତ କର୍ମୀ ସଂଘବଦ୍ଧ ଭାବରେ ଏକଜୁଟ ହୋଇ ଲଢ଼ିବା ପାଇଁ ପଡିବବୋଲି ଆହ୍ୱାନ ଦେଇଥିଲେ। ମିନି ଅଙ୍ଗନୱାଡ଼ି ଗୁଡ଼ିକୁ ଆଡିସନାଲ ସେଣ୍ଟର୍ କରିବା, ସମସ୍ତ ସେଣ୍ଟରରେ ହେଲ୍ପର ନିଯୁକ୍ତି, ଟିଏଡିଏ ତୁରନ୍ତ ପ୍ରଦାନ, ପ୍ରତି ତିନିମାସରେ ଗ୍ୟାସ ଟଙ୍କା ପ୍ରଦାନ, ବଜାର ଦରରେ ରନ୍ଧାଖାଦ୍ୟ ପ୍ରଦାନ କରିବା ଦାବୀ ନେଇ ଆସନ୍ତା ଜାନୁଆରୀ ୮ତାରିଖରେ ବିଶାଳ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳ ଓରାଜ୍ୟ ସରକାରଙ୍କୁ ଦାବୀପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ତିଳୋତ୍ତମା ବେହେରା, ରୀନାରାଣୀ ଜେନା, ପ୍ରାଚିପ୍ରଭା ଦାସ, ସରସ୍ୱତୀ ପାଣ୍ଡିଆ, ସଞ୍ଜୁ ମିରିଡ଼ିଆ, ସରସ୍ୱତୀ ମାଝୀ, ମମତାରାଣୀ ସିଂ, ପ୍ରତିମା ସିଂହ, ସତ୍ୟଭାମା ରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରାଷ୍ଟ୍ରପତି ଭବନରେ ଓମାନ ସୁଲତାନଙ୍କୁ ଔପଚାରିକ ସ୍ୱାଗତ

ନୂଆଦିଲ୍ଲୀ, ୧୬/୧୨ : ଶନିବାର ଦିନ ରାଷ୍ଟ୍ରପତି ଭବନରେ ଓମାନ ସୁଲତାନ ହୈଥମ ବିନ୍ ତାରିକଙ୍କୁ ଔପଚାରିକ ସ୍ୱାଗତ କରାଯାଇଛି । ଭାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଆୟୋଜିତ ସମାରୋହରେ ଓମାନ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣ କ୍ରମେ ସୁଲତାନ ହୈଥମ ବିନ ତାରିକ ଆଜି ଭାରତକୁ ରାଜକୀୟ ଗସ୍ତ କରିଛନ୍ତି । ତାଙ୍କ ସହ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ଆସିଛନ୍ତି । ଭାରତକୁ ଏହା ତାଙ୍କର ପ୍ରଥମ ରାଜକୀୟ ଯାତ୍ରା, ଯାହା ଭାରତ ଓ ଓମାନ ମଧ୍ୟରେ ରାଜନୈତିକ ସମ୍ପର୍କ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

## ବାରିପଦା ପୌରପାଳିକା ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରିପଦା , ୧୬/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ନୂଆ-ଓ କାର୍ଯ୍ୟକ୍ରମ କ୍ରୀଡା ଓ ସଂସ୍କୃତି ବିଭାଗ ତଥା ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ବାରିପଦା ପୌର ପାଳିକା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି. ଏହି ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୧୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ, ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, ଖୋଖୋ, କବାଡି ଆଦି ପ୍ରତିଯୋଗିତା ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ମଧୁବନ ଷ୍ଟାଡିୟମ ପଡିଆ, ଷ୍ଟେସନ ପଡିଆ, କଲେଜ ପଡିଆ ଠାରେ କ୍ରିକେଟ ପ୍ରତିଯୋଗିତା, ଏମ. କେ. ସି. ହାଇସ୍କୁଲ ପଡିଆରେ କବାଡି ପ୍ରତିଯୋଗିତା ଆଜି ଆରମ୍ଭ ହୋଇଥିବା ବେଳେ, ଆସନ୍ତା ୧୬ ତାରିଖ ଠାରୁ ବାରିପଦା ଷ୍ଟାଡିୟମ ପଡିଆରେ ଫୁଟବଲ ଏବଂ ଭଲିବଲ ପ୍ରତିଯୋଗିତା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କ୍ରୀଡା ଉତ୍ସବରେ ପୌରାଞ୍ଚଳର ୧୩୨ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି। ଆଜିର ଉଦଘାଟନୀ ଉତ୍ସବରେ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ପୌର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଅମର ସେଠୀ, କାଉନସିଲର ଅନନ୍ତ ଦାସ, ଦେବାଶିଷ ପାତ୍ର, ପ୍ରଶାନ୍ତ ବେହେରା, ମୂର୍ଚ୍ଛନା ମହାନ୍ତି, ପ୍ରଭାତି ପୃଷ୍ଟି, ଜିତା ସିଂ, ଶ୍ରୀମତ ମୁର୍ମୁ, ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ସବିତା ପାଲ ପ୍ରମୁଖ ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo